



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-218 ◆TUESDAY ◆3 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୧୮ ◆ମଙ୍ଗଳବାର ◆୩ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ରାଜ୍ୟରେ ୧୭ ନୂଆ ରେଳ ପ୍ରକଳ୍ପ

## ୨୦୨୬-୨୭ ରେଳ ବଜେଟରେ ଓଡ଼ିଶା ପାଇଁ ୧୦ ହଜାର ୯୨୮ କୋଟିର ବ୍ୟୟ ବରାଦ



- ପୁନଃବିକାଶ ପାଇଁ ୫୯ଟି ଷ୍ଟେସନ୍ ଚିହ୍ନଟ
- ୯୦,୬୫୯ କୋଟି ମୂଲ୍ୟର କାର୍ଯ୍ୟ ଜାରି
- ଚଳିତବର୍ଷ ଶେଷ ହେବ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ
- ହାତୀ ମୃତ୍ୟୁ ରୋକିବାକୁ ବିଛାହେବ ଅପ୍ଟିକାଲ ଫାଇବର
- ଲାଗିବ ଏଆଇ ଥର୍ମାଲ କ୍ୟାମେରା

■ ଭୁବନେଶ୍ୱର, ୨।୨ (ସମିସ): ୨୦୨୬-୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟରେ ଭାରତୀୟ ରେଳବାଇ ପାଇଁ ୨,୯୩,୦୩୦ କୋଟି ଟଙ୍କାର ରେକର୍ଡ ପୁଞ୍ଜି ବ୍ୟୟ ଯୋଜନା କରାଯାଇଛି। ଏହା ଭାରତୀୟ ରେଳବାଇ ପାଇଁ ଏ ପର୍ଯ୍ୟନ୍ତ ସର୍ବାଧିକ ପୁଞ୍ଜି ଖର୍ଚ୍ଚ ଏବଂ ଆବଣ୍ଟନ ବୋଲି କୁହାଯାଉଛି। ଏଥିରେ ଓଡ଼ିଶା ପାଇଁ ରେଳ ବଜେଟରେ ୧୦,୯୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ଗତ ବର୍ଷ ମିଳିଥିବା ଅନୁଦାନଠୁ ଅଧିକ। ୨୦୨୫-୨୬ ଆର୍ଥିକବର୍ଷର ରେଳ ବଜେଟରେ ଓଡିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଥିଲା। ଚଳିତ ଥର ରେଳ ବଜେଟରେ ଓଡ଼ିଶା ପାଇଁ ୧୭ ନୂଆ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରହିଛି। ଏହାଛଡା ଅମୃତ ଷ୍ଟେସନ ଯୋଜନା ଅଧୀନରେ ରାଜ୍ୟରେ ୫୯ଟି ଷ୍ଟେସନର ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଥିବା ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଚଳିତଥର ବଜେଟରେ ବଜେଟରେ ଏକ ନୂତନ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ଘୋଷଣା କରାଯାଇଛି, ଯାହା ରେଳବାଇର ମାଲ ପରିବହନକୁ ଦ୍ରୁତ, ଶସ୍ତା ଏବଂ ଅଧିକ ଦକ୍ଷ କରିବ। ପୂର୍ବ-ପଶ୍ଚିମ ଉତ୍ସର୍ଗୀକୃତ ମାଲ ପରିବହନ କରିଡର ସୁରତ (ଗୁଜରାଟ) ରୁ ଡାଙ୍କୁନି (ପଶ୍ଚିମବଙ୍ଗ) ▶ପୃଷ୍ଠା-୭

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର



- ୭ ପ୍ରତିଶତ ଶୁଳ୍କ ହ୍ରାସ କଲା ଆମେରିକା
- ମୋଦୀଙ୍କ ସହ ଫୋନ୍‌ରେ କଥା ହେଲେ ଟ୍ରମ୍ପ



■ ୱାଶିଂଟନ, ୨।୨ (ଏଜେନ୍ସି): ଦୀର୍ଘ ଦିନର ମୂଲଚାଲ ପରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ରାତିରେ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ସେ ଭାରତ ଉପରୁ ଜବାବୀ ଶୁଳ୍କ (ରେସିପ୍ରୋକାଲ) ମଧ ହ୍ରାସ କରିଦେଇଛନ୍ତି। ୨୫ ପ୍ରତିଶତ ଶୁଳ୍କକୁ ୭% ହ୍ରାସ କରି ୧୮% କରିଛନ୍ତି। ମାତ୍ର ରୁଷରୁ ଅଶୋଧିତ ତୈଳ କିଣିବା ନେଇ ଭାରତ ଉପରେ ଲଗାଯାଇଥିବା ୨୫ପ୍ରତିଶତ ଶୁଳ୍କକୁ ଆମେରିକା ଅପରିବର୍ତ୍ତିତ ରଖିଛି। ଫଳରେ ଭାରତ ଉପରେ ଆମେରିକା ଲଗାଇଥିବା ମୋଟ ଶୁଳ୍କ ୪୩ପ୍ରତିଶତକୁ ଖସି ଆସିଛି। ଏହା ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ।

ଟ୍ରମ୍ପ କହିଛନ୍ତି ଯେ ସେ ଆଜି ସକାଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ। ସେ ମୋଦୀଙ୍କୁ ମହାନ ବନ୍ଧୁ, ଶକ୍ତିଶାଳୀ ନେତା କହିଛନ୍ତି। ଉଭୟ ନେତା ବାଣିଜ୍ୟ, ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଆଦି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରୁଷରୁ ତୈଳ କ୍ରୟ ବନ୍ଦ କରିବା ପାଇଁ ମୋଦୀ ରାଜି ହୋଇଛନ୍ତି। ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ତୈଳ କ୍ରୟ କରିବାକୁ କହିଛନ୍ତି। ଏହା ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ। ଏହି ଯୁଦ୍ଧରେ ପ୍ରତ୍ୟେକ ସପ୍ତାହରେ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି। ମୋଦୀଙ୍କ ଅନୁରୋଧରେ ତୁରନ୍ତ ବାଣିଜ୍ୟ ଚୁକ୍ତି କରିବାକୁ ସହମତି ପ୍ରକାଶ ପାଇଛି। ଏହି କ୍ରମରେ ଆମେରିକା ରେସିପ୍ରୋକାଲ ଶୁଳ୍କକୁ ହ୍ରାସ କରିଛି। ଏହା ବଦଳରେ ଆମେରିକା ସାମଗ୍ରୀ ଉପରେ ଭାରତ ଶୂନ ପ୍ରତିଶତ ଶୁଳ୍କ ଲଗାଇବ। ଅଧିକ ଆମେରିକୀୟ ସାମଗ୍ରୀ କିଣିବା ପାଇଁ ମଧ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି। କୃଷି, ପ୍ରଯୁକ୍ତିବିଦ୍ୟା, କୋଇଲା, ଶକ୍ତି ଆଦିର ୫୦୦ ବିଲିୟନ ଡଲାରର ଅତିରିକ୍ତ କାରବାର କରାଯିବ ବୋଲି କହିଛନ୍ତି। ଦୁଇ ଦେଶର ବନ୍ଧୁତା ଆହୁରି ନିବିଡ଼ ହେବ। ମୋଦୀ ଏବଂ ମୁଁ କାମ କରି ଦେଖାଉ ବୋଲି ଟ୍ରମ୍ପ କହିଛନ୍ତି।


### ଓଡ଼ିଶାରେ ଜାତୀୟ ଜଳପଥ-୫

# ଖାତା ପୁରୁଣା; ମଲାଟ ନୂଆ

- କାଣିଚାଏ ଆଗେଇନି ୨୦୦୮ ରୁ ଘୋଷିତ ଜଳପଥ ପ୍ରକଳ୍ପ
- କାର୍ଯ୍ୟାନ୍ୱୟନରେ ରହିଛି ଏକାଧିକ ଭୌଗୋଳିକ ବାଧକ
- ଶୁଷ୍କ ନଦୀରେ କେମିତି ଚାଲିବ ମାଲ୍ ବୋଝେଇ ଜାହାଜ
- ଦଶନ୍ଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ଆଶଙ୍କା

■ ଭୁବନେଶ୍ୱର, ୨।୨ (ସମିସ): ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ଉପସ୍ଥାପନ ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ନୂଆ ୨୦ଟି ଜାତୀୟ ଜଳମାର୍ଗକୁ ବିକାଶ କରି କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ଜାତୀୟ ଜଳମାର୍ଗ ୫କୁ ସାମିଲ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ଓଡ଼ିଶାରେ ଶାସକ ଦଳର ନେତାମାନେ ଆନନ୍ଦରେ କୁରୁଳି ଉଠୁଛନ୍ତି। ମାତ୍ର ୨୦୦୮ ମସିହାରେ ତତ୍କାଳୀନ ୟୁପିଏ ସରକାରଙ୍କ ଦ୍ୱାରା ଘୋଷିତ ଏହି ଜଳପଥ ୧୮ ବର୍ଷ ପରେ ବି କେନ୍ଦ୍ର ସରକାରଙ୍କ ▶ପୃଷ୍ଠା-୭

# ଦଲାଇ ଲାମାଙ୍କୁ 'ଗ୍ରାମୀ'



■ ଏସ୍ ଏଞ୍ଜେଲ୍ସ, ୨।୨(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲ୍ସରେ ୬୮ ତମ ଗ୍ରାମୀ ପୁରସ୍କାର ୨୦୨୬ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆମେରିକୀୟ ର୍‍ୟାପର ତଥା ଗୀତିକାର କେଣ୍ଡ୍ରିକ ଲାମାର 'ବେଷ୍ଟ ର୍‍ୟାପ୍ ଆଲବମ୍' ପୁରସ୍କାର ଜିତି ଇତିହାସ ସୃଷ୍ଟି କରିଛନ୍ତି। କେଣ୍ଡ୍ରିକ ଲାମାର ଏହି ବର୍ଷ ୯ଟି ବିଭାଗରେ ମନୋନୀତ ହୋଇଥିଲେ। ତାଙ୍କ ପାଖରେ ଏବେ ମୋଟ୍ ଉପରେ ୨୮ ଟି ଗ୍ରାମୀ ପୁରସ୍କାର ଅଛି। ବେଷ୍ଟ ର୍‍ୟାପ୍ ଆଲବମ୍ ଓ ବେଷ୍ଟ ର୍‍ୟାପ ସଙ୍ଗ ଜିତି ସେ ହିପ୍- ହପ୍ ସଙ୍ଗୀତ ଦୁନିଆରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିସହ କେଣ୍ଡ୍ରିକ ପ୍ରସିଦ୍ଧ ର୍‍ୟାପର୍ ଜେ- ▶ପୃଷ୍ଠା-୭

# ରାହୁଲଙ୍କ ପାଇଁ ସଂସଦ ଅଚଳ



- ଜେନେରାଲ ନର୍‌ବାଣେଙ୍କ ଲେଖାକୁ ନେଇ ସରକାର-ବିରୋଧୀ ମୁହାଁମୁହିଁ
- ରାହୁଲଙ୍କୁ ବିରୋଧ କଲେ ରାଜନାଥ, ଅମିତ୍ ଶାହା

■ ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପାଇଁ ଆଜି ଲୋକସଭା ଅଚଳ ହୋଇପଡ଼ିଛି। ୨୦୨୦ରେ ଲଦାଖରେ ଭାରତ-ଚୀନ ସଂଘର୍ଷ ନେଇ ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଏମ୍ଏନ୍ ନର୍ବାଣେ ତାଙ୍କ ଅପ୍ରକାଶିତ ପୁସ୍ତକରେ ଲେଖିଥିବା କିଛି ଅଂଶକୁ ପଢ଼ିବା ଲାଗି ରାହୁଲ ଉଦ୍ୟମ କରିବାରୁ ଗୃହରେ ହଙ୍ଗାମା ସୃଷ୍ଟି ହୋଇଥିଲା। ପ୍ରକାଶ ପାଇନଥିବା ପୁସ୍ତକର କୌଣସି ଲେଖାକୁ ଗୃହରେ ଉଦ୍ଧାର କରାଯାଇପାରିବ ନାହିଁ ବୋଲି ସରକାରୀ ଦଳ ଯୁକ୍ତି କରି ରାହୁଲଙ୍କୁ ବିରୋଧ କରିଥିଲେ। ଏହାସତ୍ତ୍ୱେ ରାହୁଲ ପଢ଼ିବାକୁ ଚେଷ୍ଟା କରିବାରୁ ହଙ୍ଗାମା ପରିସ୍ଥିତି ସୃଷ୍ଟି ▶ପୃଷ୍ଠା-୭

# ସମ୍ବଲପୁର ଓ ପୁରୀ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

- ୱାର୍ଡ ବିଭାଜନ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ
- ମାର୍ଚ୍ଚ ୨ ଅଭିଯୋଗ ଦାଖଲ କରିବାର ଶେଷ ତାରିଖ

■ ଭୁବନେଶ୍ୱର, ୨।୨ (ସମିସ): ସମ୍ବଲପୁର ମହାନଗର ନିଗମ ଏବଂ ପୁରୀ ମହାନଗର ନିଗମରେ ନିର୍ବାଚନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଜାରି ଏକ ଚିଠିରେ ଉଭୟ ମହାନଗର ନିଗମରେ ସହରକୁ ୱାର୍ଡରେ ବିଭାଜନ ଏବଂ ଆସନ ▶ପୃଷ୍ଠା-୭

## ନୂଆ ପୌରାଞ୍ଚଳରେ ବି ହେବ ନିର୍ବାଚନ

- ସୀମା ପୁନଃ ନିର୍ଦ୍ଧାରଣ, ସଂରକ୍ଷଣ ପ୍ରକ୍ରିୟା ମାର୍ଚ୍ଚ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ
- ମାର୍ଚ୍ଚ ୩୧ରେ ଚୂଡ଼ାନ୍ତ ବିଜ୍ଞପ୍ତି

■ ଭୁବନେଶ୍ୱର, ୨।୨ (ସମିସ): ରାଜ୍ୟରେ ନୂଆକରି ଘୋଷିତ ହୋଇଥିବା ୨୮ଟି ନୂତନ ଏନ୍ଏସି ସମେତ ଓଡ଼ଗାଁ ଏନ୍ଏସି ଏବଂ ୭ଟି ପୌରପାଳିକାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ନୂତନ ସ୍ଥାନୀୟ ▶ପୃଷ୍ଠା-୭






### ସରକାରଙ୍କୁ ରାଜସ୍ୱ ଚିନ୍ତା

# ରୟାଲଟିର ୨ ଗୁଣ ହେବ ଲଘୁ ଖଣିଜ ଅତିରିକ୍ତ ଶୁଳ୍କ

■ ଭୁବନେଶ୍ୱର, ୨।୨ (ସମିସ): ଲଘୁ ଖଣିଜ ଉତ୍ସରୁ ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଏହାର ବୃଦ୍ଧି ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜସ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଲଘୁ ଖଣିଜର ଅତିରିକ୍ତ ଶୁଳ୍କକୁ ରୟାଲଟିର ଦୁଇ ଗୁଣ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏନେଇ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ (ଓଏମ୍ଏମ୍ସି ନିୟମ, ୨୦୧୬) ର ଉପନିୟମ ୧୨ର ଧାରା (ବିଏ) ଅନୁଯାୟୀ ରାଜ୍ୟ ସରକାର ଏହି କ୍ଷମତା ବ୍ୟବହାର କରି ନିଷ୍ପତ୍ତି ନେଇଛନ୍ତି।

ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ ଲଘୁ ଖଣିଜର ଅତିରିକ୍ତ ଶୁଳ୍କ ରୟାଲଟିର ଦୁଇ ଗୁଣ ହେବ। ଏହି ଅତିରିକ୍ତ ଶୁଳ୍କକୁ ରାଜ୍ୟ ସରକାର ସମୟାନ୍ତରରେ ସମୀକ୍ଷା କରିବେ ଏବଂ ଆବଶ୍ୟକ ଅନୁଯାୟୀ ପରିବର୍ତ୍ତନ କରିପାରିବେ। ▶ପୃଷ୍ଠା-୭




## ଚିକେନ ନେକ୍‌ରେ ଭୂତଳ ରେଳପଥ ନିର୍ମାଣ କରିବ କେନ୍ଦ୍ର

ଗୌହାଟୀ, ୨।୨(ଏଜେନ୍ସି): ଉତ୍ତରପୂର୍ବାଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଏ ନେଇ ସୂଚନା ଦେଇଛନ୍ତି। ସାମରିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା 'ଚିକେନ ନେକ' ଅଞ୍ଚଳରେ ବା ସିଲିଗୁଡ଼ି କରିଡ଼ରରେ 'ଉତ୍ତର- ପୂର୍ବ ସୀମାନ୍ତ ରେଳପଥ'(ଏନ୍‌ଏଫ୍‌ଆର୍) ଏକ ସ୍ୱତନ୍ତ୍ର ରେଳମାର୍ଗ ବିକଶିତ କରିବ। ଏହି ପ୍ରକଳ୍ପ ମାଧ୍ୟରେ ଟିନ୍ ମାଇଲରୁ ରଙ୍ଗାନଦୀ ପର୍ଯ୍ୟନ୍ତ ଏକ ୪୦ କିମି ଲମ୍ବା ଭୂତଳ ଟନେଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ତେବେ ଚିକେନ ନେକ୍‌ର ଚଉଡ଼ା ୨୨ କିମି ରହିଛି। ଏହା ଦ୍ୱାରା ଭାରତର ମୁଖ୍ୟ ଭୂଖଣ୍ଡ ସହିତ ଉତ୍ତର-ପୂର୍ବ ସଂଯୋଗୀକରଣ ସୁରକ୍ଷିତ ହୋଇପାରିବ। କେନ୍ଦ୍ରୀୟ ବଜେଟ୍‌ରେ ଏନ୍‌ଏଫ୍‌ଆର୍ ପାଇଁ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚନା ଦେଇ ବୈଷ୍ଣବ କହିଛନ୍ତି ଯେ, ଉତ୍ତରପୂର୍ବକୁ ଯୋଡୁଥିବା ୪୦ କିମିର ଏହି ରଣନୈତିକ କରିଡ଼ର ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ଏହି ମାର୍ଗରେ ଭୂତଳ ରେଳ ଲାଇନ୍ ବିଛାଯିବା ସହ ବର୍ତ୍ତମାନର ଲାଇନ୍‌କୁ ୪-ଲେନ ଟ୍ରାକରେ ପରିଣତ କରିବାକୁ ଯୋଜନା ଚାଲିଛି। ଏନ୍‌ଏଫ୍‌ଆର ଜେନେରାଲ ମ୍ୟାନେଜର ଚେତନ କୁମାର ଶ୍ରୀବାସ୍ତବ କହିଛନ୍ତି ଯେ ପଶ୍ଚିମବଙ୍ଗର ଟିନ୍ ମାଇଲ ହାଟ ଓ ରଙ୍ଗାପାଣି ରେଳ ଷ୍ଟେସନ ମଧ୍ୟରେ ଏହି ଭୂତଳ ସେକ୍ସନ ନିର୍ମାଣ ହେବ। ଏହା ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚୀନ୍ ଓ ବାଂଲାଦେଶର ଗତିବିଧି ଭାରତ ବିପକ୍ଷରେ ଯାଉଥିବାର ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି।

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ: ଜାତିଗତ ଜନଗଣନାରେ ଖାଲି ସ୍ୱଘୋଷଣା ନ ରହୁ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି):ଆସନ୍ତା ବର୍ଷ ହେବାକୁ ଥିବା ଜାତିଗତ ଜନଗଣନା କେବଳ ସ୍ୱଘୋଷଣା ଆଧାରରେ ନ ହେବା ଉଚିତ। ଏହା ପରିବର୍ତ୍ତେ କୌଣସି ଭରସାଯୋଗ୍ୟ ଉପାୟ କିମ୍ବା ପ୍ରମାଣ ଆଧାରରେ ଏହା କରାଯିବ ଆବଶ୍ୟକ। ଯାଞ୍ଚ ହୋଇ ନ ଥିବା ପ୍ରମାଣପତ୍ର ଆଧାରରେ କାହାକୁ ସାମିଲ କିମ୍ବା ବାହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକ୍ତା ଗୁପ୍ତା ସ୍ୱଘୋଷଣାକୁ ବିରୋଧ କରିଥିଲେ। ଏହି ତଥ୍ୟ ବିଭିନ୍ନ ଯୋଜନା, ସଂରକ୍ଷଣ ଏବଂ ନୀତିର ଆଧାର ହୋଇଥିବାରୁ ଖାଲି ସ୍ୱଘୋଷଣାରେ ସୀମିତ ରଖିବା ଅନୁଚିତ ବୋଲି କହିଥିଲେ। ଖଣ୍ଡପୀଠ ମଧ୍ୟ ଏହା ଉପରେ ସହମତି ପ୍ରକାଶ କରି କହିଥିଲେ ଯେ ଜନଗଣନା ଏକ ସ୍ୱତନ୍ତ୍ର ଏବଂ ଯାନ୍ତ୍ରିକ ପ୍ରକ୍ରିୟା। ତଥ୍ୟ କେମିତି ସଂଗ୍ରହ କରାଯିବ ତାହା ଅଧିକାରୀ ଏବଂ ବିଶେଷଜ୍ଞ ସ୍ଥିର କରିବା ଉଚିତ। ଆବେଦନକାରୀ ଉଚିତ ପ୍ରସଙ୍ଗ ଉଠାଇଛନ୍ତି। ଅଧିକାରୀ ଏଥିପ୍ରତି ସମ୍ବେଦନଶୀଳ ହେବା ଉଚିତ। ଏହା ସତ୍ତ୍ୱେ ଭୁଲ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ବିଶେଷଜ୍ଞଙ୍କ ସହାୟତା ନେଇ ମଜବୁତ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଦିଗକୁ ବିଚାରକୁ ନେଇ ଏହା ଉପରେ ବିଚାର କରିବାକୁ ଅଧିକାରୀଙ୍କୁ କହିଛନ୍ତି।

### ଚୀନ୍ ସେନାରେ ବଡ଼ ଦୁର୍ନୀତି

## ମିସାଇଲରେ ଇନ୍ଧନ ବଦଳରେ ପାଣି ଭର୍ତ୍ତି କରାଗଲା

ନୂଆଦିଲ୍ଲୀ, ୨।୨(ଏଜେନ୍ସି): ପୁଣିଥରେ ଚୀନ୍ ସେନାରେ ବଡ଼ ଦୁର୍ନୀତି ଖବର ସାମ୍ନାକୁ ଆସିଛି। ବ୍ରିଟିଶ ଖବର କାଗଜ 'ଦି ଡେଲି ଟେଲିଗ୍ରାଫ୍'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପଶ୍ଚିମ ଚୀନ୍‌ରେ ଥିବା କିଛି କ୍ଷେପଣାସ୍ତ୍ରରେ ଇନ୍ଧନ ବଦଳରେ ପାଣି ଭର୍ତ୍ତି କରାଯାଇଥିବା ଆମେରିକୀୟ ଗୁପ୍ତଚର ସଂସ୍ଥା ତରଫରୁ ସୂଚନା ମିଳିଛି। ପୁଣି ଯେଉଁ ସାଇଲୋରେ ମିସାଇଲଗୁଡ଼ିକ ଉତ୍‌କ୍ଷେପଣ ହେବାର ଥିଲା, ସେଗୁଡ଼ିକ ମଧ୍ୟ ଠିକ୍ ଅବସ୍ଥାରେ ନାହିଁ। ଏହି ସାଇଲୋଗୁଡ଼ିକର ନିର୍ମାଣ ଏତେ ନିମ୍ନମାନର ଥିଲା ଯେ ସେଗୁଡିକର ଢାଙ୍କୁଣୀ ମଧ୍ୟ ଖୋଲିବା ସମ୍ଭବ ହୋଇନାହିଁ। ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବା ମାତ୍ରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍ଏ) ର ରକେଟ ଫୋର୍ସର ସମସ୍ତ ଶୀର୍ଷ ଅଧିକାରୀମାନଙ୍କୁ ପଦରୁ ହଟାଇ ଦେଇଛନ୍ତି। ତେବେ ଏହା କେବଳ ଦୁର୍ନୀତି ବିରୋଧରେ ପଦକ୍ଷେପ ନୁହେଁ, ବରଂ ଏହା ଏକ ନିୟନ୍ତ୍ରଣର ଲଢ଼େଇ। ଜିନପିଙ୍ଗ ଚାହୁଁଛନ୍ତି ଯେ, ସେନା ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହୁ। ସେନା ଏପରି ଏକ ଶକ୍ତିଶାଳୀ ବାହିନୀରେ ପରିଣତ ହେଉ, ଯିଏ ଆବଶ୍ୟକ ସ୍ଥଳେ ତାଇୱାନ ଉପରେ ଆକ୍ରମଣ କରିପାରିବ। ୨୦୪୯ ସୁଦ୍ଧା ଚୀନ ସେନାକୁ ଆମେରିକାଠାରୁ ଅଧିକ ଶକ୍ତିଶାଳୀ କରିବାକୁ ଜିନପିଙ୍ଗଙ୍କ ଲକ୍ଷ୍ୟ ରହିଛି ବୋଲି କୁହାଯାଉଛି। ସିଆଇଏର ପୂର୍ବତନ ବିଶେଷଜ୍ଞ ଜୋନାଥନ ଜିନ କହିଛନ୍ତି ଯେ, ଏହି ଅଭିଯାନର ପରିସର ଅତ୍ୟନ୍ତ ବ୍ୟାପକ। ଗୋଟିଏ ପଟେ ଦୁର୍ନୀତି ସେନାକୁ ଦୁର୍ବଳ କରୁଥିବା ବେଳେ ଅନ୍ୟପଟେ ଜିନପିଙ୍ଗ୍ ଏହି ପ୍ରସଙ୍ଗକୁ ବ୍ୟବହାର କରି ସେନାକୁ ନିଜ ରାଜନୈତିକ ଓ ରଣନୈତିକ ଲକ୍ଷ୍ୟ ଅନୁଯାୟୀ ପ୍ରସ୍ତୁତ କରୁଛନ୍ତି।

## ଧର୍ମାନ୍ତରଣ ଆଇନକୁ ବିରୋଧ; ୧୨ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ଧର୍ମାନ୍ତରଣ ବିରୋଧୀ ଆଇନର ସାମ୍ବିଧାନିକ ବୈଧତାକୁ ଖ୍ରୀଷ୍ଟିଆନ ସଂସ୍ଥା 'ନ୍ୟାସନାଲ କାଉନସିଲ ଅଫ ଚର୍ଚ୍ଚେସ୍ ଇନ ଇଣ୍ଡିଆ' ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହି ଜନସ୍ୱାର୍ଥ ମାମଲା (ଜିଆଇଏଲ) ର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଏବଂ ରାଜସ୍ଥାନ, ଅରୁଣାଚଳ ପ୍ରଦେଶ ଭଳି ୧୨ ରାଜ୍ୟଙ୍କୁ ନୋଟିସ ଜାରି କରିଛନ୍ତି। ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନସିସିଆଇ ପକ୍ଷରୁ ବରିଷ୍ଠ ଓକିଲ ମୀନାକ୍ଷୀ ଆରୋରା ଧାର୍ମିକ ସ୍ୱାଧୀନତା ଆଧାରରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ଛତିଶଗଡ଼, ଅରୁଣାଚଳ ଏବଂ ଓଡ଼ିଶାରେ ଥିବା ଆଇନ ଉପରେ ରୋକ ଲଗାଇବାକୁ ଦାବି କରିଥିଲେ।

## ବେଲୁଚିସ୍ତାନ ଆକ୍ରମଣରେ ଦୁଇ ମହିଳା ଆତ୍ମଘାତୀ



କ୍ୱୋଟା, ୨।୨(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଶନିବାର ହୋଇଥିବା ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ନିଜକୁ ଦାୟୀ କରିଛି। ଏହି ଆକ୍ରମଣରେ ବିଏଲ୍‌ଏର ଦୁଇଜଣ ମହିଳା ଆତ୍ମଘାତୀ ଆତଙ୍କବାଦୀ ସାମିଲ ରହିଛନ୍ତି। ବିଏଲ୍ଏ ମଧ୍ୟ ଏହି ଦୁଇ ମହିଳାଙ୍କ ଫଟୋ ଜାରି କରିଛି। ଏହି ଦୁଇ ମହିଳାଙ୍କ ମଧ୍ୟରୁ ଜଣଙ୍କର ପରିଚୟ ହେଉଛି, ୨୪ ବର୍ଷୀୟା ଆସିଫା ମେଙ୍ଗଲ। ଏହି ଆକ୍ରମଣରେ ୧୭ ଜଣ ସୁରକ୍ଷା କର୍ମୀଙ୍କ ସହ ୫୦ଜଣ ପ୍ରାଣ ହରାଇଥିଲେ। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତି ରବିବାର ସୂଚନା ଦେଇଛନ୍ତି ଯେ, ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନ ୪୦ ଘଣ୍ଟା ଧରି ଚାଲିଥିଲା ଓ ଏଥିରେ ୧୪୫ରୁ ଊର୍ଦ୍ଧ୍ୱ ବିଦ୍ରୋହୀ ମୃତ୍ୟୁବରଣ କରିଥିଲେ। ଦୁଇଟି ପୃଥକ ଆକ୍ରମଣରେ ଏହି ମହିଳା ଆତ୍ମଘାତୀ ଆତଙ୍କବାଦୀମାନେ ସାମିଲ ଥିଲେ। ବିଏଲ୍ଏ ଦେଇଥିବା ସୂଚନା ଅନୁଯାୟୀ, ଆସିଫା ମେଙ୍ଗଲ ହେଉଛନ୍ତି ମହମ୍ମଦ ଇସମାଇଲଙ୍କ ଝିଅ ଓ ସେ ବେଲୁଚିସ୍ତାନର ନିସ୍କୁ ଅଞ୍ଚଳର ବାସିନ୍ଦା ଥିଲେ। ୨୦୦୨ ଅକ୍ଟୋବର ୨ରେ ଜନ୍ମିତ ଆସିଫା ନିଜର ୨୧ତମ ଜନ୍ମଦିନରେ ବିଏଲଏର ମଜିଦ ବ୍ରିଗେଡ଼ରେ ସାମିଲ ହୋଇଥିଲେ। ଆସିଫା ୨୦୨୪ରେ ଫିଦାୟୀନ ହେବାକୁ ନିଷ୍ପତ୍ତି ନେଇଥିଲେ ଓ ସେ ଶନିବାର ନିସ୍କୁସ୍ଥିତ ଆଇଏସ୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ଟାର୍ଗେଟ କରିଥିଲେ। ଅବଶ୍ୟ ଦ୍ୱିତୀୟ ଆତ୍ମଘାତୀ ମହିଳାଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ।

## ଗର୍ଭନିରୋଧକ ବଟିକାରେ ରୋକ୍ ଲଗାଇଲା ତାଲିବାନ




କାବୁଲ୍, ୨।୨(ଏଜେନ୍ସି): ଆଫଗାନିସ୍ତାନ ତାଲିବାନ ସରକାର ମହିଳାମାନଙ୍କ ପାଇଁ ଗର୍ଭନିରୋଧକ ବଟିକା ଉପରେ କଟକଣା ଲଗାଇଛନ୍ତି। ଯଦି ଡାକ୍ତରମାନେ ଔଷଧ ଦେଉଛନ୍ତି, ତେବେ କ୍ଲିନିକ ବନ୍ଦ କରିଦେବେ ବୋଲି ତାଲିବାନ ଧମକ ଦେଉଛନ୍ତି। ଦେଶସାରା କ୍ଲିନିକ୍ ମଧ୍ୟ ବନ୍ଦ ହେଉଛି। ଫଳରେ ମହିଳାମାନେ ଗର୍ଭଧାରଣ କିମ୍ବା ଗର୍ଭପାତ ସମୟରେ ଆବଶ୍ୟକୀୟ ଚିକିତ୍ସା ପାଇପାରୁ ନାହାନ୍ତି। ବାଦଗିସ୍ ରାଜ୍ୟରେ ଏକ ଘରୋଇ କ୍ଲିନିକକୁ ଚେତାବନୀ ଦେବା ପରେ ସମସ୍ତ ଔଷଧକୁ ନଷ୍ଟ କରିଦିଆଯାଇଛି। ତାଲିବାନ କ୍ଷମତାକୁ ଆସିବା ପରେ ଦେଶରୁ ଗର୍ଭନିରୋଧ ବଟିକା ଦ୍ରୁତଗତିରେ ଶେଷ ହେବାରେ ଲାଗିଛି। ଦେଶରେ ପୁରୁଷ ଡାକ୍ତରଙ୍କଠାରୁ ସିଧାସଳଖ ଚିକିତ୍ସା ନେବାରେ ବାରଣ କରାଯାଉଛି ବୋଲି କୁହାଯାଉଛି। ଫଳରେ ମହିଳାମାନଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଦେଶରେ ୩୬ ବର୍ଷ ମହିଳାମାନେ ୯ ଟି, ୪୨ ବର୍ଷର ମହିଳା ୧୨ ସନ୍ତାନର ମା ହେଉଥିବା ଲକ୍ଷ୍ୟ କରାଯାଇଛି। ମହିଳାମାନେ ଅସମୟରେ ବାର୍ଦ୍ଧକ୍ୟ ଜନିତ ସମସ୍ୟାର ଶିକାର ହେଉଛନ୍ତି। ପୂର୍ବରୁ ମଧ୍ୟ ତାଲିବାନ ଶାସନରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ବାଳିକାଙ୍କୁ ମାଧ୍ୟମିକ ଓ ଉଚ୍ଚଶିକ୍ଷା ନିଷିଦ୍ଧ କରିଛି। ସରକାରୀ ଓ ବେସରକାରୀ କ୍ଷେତ୍ରରେ ମହିଳାଙ୍କୁ କାର୍ଯ୍ୟ କରିବା ଉପରେ ରୋକ ଲଗାଯାଇଛି। ପୁଣି ପୁରୁଷ ଓ ଅଭିଭାବକଙ୍କ ବିନା ମହିଳାମାନେ ବାହାରକୁ ଯାଇପାରିବେ ନାହିଁ। ମହିଳାମାନଙ୍କୁ ସମ୍ପୂର୍ଣ୍ଣ ହିଜାବ କିମ୍ବା ବୁର୍ଖା ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ମହିଳାମାନେ ମଧ୍ୟ ମନୋରଞ୍ଜନ ଓ ଖେଳକୁଦରେ ଭାଗ ନେଇପାରିବେ ନାହିଁ।

### ଅନ୍ତର୍ଜାତୀୟ କୋର୍ଟରେ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ମାମଲା

## ଶୁଣାଣିରେ ସାମିଲ ହେବାକୁ ମନାକଲା ଭାରତ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ କରିଦେଇଛି। ଏହାକୁ ପୁଣି ଥରେ କାର୍ଯ୍ୟକାରୀ କରିବା ପାଇଁ ପାକିସ୍ତାନ କରିଥିବା ଚକ୍ରାନ୍ତକୁ ଭାରତ ଭଣ୍ଡୁର କରିଦେଇଛି। ଭାରତର ନିଷ୍ପତ୍ତିକୁ ବିରୋଧ କରି ପାକିସ୍ତାନ ହେଗ୍ ସ୍ଥିତ କୋର୍ଟ ଅଫ ଆର୍ବିଟେସନ (ସିଓଏ)ଙ୍କ ଦ୍ୱାରସ୍ଥ ହୋଇଛି। ଆଇଡବ୍ଲ୍ୟୁଟି ଅଧୀନରେ ଗଠିତ ଏହି କୋର୍ଟ ଶୁଣାଣିରେ ସାମିଲ ହେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ମାତ୍ର ଭାରତ ସରକାର ସିଓଏର କାର୍ଯ୍ୟଧାରାକୁ ଗ୍ରହଣ କରିନାହାନ୍ତି। ଏହି କୋର୍ଟକୁ ବେଆଇନ କହି ଖଣ୍ଡନ କରିଦେଇଛନ୍ତି। ଏହି କୋର୍ଟର କୌଣସି ପ୍ରକ୍ରିୟାରେ ସାମିଲ ହେବୁନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଭାରତ ପକ୍ଷରୁ କୁହାଯାଇଛି ଯେ ସିନ୍ଧୁ ଚୁକ୍ତିକୁ ସ୍ଥଗିତ କରାଯାଇଥିବା ବେଳେ ଏହା ଅଧୀନରେ ଗଠିତ କୌଣସି ସଂସ୍ଥାର ଜବାବ ଦେବାକୁ ସରକାର ବାଧ୍ୟ ନୁହନ୍ତି।

ସୂଚନା ଅନୁଯାୟୀ, ନେଦରଲାଣ୍ଡର ପିସ ପ୍ୟାଲେସ ଆଜି ଏବଂ ମଙ୍ଗଳବାର ଏହି ମାମଲାର ଶୁଣାଣି ହୋଇଥାନ୍ତା। କୋର୍ଟ ଭାରତକୁ ବଗଲିହାର ଏବଂ କିଶନଗଙ୍ଗା ହାଇଡ୍ରୋ ପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ 'ପୋଣ୍ଡେଜ ଲଗବୁକ' କାଗଜପତ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଭାରତ ଏହାର ଜବାବ ଦେବାକୁ ମନା କରିଦେଇଛି। ଗତ ୨୪ ତାରିଖରେ ହୋଇଥିବା ଶୁଣାଣିରେ କୋର୍ଟ କହିଥିଲେ ଯେ ଯଦି ଭାରତ ଉପସ୍ଥିତ ନ ରୁହେ ତେବେ କେବଳ ପାକିସ୍ତାନର ପକ୍ଷ ଶୁଣାଯିବ। ଏହା ପରେ ୨୯ ତାରିଖରେ କୋର୍ଟ ଭାରତକୁ ଦୁଇ ପ୍ରକଳ୍ପର ଅପରେସନାଲ ରେକର୍ଡ ମାଗି ଚେତାବନୀ ଦେଇଥିଲେ। ରେକର୍ଡ ନ ଦେଲେ ପ୍ରତିକୂଳ ରାୟ ଆସିବ ବୋଲି କହିଥିଲେ। ଭାରତ ଏହି ଚୁକ୍ତି ସ୍ଥଗିତ ରଖିଥିଲେ ବି କୋର୍ଟଙ୍କ ଅଧିକାର ସୀମା ପ୍ରଭାବିତ ହେବ ନାହିଁ ବୋଲି ଉଲ୍ଲେଖ କରିଥିଲେ।



■ କୋର୍ଟ ବେଆଇନ; ନିର୍ଦ୍ଦେଶକୁ ମାନିବୁନି: ନୂଆଦିଲ୍ଲୀ

ଭାରତ ପକ୍ଷରୁ କୁହାଯାଇଥିଲା ଯେ ବର୍ତ୍ତମାନର ବିବାଦ ବୈଷୟିକ। ଏହାକୁ ନିରପେକ୍ଷ ବିଶେଷଜ୍ଞଙ୍କ ମାଧ୍ୟମରେ ସମାଧାନ କରାଯିବା ଉଚିତ। ସିନ୍ଧୁ ନଦୀର ପାଣିକୁ ନେଇ କୌଣସି ବିବାଦ ସୃଷ୍ଟି ହେଲେ ଏହାର ସମାଧନ ନିରପେକ୍ଷ ବିଶେଷଜ୍ଞଙ୍କ ଦ୍ୱାରା କରାଇବାର ବ୍ୟବସ୍ଥା ହୋଇଛି। ଆଇଡବ୍ଲ୍ୟୁଟିରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି। କୋର୍ଟ କୌଣସି ନିରପେକ୍ଷ ବିଶେଷଜ୍ଞ ନୁହନ୍ତି। ଏଥିରେ ସ୍ୱତନ୍ତ୍ର ଏବଂ ନିରପେକ୍ଷ ଯାନ୍ତ୍ରିକ ବିଶେଷଜ୍ଞ ସାମିଲ ରହିବା ଉଚିତ। ସେମାନେ ହିଁ ପାଣି ସମ୍ବନ୍ଧିତ ବୈଷୟିକ ପ୍ରଶ୍ନ ଉପରେ ରାୟ ଦେଇଥାନ୍ତି।

ସୂଚନାଯୋଗ୍ୟ ଯେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଗତ ବର୍ଷ ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ସିନ୍ଧୁ ନଦୀ ପ୍ରଣାଳୀରେ ଛଅଟି ନଦୀ ସିନ୍ଧୁ, ଝେଲମ, ଚେନାବ, ରବି, ବ୍ୟାସ ଏବଂ ସତଲେଜ ସାମିଲ ରହିଛି।

## ବାଂଲାଦେଶ, ନେପାଳ ଭଳି ସ୍ଥିତି ସୃଷ୍ଟି କରିବାକୁ ଚାହୁଁଥିଲେ ୱାଙ୍ଗଚୁକ୍: କେନ୍ଦ୍ର

ନୂଆଦିଲ୍ଲୀ, ୨।୨(ଏଜେନ୍ସି): କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଜଣାଶୁଣା ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ନେଇ ନିଜ ମତ ରଖିଛନ୍ତି। ୱାଙ୍ଗଚୁକ୍ ଲଦାଖକୁ ନେପାଳ କିମ୍ବା ବାଂଲାଦେଶ ଭଳି ରୂପାନ୍ତରିତ କରିବାକୁ ଚାହୁଁଥିଲେ। ଏମିତି ଜଣେ ବ୍ୟକ୍ତିଙ୍କୁ ଆଉ ଅଧିକ ଉତ୍ତେଜନାମୂଳକ କଥା କହିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ ବହୁ ଚର୍ଚ୍ଚିତ ଲଦାଖ ହିଂସା ମାମଲାରେ ୱାଙ୍ଗଚୁକଙ୍କ ଗିରଫ୍ ବିରୋଧରେ ଦାଖଲ ହୋଇଥିବା ମାମଲା ଉପରେ ଶୁଣାଣି କରିଥିଲେ। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ୱାଙ୍ଗଚୁକଙ୍କ ଭାଷଣରେ ଜାତୀୟ ସୁରକ୍ଷା ନେଇ ବିପଦ ଦୃଶ୍ୟମାନ ହେଉଛି। ସ୍ଥିତି ଦେଖି ଜିଲ୍ଲା ମାଜିଷ୍ଟ୍ରେଟ୍ ଗିରଫ କରିବାର ସଠିକ ନିଷ୍ପତ୍ତି ନେଇଥିଲେ। ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଭଳି ଉଦାହରଣ ଦେବା, ଯୁବପୀଢ଼ିକୁ ଉତ୍ତେଜିତ କରିବା ଓ ଦେଶର ଅଖଣ୍ଡତା ଓ ଏକତା ବିରୋଧରେ ପରିବେଶ ସୃଷ୍ଟି କରିବା ସହ ସମାନ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ଅପରାହ୍ଣରେ ହେବ। ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୪ରେ ଲଦାଖର ଲେହରେ ହୋଇଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ୨୬ ତାରିଖରେ ଜାତୀୟ ସୁରକ୍ଷା ଆଇନ ବଳରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି।






## ନିର୍ବାଚନ କମିସନ ଉପରେ ବର୍ଷିଲେ ମମତା

ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧୀ ଲଢ଼େଇକୁ ଜୋରଦାର କରିଛନ୍ତି। ସେ ଏସଆଇଆର ସଂଘର୍ଷକୁ ରାଜ୍ୟରୁ ରାଜଧାନୀ ଦିଲ୍ଲୀକୁ ନେଇ ଯାଇଛନ୍ତି। ଏସଆଇଆରରେ ପ୍ରଭାବିତ ୧୩ ପରିବାରକୁ ଧରି ମମତା ରଣହୁଙ୍କାର ଦେଇଛନ୍ତି। କଳା ସାଲ୍ ଘୋଡ଼େଇ ହୋଇ ମମତା ସୋମବାର ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟିଛନ୍ତି। ତିନି ନିର୍ବାଚନ କମିସନରଙ୍କୁ ଭେଟିବା ପରେ ଦିଦି ଖୋଲା ଧମକ ଦେଇଛନ୍ତି। ଏସଆଇଆରରେ ପ୍ରଭାବିତ ଲକ୍ଷାଧିକ ପରିବାରକୁ ଦିଲ୍ଲୀ ଆଣି ଇସିଙ୍କ ସାମ୍ନାରେ ପରେଡ କରାଇବେ ବୋଲି କହିଛନ୍ତି। ଏହା ସହିତ ଇସି ଖରାପ ବ୍ୟବହାର କରିଥିବା ମମତା ଅଭିଯୋଗ ଲଗାଇଛନ୍ତି। ମାତ୍ର ଇସିଙ୍କ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରିଦିଆଯାଇଛି। କୁହାଯାଇଛି ଯେ ତିନି ନିର୍ବାଚନ କମିସନ ସଂଯମ ଅବଲମ୍ବନ କରି ଅତ୍ୟନ୍ତ ଭଦ୍ର ବ୍ୟବହାର କରିଥିଲେ।

■ ଇସି ବିଜେପିର ଆଇଟି ସେଲ
■ କେହି ନ ଲଢ଼ିଲେ ଏକାକୀ ଲଢ଼ିବି

ମମତା କହିଥିଲେ ଯେ ଦିଲ୍ଲୀ ରାଜନୀତିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସକ୍ରିୟ ରହି ଚାରି ଥର କେନ୍ଦ୍ରମନ୍ତ୍ରୀ ଏବଂ ସାତ ଥର ସାଂସଦ ହୋଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଏଭଳି ଅହଂକାରୀ ଏବଂ ମିଥ୍ୟାବାଦୀ ନିର୍ବାଚନ କମିସନ ଦେଖି ନାହିଁ।। ତାଙ୍କ ଚୌକିକୁ ସମ୍ମାନ ଦେଉଛି ବୋଲି ନିର୍ବାଚନ କମିସନଙ୍କୁ କହିଥିଲି। ପଶ୍ଚିମବଙ୍ଗକୁ କାହିଁକି ନିଶାଣ କରାଯାଉଛି ବୋଲି ପଚାରି ଥିଲି। ୫୮ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ହଟାଇ ଦିଆଯାଇଛି। ନିଜ ପକ୍ଷ ରଖିବାକୁ ମଧ୍ୟ ତାଙ୍କୁ ସୁଯୋଗ ଦିଆଯାଇ ନାହିଁ। ଏହା ନିର୍ବାଚନ କମିସନ ନୁହେଁ, ବିଜେପିର ଆଇଟି ସେଲ୍ ପାଲଟି ଯାଇଛି। ଏହି ମାମଲା ସୁପ୍ରିମକୋର୍ଟରେ ରହିଛି। ବିଜେପି ଶାସିତ ରାଜ୍ୟ ଆସାମରେ କାହିଁକି ଏସଆଇଆର ହେଉନି? ଇସି ଖାଲି ପଶ୍ଚିମବଙ୍ଗ ଏବଂ କେରଳକୁ ନିଶାଣ କରୁଥିବା ମମତା ଅଭିଯୋଗ କରିଛନ୍ତି। ସେ ଏସଆଇଆର ପ୍ରସଙ୍ଗରେ ଲଢ଼େଇ ଜାରି ରଖିବେ। ଯଦି ଏହି ପ୍ରସଙ୍ଗରେ କେହି ସହଯୋଗ କରିବେ ନାହିଁ ତେବେ ଏକାକୀ ମୁଁ ଏବଂ ମୋ ପାର୍ଟି ଲଢ଼େଇ କରିବ।

## ନର୍ତ୍ତକୀ, ପୋଡ଼କାଷ୍ଟର ସାଜିଲେ ଜେଜେମା

ତିରୁଅନନ୍ତପୁରମ, ୨।୨(ଏଜେନ୍ସି): କେରଳରୁ ଏବେ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଆଲାପୁଝା ନର୍ଥ ଅଞ୍ଚଳରେ ବହୁ ବୃଦ୍ଧା ତଥା ଜେଜେମାମାନେ ଅବସାଦ ଓ ମାନସିକ ଶୂନ୍ୟତାକୁ ଦୂର କରିବା ପାଇଁ ଏକ ଅଭିନବ ପନ୍ଥା ଅବଲମ୍ବନ କରିଛନ୍ତି। ସେମାନେ ଏହି ମାନସିକ ସମସ୍ୟା ବିରୋଧରେ ଲଢ଼େଇ କରିବା ପାଇଁ ନୃତ୍ୟ ଓ ପୋଡ଼କାଷ୍ଟିଂକୁ ଆପଣେଇଛନ୍ତି। ଏହି ସବୁ କର୍ଯ୍ୟକଳାପ ସେମାନଙ୍କୁ ଅବସାଦ ପାଇଁ ସେବନ କରୁଥିବା ଔଷଧ ବନ୍ଦ କରିବାରେ ସହାୟ କରିଛି। ଏହି ବୃଦ୍ଧା ମହିଳାମାନେ 'ଓମ୍ୟାନ ଫର ସୋସିଆଲ ମେଟାମୋର୍ଫୋସିସ୍' ନାମକ ଏକ ଗ୍ରୁପ୍ ସହିତ ଜଡ଼ିତ। ଜୀବନର ଏହି ଶେଷ ପର୍ଯ୍ୟାୟରେ ସେମାନେ ନିଜର ସଉକ ପୂରଣ କରିବା ପାଇଁ ଆରମ୍ଭ କରିଛନ୍ତି ଏହି କାର୍ଯ୍ୟକଳାପ ଓ ଏକ ନୂଆ ଦୁନିଆ ପାଇଁ ପରସ୍ପରକୁ ସହଯୋଗ କରିଛନ୍ତି। ଆମେ ଏବେ ସୁପର ଓମ୍ୟାନ ଭଳି ଅନୁଭବ କରୁଛୁ ବୋଲି ଜଣେ ବୃଦ୍ଧା ମହିଳା କହିଛନ୍ତି। ଏହି ଗ୍ରୁପ୍‌ରେ ସାମିଲ ହେବା ଦ୍ୱାରା ସେମାନେ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି। ଅଫିସ ଫାଇଲ, ଘର ତିଆରି, ପିଲାଙ୍କୁ ବଡ଼ କରିବା ଓ ସ୍ୱାମୀଙ୍କ ଯତ୍ନ ନେବାରେ ସାରା ଜୀବନ ବିତାଇବା ପରେ, ସେମାନେ ଏବେ ନିଜ ଭିତରେ ଥିବା କଳାକାର, ଲେଖକ ଓ ନର୍ତ୍ତକୀଙ୍କୁ ଚିହ୍ନି ପାରିଛନ୍ତି। ସେମାନେ ଏବେ ଏକାକୀ ଭ୍ରମଣ, ଗୀତ ଗାଇବା, ଲେଖିବା ଓ ପୋଡ଼କାଷ୍ଟିଂରେ ରୁଚି ରଖୁଛନ୍ତି। ଏହି ଗ୍ରୁପ୍‌ର ଲକ୍ଷ୍ୟ ହେଉଛି, ମହିଳାମାନଙ୍କୁ ମାନସିକସ୍ତରରେ ଶକ୍ତିଶାଳୀ କରିବା, ଯେପରି ସେମାନେ ନିଜର ନିଷ୍ପତ୍ତି ନିଜେ ନେଇପାରିବେ ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ। ସୂଚନାଯୋଗ୍ୟ ଯେ, ଆମ



ଦେଶରେ ପୁରୁଷଙ୍କ ତୁଳନାରେ ଭାରତୀୟ ମହିଳାମାନେ ଅଧିକ ଅବସାଦର ଶିକାର ହୋଇଛନ୍ତି। ଆଇସିଏମ୍‌ଆର ରିପୋର୍ଟ ଅନୁଯାୟୀ, ପ୍ରାୟ ୧୬ରୁ ୨୩ ପ୍ରତିଶତ ମହିଳା ମଧ୍ୟମରୁ ଗମ୍ଭୀର ଅବସାଦ ସହ ସଂଗ୍ରାମ କରୁଛନ୍ତି। ୫୦ ବର୍ଷରୁ ଅଧିକ ବୟସର ମହିଳାଙ୍କ କ୍ଷେତ୍ରରେ ଅବସାଦ ହାର ୨୧ ପ୍ରତିଶତରୁ ଅଧିକ। ୫୦ରୁ କମ୍ ବର୍ଷର ମହିଳାଙ୍କ କ୍ଷେତ୍ରରେ ଅବସାଦ ହାର ପ୍ରାୟ ୧୭ରୁ ୧୮ ପ୍ରତିଶତ ରହିଛି।


## ପୁଣି ଏୟାର ଇଣ୍ଡିଆ ଡ୍ରିମଲାଇନରର ଫୁଏଲ ସ୍ୱିଚ୍ ଖରାପ

ଲଣ୍ଡନ, ୨।୨ (ଏଜେନ୍ସି): ଲଣ୍ଡନର ହିଥ୍ରୋ ବିମାନବନ୍ଦରରୁ ବେଙ୍ଗାଲୁରୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାକୁ ଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ (ଏଆଇ-୧୩୨) ର ଫୁଏଲ ସ୍ୱିଚ ଖରାପ ହୋଇଯାଇଛି। ଇଞ୍ଜିନ ଷ୍ଟାର୍ଟ କରିବା ସମୟରେ ଫୁଏଲ କଣ୍ଟ୍ରୋଲ ସ୍ୱିଚ ଦୁଇ ଥର କଟ୍-ଅଫ୍ ହୋଇ ଯାଇଥିଲା ବୋଲି ପାଇଲଟ କହିଛନ୍ତି। ଏଥିଯୋଗୁଁ ବିମାନକୁ ପରିଚାଳନାରୁ ହଟାଇ ଦିଆଯାଇଛି। ଏହି ଯାନ୍ତ୍ରିକ ତ୍ରୁଟିର ଯାଞ୍ଚରେ ବୋଇଂ କମ୍ପାନୀକୁ ସାମିଲ କରାଯାଇଛି। ଡିଜିସିଏକୁ ମାମଲାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏହି କାରଣ ଯୋଗୁଁ ଗତ ବର୍ଷ ଜୁନ ୧୨ରେ ଅହମଦାବାଦରେ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା।

## ଏପଷ୍ଟିନଙ୍କୁ ନିଜ ଝିଅଙ୍କ ଫଟୋ ପଠାଇଥିଲେ ବ୍ରିଟେନ ରାଜକୁମାର ଆଣ୍ଡ୍ରୁ

ଲଣ୍ଡନ, ୨।୨(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ଜାନୁଆରୀ ୩୦ରେ ଜଣାଶୁଣା ତଥା ଦୁର୍ଦ୍ଦାନ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ଫାଇଲ ଜାରି କରିବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। ଏଥିରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ, ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କୁ ବାଦ୍ ଦେଲେ ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏପ୍‌ଷ୍ଟିନ୍‌ଙ୍କ ବିଷୟରେ ବିଭିନ୍ନ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହିକ୍ରମରେ ରାଜକୁମାର ଆଣ୍ଡ୍ରୁ ୨୦୦୮ରେ ଏପଷ୍ଟିନ୍‌ଙ୍କୁ ନିଜ ଝିଅମାନଙ୍କ ଫଟୋ ପଠାଇଥିଲେ। ୨୦୧୦ ଓ ୨୦୧୧ରେ କିଛି ଇମେଲ୍‌ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏହି ଇମେଲ୍‌ରେ ରାଜକୁମାରୀ ବିଟ୍ରିସ୍ ଓ ଇୟୁଜେନିଙ୍କ ଫଟୋ ସାମିଲ ଅଛି। ୨୦୧୨ ଡିସେମ୍ବର ୨୦ରେ ଦ୍ୱିତୀୟ କାର୍ଡ ପଠାଯାଇଥିଲା। ଏଥିରେ ଥିବା ୪ଟି ଫଟୋ ମଧ୍ୟରୁ ବିଟ୍ରିସଙ୍କ ଦୁଇଟି ଫଟୋ ଥିଲା ଓ ସେ ୨୦୧୨ ଫେବୃଆରୀରେ ମାଉଣ୍ଟ ବ୍ଲାଙ୍କ୍ ପର୍ବତ ଶୃଙ୍ଗ ଆରୋହଣ କରୁଥିବା ଓ ରାଜକୁମରୀ ୟୁଜେନି ସାଇକେଲ ଚଳାଉଥିବା ଫଟୋ ସାମିଲ ଥିଲା। ପୁଣି ଏହି ମାସରେ ୟୁଜେନି ପିତା ଆଣ୍ଡ୍ରୁଙ୍କ ସହ ସବୁ ସମ୍ପର୍କ ଛିନ୍ନ୍ କରିବା ନେଇ ଘୋଷଣା କରିଥିଲେ। ୨୦୧୧ ଡିସେମ୍ବର ୧୧ରେ 'ଏଚ୍‌ଆରଏଚ୍ ଦି ଡ୍ୟୁକ୍ ଅଫ୍ ୟର୍କ' ଇମେଲ ଆଇଡ଼ିରୁ ଏକ ଖ୍ରୀଷ୍ଟମାସ କାର୍ଡ ପଠାଯାଇଥିଲା ଓ ଏଥିରେ ଆଣ୍ଡ୍ରୁଙ୍କ ଦସ୍ତଖତ ଥିଲା।

ଏପଷ୍ଟିନ ମାମଲାରେ ଜଣେ ମହିଳାଙ୍କ ଓକିଲ ବିବିସିକୁ କହିଛନ୍ତି ଯେ, ଏପଷ୍ଟିନ ସେହି ମହିଳାଙ୍କୁ ଆଣ୍ଡ୍ରୁଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ ବ୍ରିଟେନ ପଠାଇଥିଲେ। ଓକିଲ ବ୍ରାଡ ଏଡୱାର୍ଡ କହିଛନ୍ତି ଯେ, ଆଣ୍ଡ୍ରୁଙ୍କ ରାତି ବିତାଇବା ପରେ ମହିଳାଙ୍କୁ ରାଜପ୍ରାସାଦ ବୁଲାଇ ଦେଖାଯାଇଥିଲା ଓ ସେଠାରେ ଚା ପିଇବାକୁ ମଧ୍ୟ ଦିଆଯାଇଥିଲା। ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ଆଣ୍ଡ୍ରୁଙ୍କୁ ଆମେରିକା ସଂସଦ କମିଟିରେ ସାକ୍ଷ୍ୟ ଦେବାକୁ କହିଛନ୍ତି। ଗତ ସପ୍ତାହରେ ଆମେରିକା ନ୍ୟାୟ ବିଭାଗ କିଛି ଆପତ୍ତିଜନକ ଫଟୋ ଜାରି କରିଥିଲା। ଯେଉଁଥିରେ ଆଣ୍ଡ୍ରୁଙ୍କୁ ଜଣେ ମହିଳାଙ୍କ ସହ ସନ୍ଦେହଜନକ ସ୍ଥିତିରେ ଦେଖିବାକୁ ମିଳିଥିଲା। ପୁଣି ଏପଷ୍ଟିନଙ୍କ ସହ ଜଡ଼ିତ ଫାଇଲରୁ ଏହା ଜଣାପଡ଼ିଛି ଯେ, ପ୍ରିନ୍ସ ଆଣ୍ଡ୍ରୁଙ୍କ ପତ୍ନୀ ସାରା ଫର୍ଗୁସନ ଓ ଏପଷ୍ଟିନଙ୍କ ମଧ୍ୟରେ ବହୁତ ଗମ୍ଭୀର ବନ୍ଧୁତା ଥିଲା। ଫର୍ଗୁସନ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ ବୋଲି ଜଣାପଡ଼ିଛି। ଏହି କାରଣ ଯୋଗୁଁ ବ୍ରିଟେନ ରାଜା ଚାର୍ଲ୍ସ ଗତବର୍ଷ ଅକ୍ଟୋବରରେ ନିଜ ସାନ ଭାଇ ଆଣ୍ଡ୍ରୁଙ୍କଠାରୁ ରାଜକୁମାର ଉପାଧି ସହ ସମସ୍ତ ରାଜକୀୟ ପଦବୀ ଫେରାଇ ନେଇଥିଲେ।



### ପୁଣି ରଙ୍ଗ ବଦଳା ରାଜନୀତି

# ବଦଳିବ ମିଶନ ଶକ୍ତି ଡ୍ରେସ୍ କୋଡ୍

**ଉତ୍କଳ ଦିବସରୁ ନୂଆ ୟୁନିଫର୍ମ ପିନ୍ଧିବେ କମ୍ୟୁନିଟି ସପୋର୍ଟ ଷ୍ଟାଫ**

**୪୬ ହଜାରରୁ ଊର୍ଦ୍ଧ୍ୱ ମିଶନ ଶକ୍ତି ମହିଳାଙ୍କୁ ଦିଆଯିବ ସ୍ମାର୍ଟ ଫୋନ୍**

ଭୁବନେଶ୍ୱର,୨।୨(ସମିସ): ବଦଳିବ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୟୁନିଫର୍ମ। ଆସନ୍ତା ଉତ୍କଳ ଦିବସରୁ ଏହି ସହାୟକ କର୍ମଚାରୀମାନେ ନୂଆ ଡ୍ରେସକୋଡ୍ ପିନ୍ଧିବେ। ସୋମବାର ମିଶନ ଶକ୍ତି ଭବନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଏପରି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେହିପରି ୪୬ ହଜାରରୁ ଊର୍ଦ୍ଧ୍ୱ ସିଆରପିଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଆରମ୍ଭ ହୋଇଥିବା ରଙ୍ଗବଦଳା ଓ ନାମ ବଦଳା ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ପ୍ରାୟ ଡ଼ଜନେ ଯୋଜନାର ନାମ ପରିବର୍ତ୍ତନ କରାଗଲା। ମିଶନ ଶକ୍ତି ବିଭାଗ ନାମ ପରିବର୍ତ୍ତନ କରାଯାଇ ନ ଥିଲେ ହେଁ ମିଶନ ଶକ୍ତି ବଜାରକୁ ସୁଭଦ୍ରା ଶକ୍ତି ବଜାର ନାମରେ ପରିବର୍ତ୍ତନ କରାଯାଇ ଏହାର ରଙ୍ଗ ବଦଳାଇ ଦିଆଗଲା।

ମୋ ବସ୍‌ର ନାମ ଓ ରଙ୍ଗ ବଦଳା ଗଲା। ସ୍କୁଲ କଲେଜକୁ ଗେରୁଆ ରଙ୍ଗରେ ରଙ୍ଗେଇବା ସହ ପିଲାଙ୍କ ୟୁନିଫର୍ମ ବି ବଦଳାଇ ଦିଆଗଲା। ଓମ୍‌ଫେଡ୍ କ୍ଷୀର, ପାଣି ଟାଙ୍କି, ରାସନ କାଡର୍ ଓ ସରକାରୀ କାର୍ଯ୍ୟାଳୟ ବି ଏଥିରୁ ବାଦ ପଡ଼ିଲା ନାହିଁ। ଏବେ ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ରଙ୍ଗ ପରିବର୍ତ୍ତନ ପାଇଁ ସରକାର ଯୋଜନା କରିଛନ୍ତି। କେବଳ ରଙ୍ଗ ବଦଳାଇବା ଓ ନାମ ବଦଳାଇବା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି।

ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ପୂର୍ବ ସରକାର ପ୍ରଚଳନ କରିଥିଲେ ଓ ଏବେ ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଆଜି ୨ଲକ୍ଷ ୮୦ ହଜାର ୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ କରିଥିବା ଉଲ୍ଲେଖ କରି ଏହାଦ୍ୱାରା ମହିଳା ସଶକ୍ତିକରଣ ସୁଦୃଢ଼ ହେଉଥିବା କହିଛନ୍ତି।

### ଲାଭ ନେଉଛି କେନ୍ଦ୍ର

# ଓଡ଼ିଶା ଭାଗରେ ଧୂଳି-ଧୂଆଁ-ପାଉଁଶ

- ୩ ବର୍ଷ ହେଲା କମୁଛି କୋଇଲା ରାଜଭାଗ
- ଜିଲ୍ଲା ଖଣିଜ ପାଣ୍ଠିକୁ ବି କମିଚାଲିଛି ରାଜସ୍ୱ
- କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ଖୋଲିଲା ଅବହେଳା ଗୁମର

ଭୁବନେଶ୍ୱର,୨।୨(ସମିସ): ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଆସିଲେ, ଓଡ଼ିଶାର ବ୍ୟାପକ ବିକାଶ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ଓଡ଼ିଶାରେ ଡ଼ବଲ ଇଞ୍ଜିନ୍ ସରକାର ହେଲା, ତଥାପି ଓଡ଼ିଶା ପ୍ରତିଟି କ୍ଷେତ୍ରରେ ଅବହେଳାର ଶିକାର ହେଉଛି। ବିଭିନ୍ନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ହୋଇ ଚାଲିଛି। ଏବେ କୋଇଲା ରାଜଭାଗ ପ୍ରଦାନରେ ବି ଅନୁରୂପ ଅବହେଳା ପରିଦୃଶ୍ୟ ହୋଇଛି। ଖୋଦ୍ କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ ରେଡ୍ଡୀ ସଂସଦରେ ପ୍ରଦାନ କରିଥିବା ତଥ୍ୟରେ ଏହା ଜଳଜଳ ଦିଶୁଛି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ରାଜ୍ୟକୁ କୋଇଲା ରାଜଭାଗ ଏବଂ ଜିଲ୍ଲା ଖଣିଜ ପାଣ୍ଠି(ଡିଏମଏଫ) ବାବଦରେ ଅନୁଦାନ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ରେଡ୍ଡୀ ପ୍ରଦାନ କରିଥିବା ସୂଚନା କେନ୍ଦ୍ରୀୟ ଅବହେଳାକୁ ଉଜାଗର କରିଛି। ଗତ ୩ ବର୍ଷରେ ଓଡ଼ିଶାକୁ ଉଭୟ ଅନୁଦାନ ଲଗାତାର ଭାବେ ହ୍ରାସ ପାଇଛି ବୋଲି ମନ୍ତ୍ରୀ ରାଜ୍ୟସଭାରେ ତଥ୍ୟ ପ୍ରଦାନ କରିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୨-୨୩ରେ କୋଇଲା ରାଜଭାଗ ବାବଦରେ ଓଡ଼ିଶାକୁ ୪୧୩୭ କୋଟି ୮୮ ଲକ୍ଷ ଟଙ୍କା ମିଳିଥିଲା। ୨୦୨୩-୨୪ରେ ଏହା ୩୮୮୧ କୋଟି ୭୯ ଲକ୍ଷ ଟଙ୍କାକୁ ହ୍ରାସ ପାଇଲା। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ଆହୁରି ହ୍ରାସ ପାଇ ୩୬୮୬ କୋଟି ୭୧ ଲକ୍ଷ ଟଙ୍କାରେ ପହଞ୍ଚିଛି। କେବଳ ରାଜଭାଗ ନୁହେଁ, ଡିଏମଏଫ ପାଣ୍ଠିରେ ମଧ୍ୟ ଓଡ଼ିଶାକୁ ସମଦଶା ଭୋଗିବାକୁ ପଡ଼ିଛି। ୨୦୨୨-୨୩ରେ ଡିଏମଏଫ ପାଣ୍ଠି ବାବଦରେ ଓଡ଼ିଶାକୁ ୧୧୬୩.୨୯ କୋଟି ଟଙ୍କା ମିଳିଥିଲା। ୨୦୨୩-୨୪ରେ ଏହା ହ୍ରାସ ପାଇ ୧୦୧୦.୭୯ ଏବଂ ୨୦୨୪-୨୫ରେ ୯୮୧.୧୯ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାରୁ କେନ୍ଦ୍ର ସରକାର ବ୍ୟାପକ ମାତ୍ରାରେ କୋଇଲା ଉତ୍ତୋଳନ କରୁଛନ୍ତି। ମାତ୍ର ନିୟମିତ ବାବଦରେ ରାଜଭାଗ ଏବଂ ଡିଏମଏଫ ପାଣ୍ଠି ହ୍ରାସ କରିଚାଲିବା, ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଶେଷଥର ପାଇଁ ୨୦୧୨ ମସିହାରେ କୋଇଲା ରାଜଭାଗ ସଂଶୋଧନ ହୋଇଥିବା ବେଳେ ଏହା ପରଠାରୁ ଆଉ ସଂଶୋଧନ ହୋଇନାହିଁ। ଯାହାଫଳରେ ଓଡ଼ିଶା ସରକାର ବ୍ୟାପକ କ୍ଷତି ସହି ଆସୁଛନ୍ତି। କୋଇଲା ରାଜଭାଗ ସଂଶୋଧନ ପାଇଁ ବିଗତ କିଛି ବର୍ଷ ଧରି ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ବଜେଟ ଆଗତ କରିଥିବା ବେଳେ ଏହାର ପ୍ରତିକ୍ରିୟାରେ ସମାନ କଥା ଉଠାଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଓଡ଼ିଶାର ପ୍ରାକୃତିକ ସମ୍ପଦର ଉତ୍ତୋଳନ ଓ ଅନ୍ୟତ୍ର ପରିବହନ ପାଇଁ କେବଳ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ମିଳୁଛି; ମାତ୍ର ରାଜ୍ୟବାସୀଙ୍କ ସୁବିଧା ତଥା ଉନ୍ନତି ପାଇଁ ଅର୍ଥ ଆବଣ୍ଟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଥିଲେ।

# ଚଳିତ ସପ୍ତାହରେ ୭ ଡିଗ୍ରୀ ବଢ଼ିବ ତାପମାତ୍ରା

**ଜାରି ରହିବ ଶୀତୁଆ ଅନୁଭବ**

ଭୁବନେଶ୍ୱର, ୨।୨ (ସମିସ): ରାଜ୍ୟରେ ଅନୁଭୂତ ହେଉଥିବା ଥଣ୍ଡା ଜାରି ରହିବ; ମାତ୍ର ଦିନ ବେଳା ଖରାର ପ୍ରଭାବ ବଢ଼ିବା ସହ ଦିନର ତାପମାତ୍ରା ବୃଦ୍ଧି ହେବ। ଏବେ ରାତିରେ ପୂର୍ବାପେକ୍ଷା ଥଣ୍ଡା ହ୍ରାସ ପାଇଥିଲେ ହେଁ ବାହାରେ ଥଣ୍ଡା ଅନୁଭୂତ ହେବା ସହ ଭୋର୍ ସମୟରେ ଘରେ ମଧ୍ୟ ଥଣ୍ଡା ଲାଗୁଛି। ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନ ଥିବାରୁ ଏହି ସ୍ଥିତି ଜାରି ରହିବା ନେଇ ଅନୁମାନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସୋମବାରଠାରୁ ସାରା ରାଜ୍ୟରେ ଗରମ ବଢ଼ିବ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଦିନର ସର୍ବାଧିକ ତାପମାତ୍ରା ରାଜ୍ୟର ବିଭିନ୍ନ ସ୍ଥାନରେ ୧ରୁ୨ ଡିଗ୍ରୀ, ଗୁରୁବାରରେ ୨ରୁ ୩ ଡିଗ୍ରୀ ଏବଂ ଶୁକ୍ରବାରରୁ ରବିବାର ମଧ୍ୟରେ ପ୍ରାୟତଃ ୨ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ମୋଟ୍ ଉପରେ ଚଳିତ ସପ୍ତାହରେ ରାଜ୍ୟରେ ପ୍ରାୟ ୫ ଡିଗ୍ରୀ ଓ ଅଳ୍ପ କେତେକ ସ୍ଥାନରେ ୬ରୁ ୭ ଡିଗ୍ରୀ ତାପମାତ୍ରା ବଢ଼ିପାରେ। ବଲାଙ୍ଗିର, ଟିଟିଲାଗଡ଼, ଭୁବନେଶ୍ୱରରେ ୩୬-୩୭ ଡିଗ୍ରୀ ପହଞ୍ଚିପାରେ। ସେହିପରି ସମ୍ବଲପୁର ଓ ରାଉରକେଲାରେ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିପାରେ। ବାୟୁର ଦିଗ ପରିବର୍ତ୍ତନ, ମେଘମୁକ୍ତ ଆକାଶ ଏବଂ ବର୍ଷା ନ ହେତୁ ମାଟି ଶୁଖିଲା ରହିଛି। ଏହା ତାପମାତ୍ରା ବୃଦ୍ଧିକୁ ସୁହାଉଛି। ହିମାଳୟରୁ ଆସୁଥିବା ଥଣ୍ଡା ପବନ ପଶ୍ଚିମା ଝଡ଼ ଯୋଗୁଁ ରାଜ୍ୟକୁ ଆସିବାରେ ବାଧାପ୍ରାପ୍ତ ହେଉଛି। ଭୁବନେଶ୍ୱର ସମେତ ଉପକୂଳ ଜିଲ୍ଲାକୁ ବଙ୍ଗୋପସାଗରରୁ ସିଧା ବା ଦକ୍ଷିଣ ପଟୁ ପବନ ବହିବ। ଏହା ଆର୍ଦ୍ର ବାୟୁକୁ ରାଜ୍ୟରେ ପ୍ରବେଶ କରାଇବ। ଫଳତଃ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ (ଅନୁଭବ ତାପମାତ୍ରା) ଅଧିକ ରହିବ। ଅନ୍ୟପଟେ ଉପକୂଳ ଜିଲ୍ଲାରେ ହାଲୁକା ବା ମଧ୍ୟମ ଧରଣର କୁହୁଡ଼ି ଗୁରୁବାର ପର୍ଯ୍ୟନ୍ତ ଲାଗି ରହିବ। ତେବେ ରାତିରେ ହାଲୁକା ଥଣ୍ଡା ଜାରି ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ ଦିନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହିକ୍ରମରେ ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଘନ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋମବାର ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି

# ଆଜି ଯାଜପୁର ଯିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨।୨(ସମିସ): ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସନ୍ଧ୍ୟା ୭ଟା ବେଳେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିମାନବନ୍ଦରରୁ କଡ଼ା ସୁରକ୍ଷା ବଳୟରେ ରାଷ୍ଟ୍ରପତି ଲୋକଭବନ ଯାଇଥିଲେ। ସେଠାରେ ଆଜି ସେ ରାତ୍ରିଯାପନ କରିବା ସହ ମଙ୍ଗଳବାରଠାରୁ ବିଭିନ୍ନ ଜିଲ୍ଲାକୁ ଗସ୍ତ କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ, ୩ ତାରିଖ ସକାଳେ ରାଷ୍ଟ୍ରପତି ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟାଠାରେ ପୂଜାର୍ଚ୍ଚନା କରିବେ। ଅପରାହ୍ଣରେ ବାଲେଶ୍ୱର ଗସ୍ତ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସନ୍ଧ୍ୟାରେ ସେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରି ଶ୍ରୀ ଜୀଉମାନଙ୍କ ଦର୍ଶନ, ଆଳତୀ ଏବଂ ପିଣ୍ଡଦାନ କରିବେ। ୪ତାରିଖ ସକାଳେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି-ଡେ' ହୋମ) ଉଦଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ପରେପରେ ପରେ ବୈଦପୁରଠାରେ ଏକ କ୍ରୀଡ଼ା କମ୍ପ୍ଲେକ୍ସ ଉଦଘାଟନ କରିବେ। ୪ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି ରାଇରଙ୍ଗପୁରଠାରେ ଅନ୍ୟ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୫ତାରିଖ ସକାଳେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରଠାରେ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଅପରାହ୍ଣରେ ଶିମିଳିପାଳ ଗସ୍ତ କରିବେ। ୬ ତାରିଖ ସକାଳେ ସେଠାରେ ମହିଳା ଏବଂ ଆଦିବାସୀ ଗୋଷ୍ଠୀର ଯୁବବର୍ଗଙ୍କ ସହିତ ବାର୍ତ୍ତା ବିନିମୟ କରିବେ। ଅପରାହ୍ଣରେ ଭୁବନେଶ୍ୱରରେ ପହଁଚି ଓଡ଼ିଶା ସରକାର ଏବଂ ଗ୍ଲୋବାଲ ଫିନାନ୍ସ ଟେକ୍ନୋଲୋଜି ନେଟୱର୍କର ମିଳିତ ଆୟୋଜନରେ ଅନୁଷ୍ଠିତ 'ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଇଣ୍ଡିଆ' କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତି ୭ ତାରିଖ ସକାଳୁ ଭୁବନେଶ୍ୱର ବିମାନ ବନ୍ଦରରୁ ଛତିଶଗଡ଼ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# ରାଜ୍ୟ ସ୍ୱାର୍ଥ ପାଇଁ ନବୀନଙ୍କୁ ଭେଟିବି: ଭକ୍ତ

ଭୁବନେଶ୍ୱର,୨।୨(ସମିସ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସାକ୍ଷାତ କରିବେ ପିସିସି ସଭାପତି ଭକ୍ତ ଚରଣ ଦାସ। ନବୀନଙ୍କ ସହ ସାକ୍ଷାତ ପ୍ରସଙ୍ଗକୁ ଶ୍ରୀ ଦାସ ଆଜି ପୁଣି ଥରେ ଦୋହରାଇଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ ସେ ନବୀନଙ୍କୁ ଭେଟିବେ ବୋଲି କହିବା ସହ ଦିନେ ଦୁଇ ଦିନ ମଧ୍ୟରେ ଏହା ସ୍ପଷ୍ଟ ହୋଇଯିବ ବୋଲି ଭକ୍ତ କହିଛନ୍ତି।

ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ପିସିସି ସଭାପତି କହିଛନ୍ତି ଯେ, ବିରୋଧୀ ଦଳ ପାଖରେ ସୁଯୋଗ ରହିଛି। ତେଣୁ ଆମକୁ ଏହି ସୁଯୋଗର ଫାଇଦା ଉଠାଇବାକୁ ପଡ଼ିବ। ଆଲୋଚନା କଲେ ଅନେକ କଥା ସାମ୍ନାକୁ ଆସିବ। ବିଜେଡି ଓ କଂଗ୍ରେସ ସଂଖ୍ୟାକୁ ନେଇ ସମ୍ଭାବନା ରହିଛି। ସମ୍ଭାବନାକୁ ଚେଷ୍ଟା କରିବା ରାଜନୈତିକ ଅପରାଧ ନୁହେଁ। ଆମେ ଜାଣିଛୁ ଜିତିପାରବୁନି, ହେଲେ ରାଜ୍ୟର ସ୍ୱାର୍ଥ ପାଇଁ ଆମେ ଲଢିବୁ। ଦଳର ମର୍ଯ୍ୟାଦା ପାଇଁ ଲଢିବୁ ବୋଲି ଭକ୍ତ କହିଛନ୍ତି। ଅନ୍ୟପଟେ ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗରେ ମଧ୍ୟ ଭକ୍ତ ରାଜ୍ୟ ସରକାରଙ୍କୁ ଟାର୍ଗେଟ କହିଛନ୍ତି। ସେ କହିଛନ୍ତି ପଞ୍ଚାୟତ ନିର୍ବାଚନକୁ ନେଇ ସରକାର ଦ୍ୱନ୍ଦ୍ୱରେ ସରକାର ଅଛନ୍ତି। ନିର୍ବାଚନ କମିଶନ ଓ ବିଜେପି ସଭାପତିଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ପଞ୍ଚାୟତ ନିର୍ବାଚନ କରିବା ପାଇଁ ସରକାରଙ୍କ କ୍ଷମତା ନାହିଁ। ନିୟମ ଅନୁଯାୟୀ, ପଞ୍ଚାୟତ ନିର୍ବାଚନ ହେବା ଉଚିତ। କିନ୍ତୁ ରାଜ୍ୟ ସରକାର କଲା ଭଳି ଅନୁଭବ ହେଉନହାଁ। ଏ ସରକାର ହେଉଛି ପତ୍ତନମୁଖୀ ସରକାର। ବିଭିନ୍ନ କ୍ଷେତ୍ରରେ ଫେଲ ମାରିଛି। ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ପ୍ରସ୍ତୁତ ଅଛି। ଉପ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲା। ନିଜ ଚୌକି ବଞ୍ଚାଇବାକୁ ବିଜେପି ପ୍ରୟାସ କରୁଛି ବୋଲି ଭକ୍ତ କହିଛନ୍ତି।

# ଅନ୍‌ଲାଇନ୍ ନିବେଶ ନାଁରେ ୬କୋଟି ଠକେଇ



**ଆନ୍ଧ୍ରପ୍ରଦେଶରୁ ଅଭିଯୁକ୍ତ ଗିରଫ**

କଟକ,୨।୨(ସମିସ):ଓଡ଼ିଶା କ୍ରାଇମବ୍ରାଞ୍ଚ ଏକ ବଡ଼ ଧରଣର ଅନଲାଇନ୍ ନିବେଶ ଠକେଇର ପର୍ଦ୍ଦାଫାସ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ୩୯ ବର୍ଷୀୟ ବେଦଗିରି ଶ୍ରୀନିବାସରାଓ। ଏହି ମାମଲାରେ ପୂର୍ବରୁ ସୁରଟରୁ ୫ଜଣ ଏବଂ ଲୁଧିଆନାରୁ ଜଣେ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇସାରିଛି। ଗତ ୨୦୨୪ ମେ ୭ରେ ଅଭିଯୋଗକାରୀ ବ୍ୟବସାୟୀଙ୍କୁ ଫେସବୁକ୍ ମାଧ୍ୟମରେ ଜଣେ ମହିଳା ଯୋଗାଯୋଗ କରିଥିଲେ। ସେ ନିଜକୁ ହଂକଂର ଆଇବିଏମ ସଫ୍ଟୱେୟାର ଡେଭଲପର ସଞ୍ଜନା ଶ୍ରୀନିବାସନ ବୋଲି ପରିଚୟ ଦେଇଥିଲେ। ପରେ ସେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଜେଫ ନାମକ ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରିଥିଲେ। ମହିଳାଙ୍କ କଥାରେ ପଡ଼ି ଅଭିଯୋଗକାରୀ ଗତ ୨୦୨୪ମେ ୨୩ରୁ ଜୁନ୍ ୨୪ ମଧ୍ୟରେ ବିଭିନ୍ନ ଆକାଉଣ୍ଟକୁ ପ୍ରାୟ ୬କୋଟି ୧୬ଲକ୍ଷ ୩୭ହଜାର ୮୪ ଟଙ୍କା ପଠାଇଥିଲେ। ଟ୍ରେଡିଂ ଆକାଉଣ୍ଟରେ ଲାଭ ଦେଖାଇ ଅଭିଯୁକ୍ତମାନେ ତାଙ୍କୁ ଅଧିକ ନିବେଶ କରିବାକୁ କହିଥିଲେ। କିନ୍ତୁ ଯେତେବେଳେ ବ୍ୟବସାୟୀ ଜଣକ ନିଜ ଟଙ୍କା ଉଠାଇବାକୁ ଚାହିଁଲେ, ସେତେବେଳେ କମ୍ପାନୀର କଷ୍ଟମର କେୟାର ତାଙ୍କୁ ୨୦ ପ୍ରତିଶତ ଅତିରିକ୍ତ ଅର୍ଥ ଦେବାକୁ କହିଥିଲେ। ଏହି ବାବଦରେ ବି ସେ ୮୯ ଲକ୍ଷ ଟଙ୍କା ଜମା କରିଥିଲେ ମଧ୍ୟ ତାଙ୍କୁ ଟଙ୍କା ମିଳିନଥିଲା, ଯାହା ପରେ ସେ ଠକେଇର ଶିକାର ହୋଇଥିବା ଅନୁଭବ କରି କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ରାଜେନ୍ଦ୍ର ଭୋଲାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଆଧାରରେ ଭୁବନେଶ୍ୱରରୁ ଆନ୍ଧ୍ରର ଅଭିଯୁକ୍ତ ବେଦଗିରି ଶ୍ରୀନିବାସରାଓଙ୍କୁ ଚିହ୍ନଟ କରି ଗିରଫ କରିଛି। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯିବା ସହ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି।

### ମହିଳା ଏସ୍‌ଏଚ୍‌ଜିକୁ ଧାନ ସଂଗ୍ରହରୁ ବାଦ୍ ଦେବା ମାମଲା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

କଟକ,୨।୨(ସମିସ): କୌଣସି ପକ୍ଷକୁ ବାଦ୍ ଦେବା ପୂର୍ବରୁ ସେମାନଙ୍କ ପକ୍ଷ ଶୁଣିବା ଏକ ଆଇନଗତ ଆବଶ୍ୟକତା। କେବଳ ଔପଚାରିକ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରିବା ଯଥେଷ୍ଟ ନୁହେଁ। ଏହାର ଉତ୍ତରକୁ "ସକ୍ରିୟ ଭାବେ ବିଚାର" କରିବା ଏବଂ ଏହା ଉପରେ ଯୁକ୍ତିଯୁକ୍ତ ଆଦେଶ ଜାରି କରିବା କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି ହାଇକୋର୍ଟ। ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବେଆଇନ ଭାବେ ବାଦ୍ ଦିଆଯିବା ମାମଲାରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଭଦ୍ରକ ବାସୁଦେବପୁର ବ୍ଲକର 'ଓମ୍ ବାବା ଶନିଦେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ' ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ପ୍ରଦାନ ସହ ଭଦ୍ରକ ଜିଲ୍ଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ବାଦ୍ ଦେବା ଆଦେଶକୁ ରଦ୍ଦ କରି ଅଭିଯୋଗର ସାନି ବିଚାର କରିବା ପାଇଁ ହାଇକୋର୍ଟ। ଯଦି ଅଭିଯୋଗରେ ସତ୍ୟତା ଥାଏ ତାହେଲେ ଆବେଦନକାରୀ ଚାହିଁଲେ ଦୋଷୀ ଅଧିକାରୀଙ୍କ ଠାରୁ କ୍ଷତିପୂରଣ ପାଇଁ ଦାବି କରିପାରିବେ ବୋଲି ମାମଲାରୁ ପ୍ରକାଶ ଯେ, ଭଦ୍ରକ ବାସୁଦେବପୁର ବ୍ଲକର 'ଓମ୍ ବାବା ଶନିଦେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ୨୦୨୫-୨୬ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ଏଜେନ୍ସି ଭାବେ ଚୟନ କରାଯାଇଥିଲା। ଏଥିପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ ଦିଆଯିବା ସହ ଧାନ ସଂଗ୍ରହ ଉପକରଣ ମଧ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାର ମାତ୍ର ଗୋଟିଏ ଦିନ ପରେ, ଅର୍ଥାତ୍ ୩ ଜାନୁଆରୀ ୨୦୨୬ରେ, ଭଦ୍ରକ ଜିଲ୍ଲାପାଳ ଏକ କାର୍ଯ୍ୟାଳୟ ଆଦେଶ ମାଧ୍ୟମରେ ଏହି ଗୋଷ୍ଠୀକୁ ତାଲିକାରୁ ବାଦ୍ ଦେଇଥିଲେ। ଏହା ବିରୋଧରେ ସଂପୃକ୍ତ ଏସଏଚଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

### ବିଜେଡିର କ୍ଷୋଭ

# ନିର୍ବାଚନ କମିସନଙ୍କୁ ପଚାରିଥିବା ଅନେକ ପ୍ରଶ୍ନର ଉତ୍ତର ଏଯାଏଁ ମିଳିଲା ନାହିଁ

ଭୁବନେଶ୍ୱର,୨।୨(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ଭାରତୀୟ ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଲିଖିତ ଭାବେ ଏକାଧିକ ଅସମାହିତ ପ୍ରଶ୍ନର ଉତ୍ତର ମଗାଯାଇଥିଲେ ହେଁ ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ପକ୍ଷରୁ କ୍ଷୋଭକ୍ତି ପ୍ରକାଶ କରିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରଶ୍ନଗୁଡିକ ଉପସ୍ଥାପନ କରି ଦେଶରେ ଏକ ସୁଦୃଢ଼ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏହି ପ୍ରଶ୍ନଗୁଡିକର ଉତ୍ତର ଆସିବାର ଆବଶ୍ୟକ ରହିଛି ବୋଲି କହିଛନ୍ତି।

ଡ. ସଂତୃପ୍ତ ମିଶ୍ର କହିଥିଲେ ଯେ କୌଣସି ରାଜନୀତି ଉଦ୍ଦେଶ୍ୟରେ ନୁହେଁ; ବରଂ ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜେଡି ଏହି ପ୍ରଶ୍ନର ଉତ୍ତର ଆଶା କରୁଛି। ନିର୍ବାଚନରେ ପ୍ରତି ବୁଥରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭-ସିରେ ମିଳିଥାଏ। ଅନେକ ଜାଗାରେ ପଡିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଫର୍ମ ୧୭-ସି ହସ୍ତାନ୍ତର କରିବା ପାଇଁ ଦଳ ଆବେଦନ କରିଥିଲା। କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ। ତେବେ ୨୮ଟି ଆସନରେ ନିର୍ବାଚନୀ ମାମଲା ଚାଲିଥିବା ବେଳେ ଅନ୍ୟ ଆସନଗୁଡିକର ଫର୍ମ ୧୭-ସି କାହିଁକି ପ୍ରଦାନ କରାଯିବ ନାହିଁ, ସେନେଇ କୌଣସି ଉତ୍ତର ରଖି ନ ଥିଲେ। ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନ କୌଣସି ଉତ୍ତର ରଖିନାହାନ୍ତି। ନିର୍ବାଚନ କମିସନ ତାଙ୍କ ଉତ୍ତରରେ ଜଣାଇଥିଲେ ଯେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟରେ ଥିବା ଭୋଟ ସଂଖ୍ୟା



ଫର୍ମ ୧୭-ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ତାଳମେଳ ଖାଏ ନାହିଁ, ସେହି ଭୋଟ ଗଣତି କରାଯାଏ ନାହିଁ। କିନ୍ତୁ କେତୋଟି ସ୍ଥାନରେ ଏପରି ହୋଇଛି, ତାହା ନିର୍ବାଚନ କମିସନ ସ୍ପଷ୍ଟ କରିନାହାନ୍ତି। ନିର୍ବାଚନ କମିସନ ଦେଇଥିବା ଉତ୍ତର ଅନୁଯାୟୀ ମକ୍ ପୋଲ୍ ବେଳେ ପଡିଥିବା ଭୋଟଗୁଡିକ ଡିଲିଟ୍ ହୋଇ ନ ଥିଲେ, ସେହି ଇଭିଏମରେ ପଡ଼ିଥିବା ଭୋଟ୍‌ଗୁଡିକୁ ମଧ୍ୟ ଗଣତି କରାଯାଏ ନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଜଣେ ନାଗରିକର ଭୋଟକୁ ଗଣତି ନ କରିବା ମଧ୍ୟ ତା'ର ମତ ଦେବାର ଅଧିକାରକୁ କ୍ଷୁଣ୍ଣ କରିବା ସଦୃଶ୍ୟ। ସେହିପରି ଭୋଟିଂ ସମୟରେ ଇଭିଏମ୍ ମେସିନରେ ତ୍ରୁଟି ଦେଖାଯାଏ, ଯେଉଁଥିପାଇଁ ସେଠାରେ ଆଉ ଏକ ମେସିନ ଲଗାଯାଏ। କିନ୍ତୁ ତ୍ରୁଟି ଦେଖାଯିବା ପୂର୍ବରୁ କେତେ ଭୋଟ ପଡିଥିଲା, ତାହାର କୌଣସି ବିବରଣୀ ପ୍ରଦାନ କରାଯାଉ ନାହିଁ।

ଡ. ମିଶ୍ର କହିଥିଲେ ଯେ ସନ୍ଧ୍ୟା ୫ଟା ଭୋଟ ଶେଷ ପାଇଁ ଥିବା ନିର୍ଦ୍ଧାରିତ ସମୟରେ କମିସନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା କିପରି ଭାବେ ଅହେତୁକ ବୃଦ୍ଧି ପାଉଛି ବୋଲି ବିଜେଡି ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ସମସ୍ତ ୨୧ଟି ସଂସଦୀୟ କ୍ଷେତ୍ରରେ ଓ ୩୮ଟି ବିଧାନସଭା କ୍ଷେତ୍ରରେ ସନ୍ଧ୍ୟା ୫ଟାରେ ଘୋଷିତ ଭୋଟଦାନ ଠାରୁ ୭ରୁ ୩୦ ପ୍ରତିଶତ ଭୋଟ ବୃଦ୍ଧି ପାଇଥିଲା, ଯାହା ପୂର୍ବ ନିର୍ବାଚନଗୁଡିକରେ ଦେଖିବାକୁ ମିଳି ନ ଥିଲା। ନିର୍ବାଚନ କମିସନ ଏହି ପ୍ରଶ୍ନ ସମ୍ବନ୍ଧରେ ସ୍ପଷ୍ଟ କରିନାହାନ୍ତି। ଏହାଛଡା ନିର୍ବାଚନରେ ସ୍ୱଚ୍ଛତା ବୃଦ୍ଧି ପାଇଁ ଇଭିଏମ୍‌କୁ ନିୟମିତ ବ୍ୟବଧାନରେ ଅଡିଟ୍ କରିବା ପାଇଁ ରାଜନୈତିକ ଦଳମାନଙ୍କୁ ସୁଯୋଗ ଦିଆଯାଉ ବୋଲି ଦଳ ଦାବି କରିଥିଲେ ହେଁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ମଧ୍ୟ କୌଣସି ଉତ୍ତର ରଖି ନାହାନ୍ତି ବୋଲି ଡଃ ମିଶ୍ର କହିଛନ୍ତି।

- ନିର୍ବାଚନକୁ ବିତିଲାଣି ୧୯ ମାସ, ଏଯାଏଁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେଲାନି ଫର୍ମ ୧୭-ସି
- ପଡ଼ିଥିବା ଭୋଟ ଓ ଗଣତି ଭୋଟ ସଂଖ୍ୟାରେ ତାରତମ୍ୟ; ନିର୍ବାଚନୀ ସ୍ୱଚ୍ଛତାରେ ପ୍ରଶ୍ନବାଚୀ
- ସନ୍ଧ୍ୟା ୫ଟା ସମୟରେ ଦିଆଯାଇଥିବା ଭୋଟ୍ ସଂଖ୍ୟାରେ ୭ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଗତ ନିର୍ବାଚନକୁ ୧୯ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭-ସିକୁ ତାଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କଲେ ନାହିଁ। ଫୁଲବାଣୀ ବିଧାନସଭା ଆସନର ବୁଥ୍ ନମ୍ବର ୫୭ରେ ଫର୍ମ ୧୭-ସି ଅନୁଯାୟୀ ପଡ଼ିଥିବା ଭୋଟ ଓ ଫର୍ମ ୨୦ ଅନୁଯାୟୀ ଗଣତି ହୋଇଥିବା ଭୋଟ ସଂଖ୍ୟା ୬୮୨ ଖଣ୍ଡ ଅଧିକ ଭୋଟ ରହିଛି। ସେହିପରି ତଳସରା ବିଧାନସଭା ଆସନର ୧୬୫ ଓ ୨୧୯ ନମ୍ବର ବୁଥରେ ୬୬୦ ଓ ୭୮୪ ଖଣ୍ଡ ଭୋଟ ଅଧିକ ଗଣତି ହୋଇଛି। ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ରହୁଥିବା ଏହି ତାରତମ୍ୟ ନିର୍ବାଚନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଥିଲେ ମଧ୍ୟ ନିର୍ବାଚନ କମିସନ ଏହାକୁ ସ୍ପଷ୍ଟ କରିବା ପରିବର୍ତ୍ତେ ଅସ୍ପଷ୍ଟ ଉତ୍ତର ଦେଇ ଏହାକୁ ଟାଳି ଦେବାକୁ ଉଦ୍ୟମ କରୁଛନ୍ତି। ଦେଶରେ ସ୍ୱଚ୍ଛ ନିର୍ବାଚନ ଆୟୋଜନ କରିବା ଦେଶର ନିର୍ବାଚନ କମିସନରଙ୍କ ଦାୟିତ୍ୱ। ସ୍ୱଚ୍ଛ ନିର୍ବାଚନ ପ୍ରସଙ୍ଗରେ ଆଜି ବିଜେଡି ଯେଉଁ ପ୍ରଶ୍ନ ପଚାରୁଛି, ତାହା ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ସ୍ପଷ୍ଟ ଉତ୍ତର ରଖିବା ସହିତ ଦେଶବାସୀଙ୍କ ମନରୁ ସନ୍ଦେହ ଦୂର କରିବା ଉଚିତ ବୋଲି ଡ. ସାମନ୍ତସିଂହାର କହିଛନ୍ତି।

# ସମୀର ନାୟକରୁ ସମୀରା ମାଡାମ୍



**ଅସ୍ତ୍ରୋପଚାର କରି ପୁଅରୁ ଝିଅ ହେଲେ ଅଧ୍ୟାପିକା**

ଖଲ୍ଲିକୋଟ,୨।୨(ସମିସ): ପୁରୁଷ ଦେହ ଭିତରେ ଲୁଚି ରହିଥିଲା ନାରୀର ମନ। ଆଉ କେତେଦିନ ସମାଜକୁ ଲୁଚାଇଥା'ନ୍ତେ ଓ ନିଜକୁ ନିଜେ ଠକି ଚାଲିଥା'ନ୍ତେ। ତେଣୁ, ଅସ୍ତ୍ରୋପଚାର କରି ପୁଅରୁ ଝିଅ ହୋଇଗଲେ। ସମୀର ନାୟକରୁ ବନିଗଲେ ସମୀରା ମାଡାମ୍। ଓଡ଼ିଶାର ପ୍ରଥମ ଟ୍ରାନ୍ସ-ଓମେନ୍ ଆର୍ଟିଷ୍ଟ ସମୀରା ନାୟକ ଏବେ ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଇଣ୍ଡିଆନ୍ ପେଣ୍ଟିଂ ବିଭାଗରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ। ସୀମରଙ୍କ ସମୀରା ପର୍ଯ୍ୟନ୍ତ ଯାତ୍ରା ବହୁ ଝଡ଼ଝଞ୍ଜାଭରା।

ଖଲ୍ଲିକୋଟ ବ୍ଲକ୍‌ର ଗୋଟିଏ ଛୋଟିଆ ଗାଁରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ନେଇଥିଲେ ସମୀର। ପୁଅଟିଏ ହୋଇ ଜନ୍ମ ହୋଇଥିଲେ ସତ କିନ୍ତୁ ପାଠପଢ଼ା ବୟସରେ ଆସିଥିଲା ମନ ଭିତରେ ଅନେକ ପରିବର୍ତ୍ତନ। ବୟସ ବଢ଼ିବା ସାଙ୍ଗକୁ ମନ ଓ ଚାଲିଚଳଣରେ ଫରକ୍ ବାରି ହୋଇପଡ଼ିଥିଲା। ପୁଅ ସାଙ୍ଗଙ୍କ ଅପେକ୍ଷା ଝିଅମାନଙ୍କ ସହ ଅଧିକ ମିଳାମିଶା କରୁଥିଲେ। ପୁଅ ଶରୀର ଭିତରେ ସେ ରୁଦ୍ଧି ହୋଇଯାଉଥିଲେ। ତେଣୁ, ୨୦୨୩ରେ ପାଠପଢ଼ା ସାରିବା ପରେ ଲିଙ୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇରେ ବ୍ୟୟବହୁଳ ଅସ୍ତ୍ରୋପଚାର କରି ନିଜର ଲିଙ୍ଗ ପରିବର୍ତ୍ତନ କରିଥିଲେ। କିଛି ଦିନ ତଳେ ପୁଅରୁ ଝିଅ ହୋଇଥିବା ସମୀରା ବର୍ତ୍ତମାନ ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଇଣ୍ଡିଆନ୍ ପେଣ୍ଟିଂ ବିଭାଗରେ ଅତିଥି ଅଧ୍ୟାପିକା। ଏକଦା ସେହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୀରା ଆଜି ସେହି କଲେଜରେ ଅତିଥି ଅଧ୍ୟାପିକା ଭାବେ ନିଯୁକ୍ତି ହୋଇଥିବାରୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ବେଶ୍ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। ଅପରପକ୍ଷରେ, ବର୍ତ୍ତମାନ ସମୀରା ଓଡ଼ିଶାର ପ୍ରଥମ ଟ୍ରାନ୍ସ-ଓମେନ୍ ଆର୍ଟିଷ୍ଟ ଭାବରେ ନିଜକୁ ଗର୍ବ ଅନୁଭବ କରନ୍ତି। ଆଗକୁ ଚିତ୍ରକଳା କ୍ଷେତ୍ରରେ ଓଡ଼ିଶାର ଟେକ ରଖିବାକୁ ଲକ୍ଷ୍ୟ ରଖିଛନ୍ତି ସମୀରା।

### କଲମପୁର ଓ ଥୁଆମୂଳ ରାମପୁରବାସୀଙ୍କ ଦୁଃଖ ସିଂଘାରି ଘାଟି

# ରାସ୍ତା ଖୋଲିବାର ତିନି ଦଶନ୍ଧି ପରେ ବି ଚାଲି ପାରୁନି ବସ୍

**କଲମପୁର, ୨।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଓ ଥୁଆମୂଳ ରାମପୁର ବ୍ଲକ ସହିତ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା ଆଜି ଉଭୟ ବ୍ଲକବାସୀଙ୍କ ପାଇଁ ଦୁଃଖର କାରଣ ପାଲଟିଛି । କଲମପୁର ଠାରୁ ଥୁଆମୂଳ ରାମପୁରର ଦୂରତା ୧୮ କିଲୋମିଟର, ଏହି ୧୮ କିଲୋମିଟର ରାସ୍ତାରେ ୯ କିଲୋମିଟର ସମତଳ ରହିଥିବା ବେଳେ ୯ କିଲୋମିଟର ପାହାଡ଼ ରହିଛି । ସେତେବେଳେ ଲୋକେ କଲମପୁର ଠାରୁ ଥୁଆମୂଳ ରାମପୁରକୁ ପାଦଚଲା ରାସ୍ତାରେ ଯିବା ଆସିବା କରୁଥିଲେ, ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ତିନି ଦଶନ୍ଧି ପୂର୍ବେ ସରକାର ପାହାଡ ଖୋଲି ରାସ୍ତା ନିର୍ମାଣ କରିଥିଲେ, ରାସ୍ତା ନିର୍ମାଣରେ ପ୍ରଶାସନ ଓ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଯାନ ବାହାନ ଚଳାଚଳରେ ବାଧା ସୃଷ୍ଟି ହେଲା, ରାସ୍ତା ସଂକୀର୍ଣ୍ଣ କରିଦେବା ସହିତ ହଠାତ ବୁଲାଣି ଯୋଗୁଁ ପାଦେ ପାଦେ ବିପଦ ଦେଖାଦେଲା । ସେଥିପାଇଁ ଯାତ୍ରୀବାହୀ ବସ୍ ଚଳାଚଳ କରି ପାରିଲା ନାହିଁ, ଲୋକେ ଜୀବନକୁ ବାଜି ଲଗାଇ ବାଧ୍ୟ ହୋଇ ଯିବାଆସିବା କରିବାକୁ ଲାଗିଲେ, ଏବେ ସେହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି । ଖାଲ ଢିପ ଓ ଗୋଡ଼ି ମାଟି ରାସ୍ତା ଉପରେ ସର୍ବଦା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଏନେଇ ଉଭୟ ବ୍ଲକର ଜନସାଧାରଣ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି, ହେଲେ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏହିରାସ୍ତା ପୂର୍ତ୍ତବିଭାଗ ଅଧୀନରେ ରହିଥିବା ବେଳେ ଫରେଷ୍ଟ କ୍ଲିୟରାନ୍ସ ମିଳୁ ନ ଥିବାରୁ ରାସ୍ତା କାମ କରାଯାଇ ପାରୁନାହିଁ ବୋଲି କୁହାଯାଉଛି । ପୁଣି ୨କୋଟି ଟଙ୍କା ମରାମତି ପାଇଁ ମଞ୍ଜୁର ହୋଇଛି ବୋଲି କୁହାଯାଉଛି, କିନ୍ତୁ ଲୋକେ ଦହଗଞ୍ଜ ହୋଇ ଚାଲିଛନ୍ତି, ମାତ୍ର କାମର ନା ଗନ୍ଧ ନାହିଁ । ନିରାଶ ହୋଇ ଉଭୟ ବ୍ଲକବାସୀ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ବିଧାୟକ ମିଶ୍ର ମଧ୍ୟ ଏ ଦିଗରେ ନିଶ୍ଚିତ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେବା ସହିତ ମୁଁ ମଧ୍ୟ ଏହି ଘାଟି ରାସ୍ତା ଦେଇ ଥୁଆମୂଳରାମପୁର ଗସ୍ତ କରିଥିଲି, ହେଲେ ଫେରିଲା ବେଳକୁ ରାସ୍ତାର ଅବସ୍ଥା ଦେଖି ଅନ୍ୟଏକ ରାସ୍ତାରେ ଫେରିବାକୁ ବାଧ୍ୟ ହେଲି ବୋଲି ସେ କହିଥିଲେ । ଭବାନୀପାଟଣା ଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ରାସ୍ତା ଏବେ ନିରାପଦ ନୁହେଁ, ଅନ୍ୟଏକ ରାସ୍ତା ମହୁଲପାଟଣା ମୁଖିଗଡ଼ା ଦେଇ ଜୟପାଟଣା ସହିତ ସଂଯୋଗ କରିଛି । ଏହି ରାସ୍ତାରେ ଗମନାଗମନ କଲେ ଦୂରତା ଅଧିକ ହେଉଛି, ଏଣୁ ଲୋକେ ସିଂଘାରି ଘାଟି ରାସ୍ତା ଉପରେ ପ୍ରାୟତଃ ନିର୍ଭର କରି ଆସୁଛନ୍ତି, ଏହି ରାସ୍ତା ଥୁଆମୂଳ ରାମପୁର ବ୍ଲକ ସହିତ କଲମପୁର, ଜୁନାଗଡ଼, ଭବାନୀପାଟଣା, ଧର୍ମଗଡ଼, କୋକସରା ସମେତ ନବରଙ୍ଗପୁର ଛତିଶଗଡ଼ ସହିତ ଯୋଗାଯୋଗର ଉତ୍ତମ ମାର୍ଗ ହୋଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଅଭାବରୁ ତାହା ଫଳପ୍ରଦ ହୋଇପାରୁ ନାହିଁ । ସେହିଭଳି ଏହି ରାସ୍ତା ଦେଇ ଥୁଆମୂଳ ରାମପୁର ସମେତ ରାୟଗଡ଼ା କାଶିପୁର ଟିକିରି ଆଦି ସ୍ଥାନକୁ ଯାତାୟାତ ପାଇଁ ସୁଗମପଥ ଭାବେ ଲୋକଙ୍କ ଠାରେ ପରିଚୟ ସୃଷ୍ଟି କରିଛି, ଏବେ ଏହି ରାସ୍ତା ଲୋକଙ୍କ ମରଣ ଯନ୍ତା ପାଲଟିବାରେ ଲାଗିଛି, ରାସ୍ତା ପାଇଁ ଦୈନିକ ଛୋଟମୋଟ ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା ପାଲଟିଛି, ତଥାପି ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମାନଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ପାରୁନାହିଁ । ଜୁନାଗଡ଼ ବିଧାୟକ କ୍ୟାପଟେନ ଶ୍ରୀ ମିଶ୍ର ଖୁବଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଆଜି ବିଜେଡିର ଚାଷୀ ସମାବେଶ

**ଭବାନୀପାଟଣା, ୨।୨(ସମିସ):** ନୂଆ ସରକାର ଆସିବା ପରେ ରାଜ୍ୟର ଚାଷୀମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଥିବାବେଳେ ମଣ୍ଡି ସମସ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଏନେଇ ବିଜୁ ଜନତା ଦଳ ପକ୍ଷରୁ ବାରମ୍ବାର ଚାଷୀ ସମସ୍ୟା ନେଇ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏନେଇ ଆସନ୍ତା କାଲି ଅର୍ଥାତ୍ ୩ ତାରିଖ ଦିନ କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ସମାବେଶରେ ସମସ୍ତ ବିଧାୟକ, ବ୍ଲକ ଓ ଜୋନ୍ ସଭାପତି ଓ ଜିଲ୍ଲାର ୧୩ ଗୋଟି ବ୍ଲକରୁ ବିଜେଡି କର୍ମୀ ଓ ଚାଷୀ ଯୋଗଦେବେ । ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ଦିଶାରୀଙ୍କ ସଭାପତିତ୍ୱରେ ସୋମବାର ଭବାନୀପାଟଣାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା କାର୍ଯ୍ୟକାରୀ ନଗରପାଳ ବିଷ୍ଣୁ ପ୍ରଧାନ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ପ୍ରଦୀପ ମୁଣ୍ଡ, ଅଭିନାଶ ଠାକୁର, ତ୍ରିଲୋଚନ ପାଣିଗ୍ରାହୀ, ମନୀନ୍ଦ୍ର ମହାନ୍ତି, ସେନାପତି ନାଏକ, ଆଶୁତୋଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।




# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସିନାପାଲି, ୨।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଲିଆଡଙ୍ଗରିଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଜତିନ୍ଦ୍ର କୁମାର ସେଠ ଯୋଗଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପଙ୍କଜ ପାତ୍ର, ସମ୍ମାନିତ ଅତିଥି ଦେବି ଚରଣ ମାଝୀ ମଞ୍ଚାସୀନ ଥିଲେ । ଏହି ସମାରୋହରେ କୁଲିଆଡଙ୍ଗରି କ୍ଲଷ୍ଟର ସିଆରସିସି ଜଗଦୀଶ ତାଣ୍ଡି ସଭା ପରିଚାଳନା କରିଥିଲେ । ପରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ହୋଇଥିଲା । ଶିକ୍ଷକଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ତାଙ୍କର ଅବସରଜୀବନର ମଙ୍ଗଳ କାମନା କରିଥିଲେ ।

# ଓଡ଼ିଶା ଇତିହାସ କଂଗ୍ରେସର ୪୫ତମ ବାର୍ଷିକ ଅଧିବେଶନ




**ଭବାନୀପାଟଣା, ୨।୨ (ସମିସ):** ଓଡ଼ିଶା ଇତିହାସ କଂଗ୍ରେସର ୪୫ତମ ବାର୍ଷିକ ଅଧିବେଶନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଆୟୋଜନ ହୋଇଥିଲା । ଗତ ୩୦ ତାରିଖ ଦିନ ବିଶ୍ୱବିଦ୍ୟାଳୟର ଯୁବସଂସ୍କାର ହଲ୍‌ରେ ଏକ ସମାରୋହରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସଦସ୍ୟ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଇତିହାସ କଂଗ୍ରେସର ସଭାପତି ପ୍ରଫେସର ବାବା ମିଶ୍ର, ସମ୍ପାଦକ ସୁବାସ ଚନ୍ଦ୍ର ବାରିକ, ମୁଖ୍ୟବକ୍ତା ପ୍ରଫେସର ଦଧିବାମନ ମିଶ୍ର, କୁଳସଚିବ ଡ. ଗୁଣନିଧି ନାଏକ, ଇତିହାସ ବିଭାଗ ମୁଖ୍ୟ ଡ. ନଳିନୀକାନ୍ତ ରଣା ସମ୍ପାଦନ କରିଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ଡ. ନିବେଦିତା ମହାନ୍ତି ପ୍ରଫେସର କରୁଣାସାଗର ବେହେରା ସ୍ମାରକୀ ବକ୍ତୃତା ଉପସ୍ଥାପନ କରିଥିଲେ । ଦୁଇଦିନ ମଧ୍ୟରେ ପ୍ରାଚୀନ ଇତିହାସ ସମ୍ପର୍କିତ ୫୫ଟି, ମଧ୍ୟଯୁଗୀୟ ଇତିହାସ ସମ୍ପର୍କିତ ୨୫ଟି ଓ ଆଧୁନିକ ଇତିହାସ ସମ୍ପର୍କିତ ୭୦ଟି ସମୁଦାୟ ୧୫୦ଟି ଗବେଷଣାଟକ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ଏହି ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ରରେ ଓଡ଼ିଶା ଇତିହାସ କଂଗ୍ରେସର ୨୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ । ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡ଼ାମାଝୀ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ । ଡ. ନଳିନୀକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ଇତିହାସ ବିଭାଗର ଅଧ୍ୟାପିକା ଡ. ଗୀତାଞ୍ଜଳି ରାଉତ, ତ୍ରିନାଥ ହିଆଲ, ରାକେଶ କୁମାର ବାରିକ, ଲକି ସାହୁ, ଡ. ବଣ୍ଟି ମହାପାତ୍ର, ସ୍ମରଣିକାଟି ସାମନ୍ତ ତଥା ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ ।

# ମାଁ ଠାକୁରାଣୀ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଲଡୁଗାଁ ଚାମ୍ପିଅନ



**କଲମପୁର, ୨।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଧୀନ ପୋଟେସ ମାଁ ଠାକୁରାଣୀ ନକ୍‌ଆଉଟ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପୋଟେସ ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୋଟେସକୁ ହରାଇ ଲଡୁଗାଁ ଏକାଦଶ ଚାମ୍ପିଅନ ହୋଇଛି । ପ୍ରଥମେ ଲଡୁଗାଁ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୪୭ ରନ ସଂଗ୍ରହ କରିଥିଲେ । ଏହାର ଯବାବରେ ପ୍ରତିପକ୍ଷ ଦଳ ନିର୍ଦ୍ଧାରିତ ଓଭରରେ ୧୦୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ । ଫଳରେ ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟରେ ଲଡୁଗାଁ ଦଳ ବିଜେତା ଘୋଷିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବେଣୁଦୀପ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଘନଶ୍ୟାମ ନାଏକ, ସମାଜସେବୀ ସୁଶୀଲ ଜୈନ, ସମାଜସେବୀ ମନୋଜ ଶର୍ମା ଉପସ୍ଥିତ ଥିଲେ । ବିଜେତା ଲଡୁଗାଁ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ପୋଟେସ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳର ଅମ୍ପାୟାର ଭାବେ ତୋଫାନ ମାଝୀ ଓ ଜୟ ପ୍ରକାଶ ବଛା ଖେଳ ପରିଚାଳନା କରିଥିଲେ । ସ୍କୋର ବୋର୍ଡ ପରିଚାଳନାରେ ସାମନ୍ତ ବାଗ ଦାୟିତ୍ୱ ନିର୍ବାହ କରିଥିବାବେଳେ ଧାରା ବିବରଣୀ ତୁଳାରାମ ପାନ ପ୍ରଦାନ କରିଥିଲେ । ଆୟୋଜନରେ ଚନ୍ଦ୍ରଶେଖର ମାଝୀ, ଶୋଭା ସୁନାନୀ, ବିଷ୍ଣୁ ନାରାୟଣ ବାଗ, ରାଜ କୁମାର ମାଝୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ନୁନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ମ.ରାମପୁର, ୨।୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ନୁନପୁର ପଞ୍ଚାୟତର ନୁନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ରଞ୍ଜିତା ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପି ମଣି ଜାନୀ, ମୁଖ୍ୟ ବକ୍ତା ମ.ରାମପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଶିକ୍ଷାବିତ୍ ଭବାନୀ ଶଙ୍କର ଯୋଶୀ, ଏବିଇଓ ଜୟସେନ ନିଆଲ୍, ଏଇଇ ବଲବିନ୍ଦର ସିଂହ ଯାଦବ, ବମକ ପଞ୍ଚାୟତର ସରପଞ୍ଚ ସବିତା ରଣା ଯୋଗଦେଇ ଥିଲେ । ଶିକ୍ଷକ ପ୍ରକାଶ ସେଠୀ, ତିମତି ମାଝୀ, ସୁନସୂତା ହାତୀ, ରାମେଶ୍ୱର ପ୍ରସାଦ ସାହୁ, ବିନୟ ପଧାନ ପରିଚାଳନାରେ ସହଯୋଗ କରିଥିଲେ ।

# ୧୦ ବର୍ଷ ପରେ ବି ଅପହଞ୍ଚ ପଠାଣି ସାମନ୍ତ ମେଧାବୃତ୍ତି

**କୋମନା, ୨।୨ (ସମିସ):** ଜଣେ ମେଧାବୀ ଛାତ୍ର ପାଇଁ ସରକାରୀ ସ୍ୱୀକୃତି ଏବଂ ସହାୟତା ଉତ୍ସାହର ଖୋରାକ ଯୋଗାଇଥାଏ । କିନ୍ତୁ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର କିଛି ଛାତ୍ରଛାତ୍ରୀଙ୍କ ପାଇଁ ଏହି ଉତ୍ସାହ ଏବେ ହତାଶାରେ ପରିଣତ ହୋଇଛି । ଗୋଟିଏ କିମ୍ବା ଦୁଇ ବର୍ଷ ନୁହେଁ, ଦୀର୍ଘ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରିନାହିଁ ପଠାଣି ସାମନ୍ତ ମେଧାବୃତ୍ତି ।

ସୂଚନା ଅନୁସାରେ, ୨୦୧୬-୧୭ ଆର୍ଥିକ ବର୍ଷରେ କୋମନା ବ୍ଲକର ଅନେକ ମେଧାବୀ ଛାତ୍ରଛାତ୍ରୀ ଗଣିତରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଏହି ସମ୍ମାନଜନକ ମେଧାବୃତ୍ତି ପାଇଁ ମନୋନୀତ ହୋଇଥିଲେ । ସେତେବେଳେ ସେମାନେ ଆଶା କରିଥିଲେ ଯେ ଏହି ଅର୍ଥ ସେମାନଙ୍କ ଉଚ୍ଚଶିକ୍ଷାରେ ସହାୟକ ହେବ । କିନ୍ତୁ ଦଶନ୍ଧି ପରେ ବି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଆଜି ବି ଶୂନ୍ୟ ହୋଇ ପଡ଼ିଛି । ଏହି ମେଧାବୃତ୍ତି କ'ଣ କେବଳ କାଗଜପତ୍ରରେ ସୀମିତ ରହିବା ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ସଂସ୍କାର ଭାରତୀ ତରଫରୁ ଭରତ ମୁନି ସ୍ମୃତି ଦିବସ




**ଭବାନୀପାଟଣା, ୨।୨ (ସମିସ):** ନାଟକ ଜୀବନର ନାନ୍ଦନିକ ପ୍ରତିଛବି । ସାଧାରଣ ଜନଜୀବନର ଅକୁହା କଥାକୁ ନାଟକ କହିଥାଏ । ବିଶ୍ୱର ପୁରାତନ ନାଟ୍ୟ ପରମ୍ପରା ଭାରତରୁ ଆରମ୍ଭ ହୋଇଥିଲା । ନାଟକର ସାମ୍ବିଧାନିକତାକୁ ଭରତ ମୁନି ଚାରିଶହ ବର୍ଷତଳେ ସକାରଣ ଦର୍ଶାଇଥିଲେ । ତାଙ୍କରି ନାଟ୍ୟଶାସ୍ତ୍ରକୁ ତେଣୁ ପଞ୍ଚମ ବେଦର ମର୍ଯ୍ୟାଦା ଦିଆଯାଏ ବୋଲି ସଂସ୍କାର ଭାରତୀ, କଳାହାଣ୍ଡି ଶାଖା ତରଫରୁ ପାଳିତ ଭରତ ମୁନି ସ୍ମୃତି ଦିବସ ଅବସରରେ ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ଟାଉନ ହଲଠାରେ ପ୍ରଥମ ଅଧିବେଶନରେ ଶିଶୁମାନଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ହୋଇଥିବାବେଳେ ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ନାଟ୍ୟକାର ପରମେଶ୍ୱର ମୁଣ୍ଡ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଉପରେ ଆଲୋଚନା କରିଥିଲେ । ତୃତୀୟ ଅଧିବେଶନରେ ଯୁଧିଷ୍ଠିର ମୁଦୁଲିଙ୍କ ସଂଯୋଜନାରେ ନିମନ୍ତ୍ରିତ କବିଙ୍କୁ ନେଇ କବିତା ପାଠୋତ୍ସବ ହୋଇଥିଲା । ସାନ୍ଧ୍ୟ ଅଧିବେଶନରେ କଳାହାଣ୍ଡି ଜିଲ୍ଲା ସଭାପତି ତିଳକରାମ ନିଆଲଙ୍କ ସଭାପତିତ୍ୱରେ ନାଟ୍ୟକାର ଅଶୋକ ପାତ୍ର, ସଂସ୍କାର ଭାରତୀର ଉତ୍କଳ ପଶ୍ଚିମ ପ୍ରାନ୍ତ ଅଧ୍ୟକ୍ଷ ହରେକୃଷ୍ଣ ଭୋଇ ଓ ଜିଲ୍ଲା ସମ୍ପାଦକ ଗୋପାଳ ସାହୁ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ନାଟକ କ୍ଷେତ୍ରରେ ଅବଦାନ ପାଇଁ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀଙ୍କୁ 'ଭରତ ମୁନି ସ୍ମୃତି ସମ୍ମାନ-୨୬' ତଥା ସଙ୍ଗୀତଜ୍ଞ ସୁଧୀର ଚନ୍ଦ୍ର ପଣ୍ଡା ଓ କଳାକାର ଭାଗିରଥି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ପରେ କଳାହାଣ୍ଡି ଲେଖକ କଳା ପରିଷଦର ଶିଳ୍ପୀମାନେ ସୁଗମ ସଙ୍ଗୀତ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରତାପ ପଣ୍ଡାଙ୍କ ଲିଖିତ ଓ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ସ୍ୱଦେଶାର୍ପଣ' ସଫଳ ମଞ୍ଚସ୍ଥ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ପଣ୍ଡା, ଭାଗିରଥି ବେହେରା, ଆଲୋକ ସାହୁ, ଜ୍ୟୋତିରାଣୀ ଦାସ, ଖୀରସିନ୍ଧୁ ଭୋଇ, ନମିତା ମିଶ୍ର ଓ ଭାରତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ମା' ବନ୍ ଗୋଷିଏନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବୋଡ଼େନକୁ ହରାଇ ନିଲଜୀ ଚାମ୍ପିଅନ



**ସିନାପାଲି, ୨।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ନିଲଜୀ ଠାରେ ଆୟୋଜିତ ମା ବନ୍ ଗୋଷିଏନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ନିଲଜୀ ଓ ବୋଡ଼େନ ଦଳ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଥିଲା । ଟସ୍ ଜିତି ନିଲଜୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ବିନିମୟରେ ୧୭୯ ରନ୍ ସଂଗ୍ରହ କରିଥିଲା । ଏହାର ଯବାବରେ ବୋଡ଼େନ ଦଳ ୧୫ ଓଭରରେ ୯ ୱିକେଟ୍ ହରାଇ ୧୨୯ ରନ୍ କରିଥିଲା । ଫଳରେ ନିଲଜୀ ଦଳ ଚାମ୍ପିଅନ ହୋଇଥିଲା । ଫାଇନାଲ ମ୍ୟାଚ୍ ଅବସରରେ ଜିଲ୍ଲା ପରିଷଦ ଜୋନ୍ ନଂ୧୨ ପୁଷ୍ପାଞ୍ଜଳି ଗୁଆଲ, ଜୋନ୍ ନଂ୧୩ ଯଜ୍ଞସେନୀ କଟା, ଏମ୍‌ପି ପ୍ରତିନିଧି ମିଥୁନ ବାଗ, ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ସରପଞ୍ଚ ଲକ୍ଷ୍ମଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ପ୍ରିୟରଞ୍ଜନ ମେହେର, ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ଅରବିନ୍ଦ ପ୍ରଧାନ, ସତ୍ୟବ୍ରତ ଗହୀର (ଏଚ୍‌ଏମ୍), ଅବସରପ୍ରାପ୍ତ ଫରେଷ୍ଟର ସଦାନନ୍ଦ ସୁନାନୀ, ଗୌରଚନ୍ଦ୍ର ଶା, ଧବଳେଶ୍ୱର ପ୍ରଧାନ, ବରିଷ୍ଠଶିକ୍ଷକ ରାକେଶ ମିଶ୍ର ଓ ଲକ୍ଷ୍ମଣ ବଞ୍ଜାରା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ ।

### ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟରେ ଛାତ୍ରୀ ଅସଦାଚରଣ ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ଦାବି କଲା ଛାତ୍ର ବିଜେଡି

**ଭବାନୀପାଟଣା, ୨।୨(ସମିସ)**



ପରମାନନ୍ଦପୁରସ୍ଥିତ ରେଡ୍‌କ୍ରସ୍ ଅନ୍ଧ, ମୁକ-ବଧିର ବିଦ୍ୟାଳୟରେ ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ଶାରୀରିକ ଶୋଷଣ ପାଇଁ ପ୍ରୟାସ କରୁଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏ ନେଇ ସୋମବାର ପୂର୍ବତନ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ସୂଚନାଯୋଗ୍ୟ ଯେ, ଦୃଷ୍ଟିହୀନ ବିଦ୍ୟାଳୟର ଅସହାୟ ଛାତ୍ରୀମାନଙ୍କୁ ସେହି ବିଦ୍ୟାଳୟର ୱାର୍ଡେନ ଦ୍ୱାରା ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଏକ ଭିଡିଓ ଓ ଫଟୋ ଚିତ୍ର ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଏହି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ନଚପାଇ ତୁରନ୍ତ ୱାର୍ଡେନକୁ ବରଖାସ୍ତ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଛାତ୍ର ବିଜେଡି ଦାବିପତ୍ରରେ ଉଲ୍ଲେଖ କରିଛି । ଏପରିକି ବଧିର ବିଦ୍ୟାଳୟର ଜଣେ ପିଇଟି ଶିକ୍ଷକ ଛାତ୍ରମାନଙ୍କୁ ଅମାନବୀୟ ଭାବେ ମାଡ଼ ମାରୁଥିବା ଅଭିଯୋଗ ଆସିଛି । ଏଣୁ ଏହାର ତଦନ୍ତ କରି ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ନେତା ମାନେ ଦାବି କରିଛନ୍ତି । ଏଥିରେ ଯୁବନେତା ଅବିନାଶ ଠାକୁର, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ନିଳାମ୍ବର ସାହୁ, ଛାତ୍ର ନେତା ଶ୍ରୀଚନ୍ଦନ ନାଏକ, ମାନସ ସିନ୍ଦୂର, ନିମସ ତାଣ୍ଡି, ଭୋଳାନାଥ ନାଗ, ଦେବେନ୍ଦ୍ର ମାଝୀ ପ୍ରମୁଖ ଜିଲ୍ଲାପାଳ ସଚିନ ପାୱାରଙ୍କୁ ସାକ୍ଷାତ କରିଥିଲେ ।

## କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଯାତ୍ରୀଙ୍କୁ ଆକ୍ରମଣ

**● ରକ୍ତାକ୍ତ କରି ମୋବାଇଲ, ଟଙ୍କା ନେଇ ଗଲେ ଦୁର୍ବୃତ୍ତ**

**କଣ୍ଟାବାଞ୍ଜି, ୨।୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନ ଅଞ୍ଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ଦାୟିତ୍ୱରେ ଥିବା ସୁରକ୍ଷା ବାହିନୀଙ୍କ ପାଟ୍ରୋଲିଂ କାର୍ଯ୍ୟରେ ଅବହେଳା ଯୋଗୁଁ ଯାତ୍ରୀ ଆକ୍ରମଣର ଶିକାର ହେଉଛନ୍ତି । ସୋମବାର ଭୋର ୪ଟାରେ ଜଣେ ଯୁବକ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଆକ୍ରମଣର ଶିକାର ହୋଇଛନ୍ତି । ସେ ହେଲେ ଛତିଶଗଡ଼ ରାଜଗାନଗାଁଓ ଅଞ୍ଚଳର ହେମନ୍ତ ଉମମେଦକର । ତାଙ୍କ ଗୋଡ଼, ମୁଣ୍ଡ ଏବଂ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ଟ୍ରେନରେ ସେ ବିଳାସପୁର ଯିବାର ଥିଲା । ଚାଲି ଚାଲି ସେ ଷ୍ଟେସନ ଯାଉଥିଲେ । ଠିକ୍ ଷ୍ଟେସନ ପହଞ୍ଚିବା ପୂର୍ବରୁ କେତେକ ଯୁବକ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ତାଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟି ନେଇ ପଳାଇଥିଲେ । ସେ ୨ନଂ ପ୍ଲାଟଫର୍ମରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଆରପିଏଫ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଚେତା ଆସିବା ପରେ ତାଙ୍କ ପରିଚୟ ମିଳିଥିଲା । କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## କୋଇଲା ବୋଝେଇ ଟ୍ରେନ୍‌ରେ ଲାଗିଲା ନିଆଁ



**ତୁରେକେଲା, ୨।୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ରେଳ ଷ୍ଟେସନରେ ଏକ କୋଇଲା ବୋଝେଇ ଟ୍ରେନର ଗୋଟିଏ ୱାଗନରେ ଲାଗିଥିବା ନିଆଁ ଲାଗି ଲିଭା ଯାଇଛି । ଟ୍ରେନ୍‌ଟି ହରିଶଙ୍କର ରେଳ ଷ୍ଟେସନ ପାର୍ ହେବା ପରେ ରେଳ ବିଭାଗ ନିଆଁ ଲାଗିଥିବା ଖବର ପାଇଥଲା । ଏହାପରେ ତୁରନ୍ତ କଣ୍ଟାବାଞ୍ଜି ଅଗ୍ନିଶମ କେନ୍ଦ୍ରକୁ ଖବର ଦିଆଯାଇଥିଲା । ଅଗ୍ନିଶମ କେନ୍ଦ୍ର କର୍ମଚାରୀ ତୁରନ୍ତ ତୁରେକେଲା ଷ୍ଟେସନରେ ପହଞ୍ଚି ନିଆଁ ଲିଭାଇଥିଲେ । ତେବେ ଏହି କୋଇଲା ବୋଝେଇ ଟ୍ରେନ୍ ରାୟପୁରରୁ ବିଶାଖାପାଟଣା ଅଭିମୁଖେ ଯାଉଥିଲା ।

## ହଳଦୀରେ ମଣ୍ଡଳସ୍ତରୀୟ ବିରାଟ ହିନ୍ଦୁ ସମ୍ମିଳନୀ

**ମୁରିବାହାଲ, ୨।୨(ସମିସ):** ହଳଦୀରେ ଜାଗ୍ରତ ହିନ୍ଦୁ ସମାଜ ଦ୍ୱାରା ବିରାଟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ହଳଦୀ, ପତ୍ରାପାଲି(ଖ), ବିଟାବନ୍ଧ ଓ ମାଲିଶିରାର ସମସ୍ତ ଗାଁ ଲୋକେ ଉପସ୍ଥିତ ଥିଲେ । ୨୫ କୁଣ୍ଡୀୟ ବୈଦିକ ଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଜନ୍ମେଜୟ ପାଣିଗ୍ରାହୀ, ସେବା ନିବୃତ୍ତ ସୈନିକ ଅରୁଣ ସେଠ, ନାରୀନେତ୍ରୀ ରୀତାରାଣି ବାଗ, ଦର୍ଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ ସାହୁ ଅତିଥି ଭାବେ ଭାବେ ଯୋଗ ଦେଇଥିଲେ । ଆନନ୍ଦ ସାମନ୍ତରାୟ ଓ ତାଙ୍କ ସହଯୋଗୀ ବାନପ୍ରସ୍ଥୀ ଜଗଦୀଶ ଦାସ, ସୁଦର୍ଶନ ମହାକୁର, ଗିରିଧାରୀ ବାଗଙ୍କ ଦ୍ୱାରା ବୈଦିକ ଯଜ୍ଞ ସମ୍ପାଦନା ହୋଇଥିଲା । ସାଧୁରାମ ପାଣିଗ୍ରାହୀ, ରଞ୍ଜୁ ହାତୀ, ରୋହିତ ପୋଡ଼, ପିଙ୍କୁ ପଶାୟତ, ବିରଞ୍ଚି ହାତୀ, ଆଦିକନ୍ଦ ଖମାରୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସଂକୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା । ସଂକୀର୍ତ୍ତନ୍ୟ କଳାକାର ମାର୍କଣ୍ଡ ମହାକୁର, ମନବୋଧ ବାଗ ଓ ଚିତ୍ରସେନ ଦାସଙ୍କୁ ସମ୍ମାନିତ କରାଯାଇଥିଲା । ସ୍ୱପ୍ନେଶ୍ୱର ମହାକୁର, ସାରଥୀ କୁମ୍ଭାର, ଶେଷଦେବ ପୁଟେଲ, ପୁରୁଷୋତ୍ତମ ବାଗ, ଆଲୋକ ପଟେଲ, ଥବୀର ପୁଝାରୀ, ବିରାଜ ମହାନ୍ତି, ପ୍ରସାଦି କମ୍ପ, ସତ୍ୟାନନ୍ଦ ମହାକୁର, କ୍ଷୀରସିନ୍ଧୁ ବାଗ, ପ୍ରଭାକର ମହାକୁର, କୁଶ ଟାଣି, ଦେବଦତ୍ତ ବାଗ, ରାଜୀବ ପାଣିଗ୍ରାହୀ, ସଞ୍ଜୀବ ପାଣିଗ୍ରାହୀ, ରବି ପୋଡ଼, ପିଙ୍କୁ ବାଗ, ଶୁଭମ ପାଣିଗ୍ରାହୀ, ପରମାନନ୍ଦ ମହାକୁର, ଉଜ୍ଜଳ ବାଗ, କ୍ରିସ ହାତୀ, ଅନୁପ ମହାକୁର, ପ୍ରସାଧୁ କୁମ୍ଭାର ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ନୂଆ ୟୁଜିସି ନିୟମକୁ 'ରାଜେନ୍ଦ୍ର' ଛାତ୍ରଛାତ୍ରୀଙ୍କ ବିରୋଧ




**ବଲାଙ୍ଗିର, ୨।୨(ସମିସ):** ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ ସୋମବାର ୟୁଜିସି ଆଣିଥିବା ନୂତନ ନିୟମକୁ ପ୍ରତ୍ୟାହାର କରିବା ଦାବିରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ । ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏକତ୍ରିତ ହୋଇଥିଲେ । ଏହି ନୂତନ ବ୍ୟବସ୍ଥା ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ବାଧା ସୃଷ୍ଟି କରିବ । ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ ଉଚ୍ଚଶିକ୍ଷାରେ ସମାନତା ଓ ସାମାଜିକ ନ୍ୟାୟକୁ କ୍ଷତିଗ୍ରସ୍ତ କରିବ । ଏହି ୟୁଜିସି ନିୟମ ସୁଧାର ନୁହେଁ; ବରଂ ପଛକୁ ନେବା ଭଳି ପଦକ୍ଷେପ ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଥିଲେ । ଛାତ୍ର ସମୁଦାୟଙ୍କ ସହ ଆଲୋଚନା କରିବା ପରେ ଏହି ନିୟମ ଲାଗୁ କରାଯିବାକୁ ଦାବି ହୋଇଛି । ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ବ୍ୟୋମକେଶ ଦତ୍ତ ତ୍ରିପାଠୀ, ସ୍ୱାଗତ ପଟ୍ଟନାୟକ, ସୋମ ମିଶ୍ର, ପ୍ରତିଶ୍ରୁତି ନାଏକ, ଚିରଞ୍ଜିବୀ ପଧାନ, ଆକାଶ ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ମନଇଚ୍ଛା କଟାଯାଇ ପାରିବନି ଗଛ

**ବଲାଙ୍ଗିର, ୨।୨(ସମିସ)**



- **ହେମନ୍ତ ପଣ୍ଡାଙ୍କ ଅଭିଯୋଗ ଆଧାରରେ ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ**
- **କଡ଼ା ଦୃଷ୍ଟି ରଖିବାକୁ ଜିଲ୍ଲାପାଳ, ଡିଏଫଓଙ୍କୁ ନିର୍ଦ୍ଦେଶ**
- **ପ୍ରତିକାର ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**
- **ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ମଧ୍ୟ ସତର୍କ ରହିବେ**
- **୫ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ସାଢେ ୪ ଲକ୍ଷ ଗଛ କଟିଛି**

ବଲାଙ୍ଗିର ଜିଲ୍ଲାରେ ବିକାଶ ନାଁରେ ମନଇଚ୍ଛା ଗଛ କଟାଯାଇ ପାରିବ ନାହିଁ । ଏହା ଉପରେ କଡ଼ା ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ଓ ଡିଏଫଓଙ୍କୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଅବୈଧ ଗଛ କଟାକୁ ରୋକିବା ପାଇଁ ବଲାଙ୍ଗିର ଜିଲ୍ଲାପାଳ, ଡିଏଫ୍ ଓ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ସତର୍କତାର ସହିତ କାର୍ଯ୍ୟ କରିବେ । ଅବୈଧ ଗଛକଟାର ପ୍ରତିକାର ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଆବେଦନକାରୀ ଯଦି ପୁଣି ନିର୍ଦ୍ଦିଷ୍ଟ ଅଭିଯୋଗ ଆଣିବେ ତାହାଲେ ଉପରୋକ୍ତ ଅଧିକାରୀମାନେ ଆଇନ ଅନୁମୋଦିତ ବିହିତ ପଦକ୍ଷେପ ନେବେ । ବଲାଙ୍ଗିରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କ ଆବେଦନ ଉପରେ ଶୁଣାଣି କରି ଟ୍ରିବ୍ୟୁନାଲ ଏହି ରାୟ ଦେଇଛନ୍ତି ।

ବଲାଙ୍ଗିର ଜିଲ୍ଲାରେ ରାସ୍ତା ପ୍ରଶସ୍ତିକରଣ ନାମରେ ବ୍ୟାପକ ଗଛକଟା ହେଉଛି । ଏହି ମାମଲାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ପୂର୍ବ ଜୋନ ବେଞ୍ଚ ତଥା କୋଲକାତା ବେଞ୍ଚ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ବିଚାର କରି ଏହି ରାୟ ଦେଇଛନ୍ତି । ନ୍ୟାୟମୂର୍ତ୍ତି ଅରୁଣ ତ୍ୟାଗୀ ଓ ପରିବେଶ ବିଶେଷଜ୍ଞ ଈଶ୍ୱର ସିଂ ଚୂଡ଼ାନ୍ତ ରାୟରେ ଏହା ଉଲ୍ଲେଖ କରିଛନ୍ତି ।

ମାମଲାର ଆବେଦନକାରୀ ଶ୍ରୀ ପଣ୍ଡାଙ୍କ ଅଭିଯୋଗ ଅନୁସାରେ ଗତ ୫ ବର୍ଷରେ ସମଗ୍ର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ ୪ ଲକ୍ଷ ୪୫ ହଜାର ଗଛ କଟା ଯାଇଥିବା ସୂଚନା ତାଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ହସ୍ତଗତ ହୋଇଥିଲା । ଏହା ମଧ୍ୟରୁ କେବଳ ରାସ୍ତା ପ୍ରଶସ୍ତିକରଣ ପାଇଁ ୧୫୦୦୦ରୁ ଅଧିକ ଗଛ କଟା ଯାଇଥିଲା । ଏହି ଗଛ ମଧ୍ୟରେ ନିମ୍ବ, ପିପ୍ପଳ, ବଟ, ଆମ୍ବ, ଜାମୁ ଓ ଅଶୋକ ଭଳି ପରିବେଶ ପାଇଁ ଅତ୍ୟନ୍ତ ଉପଯୋଗୀ, ଛାୟା ପ୍ରଦାନକାରୀ, ଜୈବବିବିଧତା ଓ ସ୍ଥାନୀୟ ଜଳବାୟୁ ପାଇଁ ଅତ୍ୟନ୍ତ ଆବଶ୍ୟକ ପ୍ରଜାତିର ପୁରୁଣା ଗଛ ରହିଥିଲା । ରାସ୍ତା ପ୍ରଶସ୍ତିକରଣ ପାଇଁ ଜିଲ୍ଲାବ୍ୟାପୀ କଟାଯାଇଥିବା ଗଛକୁ ଆଇନ ଅନୁମୋଦିତ ଭାବେ ବିଭିନ୍ନ ଦିଗକୁ ବିଚାର କରି ସତର୍କତାର ସହ କଟା ଯାଇଥିଲେ ଏତେ ସଂଖ୍ୟାରେ ଗଛ ବିକାଶ ପାଇଁ ବଳି ପଡ଼ି ନ ଥାନ୍ତା । ବ୍ୟାପକ ସଂଖ୍ୟାରେ ଗଛକଟାର ପ୍ରଭାବ ସ୍ୱରୂପ ଜିଲ୍ଲାରେ ତାପମାତ୍ରା ବୃଦ୍ଧି, ମୃତ୍ତିକା କ୍ଷୟ, ରାସ୍ତା କଡ଼ରେ ଛାୟାର ଅଭାବ, ପକ୍ଷୀ ଓ ଜୀବଜନ୍ତୁ ସଂଖ୍ୟା କମିବା, ଜୈବ ବିବିଧତାରେ ଅବକ୍ଷୟ ଓ ଗ୍ରାମୀଣ ଜୀବନକୁ ପ୍ରଭାବିତ କରିଛି ବୋଲି ପଣ୍ଡା ତାଙ୍କ ଆବେଦନରେ ଦର୍ଶାଇଥିଲେ । ବିକାଶ ଓ ପରିବେଶ ମଧ୍ୟରେ ସମତୁଲତା ରହିବା ଆବଶ୍ୟକ ବୋଲି ପଣ୍ଡା ଯୁକ୍ତି ଦର୍ଶାଇଥିଲେ । ତେବେ ଏନ୍‌ଜିଟିର ରାୟ ଆସିବା ପରେ ଜିଲ୍ଲା ବ୍ୟାପୀ ରାସ୍ତା ପ୍ରଶସ୍ତିକରଣ ପାଇଁ ଅନ୍ଧାଧୁନିଆ ଓ ଅବିଚାରିତ ଭାବରେ ଗଛ କଟାଗଲେ ଶ୍ରୀ ପଣ୍ଡା ପୁଣି ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।

## ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଏସ୍‌ପି



**ବଲାଙ୍ଗିର, ୨।୨(ସମିସ):** ସୋମବାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଦରମହକୁମାସ୍ଥିତ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଏହା ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରଭ୍ ଶିୱାଜୀ ଇସଲୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡିକ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶିବିରରେ ମୋଟ ୩୨ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଛି । ୩୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲାପରିଷଦ) ତରଣି ସୁନା, ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ ।

## ନାମକୁ ମାତ୍ର ଖୋଲିଛି ବନ ବିଭାଗ କାର୍ଯ୍ୟାଳୟ



**କଣ୍ଟାବାଞ୍ଜି, ୨।୨(ସମିସ):** ବନ ବିଭାଗ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । କେମିତି ଜଙ୍ଗଲ ସୃଷ୍ଟି ହେବ ସେ ନେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଚାରାରୋପଣ କରାଯାଉଛି । ଦେଖା ରେଖା କରିବା ପାଇଁ ବିଭିନ୍ନ ସେକ୍ସନରେ ବନରକ୍ଷୀ ମଧ୍ୟ ନିୟୋଜିତ ଅଛନ୍ତି । ବନରକ୍ଷୀ ରହିବାକୁ ସେକ୍ସନ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାର ବାସଗୃହ ନିର୍ମାଣ କରୁଛନ୍ତି; ହେଲେ ବାସଗୃହ ଛାଡି ବନରକ୍ଷୀ ସହରରେ ବସବାସ କରୁଛନ୍ତି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ତଥା ଜିଲ୍ଲାର ସୀମାବର୍ତୀ ଅଞ୍ଚଳ ଯୁବାମାଳ ସେକ୍ସନରେ ଏହା ଦେଖିବାକୁ ମିଳିଛି । ସେଠାରେ ବନରକ୍ଷୀ ଭାବେ ଯୁଦ୍ଧିଷ୍ଠିର ରାଉତ ଦାୟିତ୍ୱରେ ଅଛନ୍ତି । କନ୍ଦେଇ ଗାଁରେ ବନ ବିଭାଗ କାର୍ଯ୍ୟାଳୟ ଓ ଫରେଷ୍ଟଗାର୍ଡଙ୍କ ଲାଗି ସରକାରୀ ବାସଗୃହ ରହିଛି; ହେଲେ ବନରକ୍ଷୀ ଜଣକ ବଙ୍ଗୋମୁଣ୍ଡା ସହର ଓ ମହଖଣ୍ଡରେ ରହୁଛନ୍ତି । ଏହାଫଳରେ ଯୁବାମାଳ ଓ କନ୍ଦେଇ ଅଞ୍ଚଳରେ କାଠ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି । କାଠ ମାଫିଆ ଖୋଲମଖୋଲା ବଡ ବଡ ଗାଡ଼ିରେ ବହୁ ମୂଲ୍ୟବାନ କାଠ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି । ସରକାରଙ୍କ ନିୟମ ଅନୁସାରେ ଯେଉଁ ବନରକ୍ଷୀ ଯେଉଁ ସେକ୍ସନରେ ନିୟୋଜିତ ଅଛନ୍ତି ସେଠାରେ ବନରକ୍ଷୀ ବାସଗୃହରେ ରହିବା କଥା; କିନ୍ତୁ ବଙ୍ଗୋମୁଣ୍ଡା ରେଞ୍ଜରେ ଏହି ସବୁ ନିୟମକୁ ଉଲ୍ଲଙ୍ଘନ କରାଯାଉଛି । ଗାଁ ଲୋକଙ୍କ କହିବା ଅନୁସାରେ ଯୁବାମାଳ ସେକ୍ସସନ ବାସଗୃହ ଓ କାର୍ଯ୍ୟାଳୟରେ ଅଧିକାଂଶ ସମୟ ତାଲା ଝୁଲଛି । ବନରକ୍ଷୀ କେବେ ଏହି କାର୍ଯ୍ୟାଳୟକୁ ଆସୁ ନ ଥିବା କନ୍ଦେଇ ଗାଁ ଲୋକ କହିଛନ୍ତି । ଏନେଇ ଦାୟିତ୍ୱରେ ବନରକ୍ଷୀ ଶ୍ରୀ ରାଉତଙ୍କୁ ପଚାରିବାରୁ ସେ କନ୍ଦେଇରେ ରୁହନ୍ତି । ଫିଲ୍ଡରେ କାର୍ଯ୍ୟରତ ଥିବା ଯୋଗୁଁ ସରକାରୀ ବାସଗୃହ ତାଲା ପଡ଼ିଥାଏ । ଗତ କିଛି ମାସ ତଳେ ହାତୀ ଆତଙ୍କ ଥିବା ଯୋଗୁଁ ସମସ୍ତେ ମହଖଣ୍ଡରେ ରହୁଥିଲେ ବୋଲି ସେ କହିଛନ୍ତି ।

## ପାଟଣେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ



**ବଲାଙ୍ଗିର, ୨।୨(ସମିସ):** ବଲାଙ୍ଗିର ପାଟଣା ରାଜ୍ୟ ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ପୀଠକୁ ୧୫୦ ବର୍ଷ ପୂରଣ ହୋଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ଓ ଶୁଭ କଳସ ସ୍ଥାପନ ହୋଇଥିଲା । ସହର ପରିକ୍ରମା କରି କରଙ୍ଗାକଟା ଜଳ ଆଣି ଦେବୀଙ୍କ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିଥିଲା । ବୁଲୁ ବେହେରା ଓ ତାଙ୍କ ସହଧର୍ମିଣୀ ପୌରାଧ୍ୟକ୍ଷା ଲିକା ସାହୁ, ସାମ୍ବାଦିକ ଅଞ୍ଜନ ପଧାନ ଓ ତାଙ୍କ ଧର୍ମପତ୍ନୀ ଲୋପମୁଦ୍ରା ସାହୁ ଯଜ୍ଞର କର୍ତ୍ତା ଥିଲେ । ରାଜ ପୁରୋହିତ ଚଣ୍ଡିପାଠ କରିଥିଲେ । କଳାଧାମ ଏକାଡେମୀ କଳାକାରଙ୍କ ନୃତ୍ୟ ଓ ମାଁଙ୍କ ଭଜନ ଭକ୍ତଙ୍କ ମନ ମୋହିଥିଲା । ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମାଁ ପାଟଣେଶ୍ୱରୀଙ୍କୁ ଦର୍ଶନ କରିଥିଲେ । ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମହାକୁର, ରିଣ୍ଟୁ ସାହୁ, କୋଷାଧ୍ୟକ୍ଷ ଭବାନୀଶଙ୍କର ଭୋଇ, ଶମ୍ଭୁ ଶତପଥୀ ଏବଂ ମନ୍ଦିର ପୂଜକ ମଧୁସୂଦନ ଦିଶ୍ରୀ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



**ବଲାଙ୍ଗିର, ୨।୨(ସମିସ):** ସ୍ଥାନୀୟ ଜେଏସ୍‌ଏମ୍ କଲେଜ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ । ସମ୍ପାଦକ କପିଳେଶ୍ୱର ଖମାରୀ ଗତ ବୈଠକର ବିବରଣୀ ପାଠ କରିଥିଲେ । ଆଲୋଚନାରେ ଯୁଗ୍ମ ସମ୍ପାଦକ ଗୌର ଚନ୍ଦ୍ର ପୁରୋହିତ, ସଂଗଠକ/ସମ୍ପାଦକ ବିନୟ ମିଶ୍ର, ଉପସଭାପତି ହରେକୃଷ୍ଣ ମେହେର, ସହସମ୍ପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟାଳୟ ସମ୍ପାଦକ ଗଣେଶ ଚନ୍ଦ୍ର ପାଢ଼ୀ, ସଭ୍ୟ ନବୀନ ନନ୍ଦ, ପ୍ରମୋଦ ଗୁରୁ, ପ୍ରଦ୍ୟୁମ୍ନ ଗଡ଼ତ୍ୟା, ଦୟାସାଗର ପଟେଲ, ଛାୟାକାନ୍ତ ସାହୁ, ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ତୁଡେନ୍ଦ୍ର ବେହେରା ଆୟବ୍ୟୟର ବିବରଣୀ ଦେଇଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୀବନ ବୀମା ଅଭିକର୍ତ୍ତା ସଂଘର ସଭା




**ଟିଟିଲାଗଡ଼, ୨।୨(ସମିସ):** ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ ଟିଟିଲାଗଡ଼ ଶାଖାର ୨୯ତମ ସାଧାରଣ ବାର୍ଷିକ ସଭା ପୁଞ୍ଜିପଦର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଲିଆଫି କ୍ଷେତ୍ରୀୟ କୋଷାଧ୍ୟକ୍ଷ ଯୁବଜାନି ବେଜ, ସମ୍ବଲପୁର ମଣ୍ଡଳ କାର୍ଯ୍ୟକାରୀ ସଭାପତି ଇଂ ଅଜିତ କର, ସମ୍ପାଦକ ପ୍ରମୋଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ କେ କୁମାର ଦ୍ୱାମୀ, ଉପସଭାପତି ପ୍ରଦୀପ ମହାନ୍ତି, ଧର୍ମ କୁମାର ସାହୁ, ଟିଟିଲାଗଡ଼ ଶାଖା ପ୍ରବନ୍ଧକ କେଶବ ବେରିଆ ଓ କଣ୍ଟାବାଞ୍ଜି ଶାଖା ପ୍ରବନ୍ଧକ ମନୋଜ ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶାଖା ସଭାପତି ବୈକୁଣ୍ଠ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅସୀମ କୁଣ୍ଡୁ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ କ୍ଷୀରୋଦ ସାହୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଜୀବନ ବୀମା ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମିଶ୍ର, ବରିଷ୍ଠ ଅଭିକର୍ତ୍ତା ଉତ୍ତମ ଦେ, ନାରାୟଣ ରଣା, ସୁରଥ ବେହେରା, ଯୋଗେଶ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ଆଗାମୀ ୨ ବର୍ଷ ପାଇଁ ବୁଲବୁଲ ମେହେର ସଂଘ ସଭାପତି, ସନ୍ତୋଷ ପୁରୋହିତ ଓ ନାରାୟଣ ରଣା ଉପସଭାପତି, ଅସୀମ କୁଣ୍ଡୁ ସମ୍ପାଦକ, ଯୋଗେଶ ପଟ୍ଟନାୟକ ଓ ଶଙ୍କର ଜାଲ ସହ ସମ୍ପାଦକ ଏବଂ କ୍ଷୀରୋଦ ସାହୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

# ୮ ଚୋରା ବାଇକ୍ ଜବତ, ୩ ଗିରଫ





**ବଲାଙ୍ଗିର, ୨।୨(ସମିସ)**

ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ପୁଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗକୁ ଧରିଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୮ଟି ବାଇକ୍ ଜବତ କରିଛି । ଏହି ମାମଲାରେ ୩ ଜଣ ଗିରଫ ହୋଇଛନ୍ତି । ସଦର ଏସଡିପିଓ ସରୋଜ ଉପାଧ୍ୟାୟ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ପୁଇନ୍ତଲା ଥାନା ଲେପଟା ଗାଁର ସନ୍ତୋଷ ମାଝୀଙ୍କ ପୁଅ ଆକାଶ ମାଝୀଙ୍କ ବାଇକ୍ (ଓଡ଼ି ୦୩ ଏଚ ୮୬୯୧)ଟି ଗଇନ୍ତଳାର ଗିରି ଗୋବର୍ଦ୍ଧନ ମନ୍ଦିର ନିକଟରୁ ଚୋରି ହୋଇଥିଲା । ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲା । ଥାନା ଅଧିକାରୀ ସଞ୍ଜୟ ରାଉତରାୟଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ, ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଇନ୍ତଲା ଥାନା ବେଲବାହାଲି ଗାଁର ଅଭିଯୁକ୍ତ ମୁକେଶ ରାଉତଙ୍କୁ ଅଟକ ରଖି ପଚରା ଉଚୁରା କରାଯାଇଥିଲା । ସେ ତାହା ଚୋରି କରିଥିବା ସ୍ୱୀକାର କରିଥିଲା । ଦୁଇ ସହଯୋଗୀ ସହ ସେ ସମ୍ବଲପୁର, ବଲାଙ୍ଗିର ଟାଉନ୍, ତୁଷୁରା, ଲୋଇସିଂହା ଏବଂ ପୁଇନ୍ତଲା ଅଞ୍ଚଳରୁ ଅନେକ ଗାଡ଼ି ଚୋରି କରିଥିବା ପୁଲିସ ଜାଣିବାକୁ ପାଇଥିଲା । ତା ପାଖରୁ ପୁଲିସ ଚୋରି ହୋଇଥିବା ବାଇକ୍ ଉଦ୍ଧାର କରିଥିଲା । ଏହି ସବୁ ଗାଡ଼ିକୁ ସେ ସୋନପୁର ଜିଲ୍ଲା ବିନିକା ଥାନା ତିଲେଇମାଳର ଝଣ୍ଟୁ କୁମ୍ଭାର ଏବଂ ସୁଶାନ୍ତ ବରର୍ଡିକୁ ବିକ୍ରି କରିଥିବା ସୂଚନା ଦେଇଥିଲା । ଏହାପରେ ପୁଲିସ ସମ୍ପୃକ୍ତ ଦୁଇ ଜଣଙ୍କ ପାଖରୁ ଆହୁରି ୭ଟି ବାଇକ୍ ଉଦ୍ଧାର କରିଥିଲା । ତେବେ ଏହି ଘଟଣାରେ ଜଡିତ ଆଉ ୨ ଜଣ ଫେରାର ଥିବା ଜଣାପଡ଼ିଛି । ମୁକେଶ ନାଁରେ ପୂର୍ବରୁ ମଧ୍ୟ ଚୋରି ମାମଲା ରହିଛି । ଉଦ୍ଧାର ହୋଇଥିବା ବାଇକ୍‌ଗୁଡ଼ିକର ନମ୍ବର (ଓଡି ୦୩ ଏଚ୍ ୮୬୯୧, ଓଡି ୦୩ ଏଲ୍ ୬୧୮୭, ଓଆର ୧୫ ଏଫ୍ ୧୮୬୯, ଓଆର ୧୭ କେ ୦୩୦୬, ଓଡି ୦୩ ପି ୭୧୮୨, ଓଡି ୧୫ ଏ ୬୨୨୧, ଓଡି ୦୩ ଏଲ ୩୨୭୭, ଓଡି ୩୧ ଏ ୯୩୬୫) ଉପରେ ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ।

## ପଚ୍ଚି ଖେଳ ବେଳେ ୪ ଗିରଫ

**ବଲାଙ୍ଗିର, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଖାଲିଆପାଲି ନଦୀ ପାର୍ଶ୍ୱରେ ଘୁଡୁ ଘୁଡୁ ପଚ୍ଚି (ଜୁଆ) ଖେଳୁଥିବା ବେଳେ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲ୍ଲା ତରଭା ଦଧିବାମନପଡ଼ାର ଗଡ଼ତ୍ୟା ବରର୍ଡା (୫୫), ଲୁହୁରାପଡ଼ାର ସାହିଲ ପାତ୍ର (୨୮), ଆନନ୍ଦ ମହାନନ୍ଦ (୩୨), ତାଲପଦର ଗାଁର ଅଶ୍ୱିନୀ ବାଗ । ପୁଲିସ ନଗଦ ୩, ୨୬୦ ଟଙ୍କା, ୬ଟି ଡାଇସ (ଗୋଟି), ଗୋଟିଏ ଘୁଡୁ ଘୁଡୁ ପଚ୍ଚି (ଫ୍ଲେକ୍ସ), ଗୋଟିଏ ଚାର୍ଜ ଲାଇଟ ଓ ଗୋଟିଏ ବାଁଶ ଟୋକରା ଜବତ କରିଛି । ଏ ନେଇ ପୁଇନ୍ତଲା ଥାନାରେ ମାମଲା ରୁଜୁ କରାଯାଇଛି ।


**● ଖଲିଆପାଲି ଫୁଟବଲ କପ୍ ଉଦ୍‌ଘାଟିତ**

## ବୌଦ୍ଧକୁ ହରାଇ ଖଲିଆପାଲି ବିଜୟୀ



**ବଲାଙ୍ଗିର, ୨।୨(ସମିସ):** ଖଲିଆପାଲି ଆମ୍ବେଦକର ଷ୍ଟାଡିୟମ୍‌ରେ ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ କପ୍ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ଖଲିଆପାଲି ଜଗନ୍ନାଥ ସ୍ପୋର୍ଟିଂ କ୍ଲବ୍ ବନାମ ବୌଦ୍ଧ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଲିଆପାଲି ଦଳ ୨-୦ ଗୋଲରେ ବୌଦ୍ଧକୁ ପରାସ୍ତ କରି ବିଜୟୀ ହୋଇଛି । ୭ ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାଉନସିଲର ପ୍ରତିମା ଛତ୍ରିଆ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଖଲିଆପାଲିର ସଭାପତି ଶୁକଦେବ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ହେମସାଗର ନନ୍ଦଙ୍କ ଦ୍ୱାରା ପଡ଼ିଆରେ ପୂଜାର୍ଚ୍ଚନା କରାଯାଇଥିଲା । ରେଫରୀ ଭାବରେ ଆଶିଷ ବାଗ ପରିଚାଳନା କରିଥିଲେ । ଅନ୍ୟ ରେଫରୀ ଭାବେ ଶୁଭ୍ରାଂଶୁ ସେଠ୍, ସଞ୍ଜୀବ ମହାରଣା, ଉମେଶ ଭୋଇ ସହଯୋଗ କରିଥିଲେ । ସତ୍ୟପୀର ପାତ୍ର, ରାକେଶ ବିଶ୍ୱାଳ, ପଦ୍ମନାଭ ଭୁକ୍ତା, ଅଲେଖ ମଲ୍ଲିକ, ନାରାୟଣ ବିଶ୍ୱାଳ, ସୁରେନ୍ଦ୍ର ନାରାୟଣ ପ୍ରଧାନ, ଅଭିମନ୍ୟୁ ପାଣ୍ଡେ, ପରମାନନ୍ଦ କାଳସାଏ, ଗୋପାଳ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ମଙ୍ଗଳବାର ହୀରାକୁଦ ଏଫସି ବନାମ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗିର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।

# ସମ୍ପାଦକୀୟ



କୌଣସି ବାହ୍ୟ ତତ୍ତ୍ୱ ଆମ ଆନ୍ତରାତ୍ମାକୁ ଶାସନ କରିପାରିବ ନାହିଁ। ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଆର୍ଥିକ ସଂକଟ ପ୍ରତିଫଳିତ

ପ୍ରତିକୂଳ ଭୂ-ରାଜନୈତିକ ସ୍ଥିତିର ପ୍ରଭାବ ଭାରତୀୟ ଅର୍ଥନୀତିରେ ଯେ ଅନୁଭୂତ ହୋଇଛି ତାହା ଚଳିତ ବଜେଟ ବ୍ୟବସ୍ଥା ପରୋକ୍ଷରେ ସ୍ପଷ୍ଟ କରିଛି। ପରିବର୍ତ୍ତିତ ଦୃଶ୍ୟପଟ୍ଟକୁ ସୁଧାରିବା ସକାଶେ ଯେଉଁ ଉତ୍ସାହ ସୃଷ୍ଟିକାରୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ତାହାକୁ ଗତି ଦେବା ପାଇଁ ବଜେଟରେ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ତାହାର ସୁଦୂରପ୍ରସାରୀ ପ୍ରଭାବ ତ୍ୱରିତ ଅନୁଭବ ନହେଲେ ମଧ୍ୟ ସମୟ ହିଁ ନିର୍ଦ୍ଧାରଣ କରିବ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ସଫଳତା। ଏକଥା ସତ ଯେ ବଜେଟରୁ ଲାଭାନ୍ୱିତ ହେବା ସକାଶେ ଆଶା କରିଥିବା ବର୍ଗ ନିରାଶ ହୋଇଛନ୍ତି। କିଛି ବଡ଼ ସଫଳତା ହାସଲ ପାଇଁ କିଛି ତ୍ୟାଗ କରିବାର ସମୟ ଏବେ ଉପସ୍ଥିତ। ଏହା ହିଁ ହେଉଛି ଚଳିତ ବଜେଟର ନିର୍ଯ୍ୟାସ।

ସମୟର କଷଟି ପଥରେ ସରକାର ଯେଉଁ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ତାହାକୁ ଦୃଷ୍ଟିରେ ରଖି ବିନିର୍ମାଣ, ଏମ୍‌ଏସ୍‌ଏମ୍‌ଇ, ନୂତନ ପ୍ରଯୁକ୍ତି ବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାରତକୁ ବିଶ୍ୱସ୍ତରୀୟ ସେମିକଣ୍ଡକର ହବ୍‌ରେ ପରିଣତ କରିବା ସହ ଇଲେକ୍ଟ୍ରୋନିକ୍ ଉତ୍ପାଦନ ବୃଦ୍ଧିକୁ ବଜେଟ ବ୍ୟବସ୍ଥାରେ ପ୍ରାଧାନ୍ୟ ଦିଆଯାଇଛି। ସେଥିମଧ୍ୟରୁ ୪୦,୦୦୦ କୋଟିରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଓ ଏସଏମଇ ପାଇଁ ୧୦,୦୦୦ କୋଟି ଟଙ୍କା ବରାଦ କରାଯାଇଛି। ଏକ୍ଷେତ୍ରରେ ବିରଳ ମୃତ୍ତିକାର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ସ୍ୱତନ୍ତ୍ର କରିଡର ସ୍ଥାପନ କରାଯିବ। କଣ୍ଟେନର ଉତ୍ପାଦନ ବୃଦ୍ଧି ସକାଶେ ୧୦ ହଜାର କୋଟି ବ୍ୟୟବରାଦ ସହ ବାୟୋଫାର୍ମା କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରାଧାନ୍ୟ ପ୍ରଦାନରୁ ସ୍ପଷ୍ଟ ଅନୁମେୟ ଯେ ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପ୍ରତି ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

ପ୍ରସ୍ତାବିତ ବଜେଟ ବ୍ୟବସ୍ଥାରେ ଆୟ ବ୍ୟୟ ହିସାବ ଏକ ଗତାନୁଗତିକ ହେଲେ ମଧ୍ୟ ସରକାର ସମ୍ମୁଖୀନ ହେଉଥିବା ଆର୍ଥିକ ସଂକଟର ଚିତ୍ର ଦେଶବାସୀ ଅବଗତ ହେବା ଜରୁରୀ। ବଜେଟର ମୋଟାମୋଟି ଆକାର ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କା। ସେଥିମଧ୍ୟରୁ ରାଜସ୍ୱ ଆୟ ୩୫ ଲକ୍ଷ ୩୩ ହଜାର ୧୫୦ କୋଟି ଟଙ୍କା ଏବଂ ବିତ୍ତୀୟ ନିଅଣ୍ଟ ପରିମାଣ ହେବ ୧୬ ଲକ୍ଷ ୯୫ ହଜାର ୭୬୮ କୋଟି ଟଙ୍କା। ଏସବୁ ସତ୍ତ୍ୱେ ଅର୍ଥନୀତିକୁ ଗତି ଦେବା ସକାଶେ ୧୮୭ ବିଲିୟନ ଡଲାର ଋଣ କରିବେ ସରକାର। ସରକାରଙ୍କୁ ଋଣ ଏବଂ ସୁଧମୂଳ ଶୁଝିବାରେ ଆୟର ଯଥାକ୍ରମେ ୨୪ ଓ ୨୨ ପ୍ରତିଶତ ବ୍ୟୟ କରିବାକୁ ପଡ଼ିବ। ଇପିଏଫଓ କ୍ଷେତ୍ରରେ ସର୍ବନିମ୍ନ ପେନସନ ଧାର୍ଯ୍ୟ କରିବା ଭଳି ନିଷ୍ପତ୍ତିକୁ ଶେଷ ମୁହୂର୍ତ୍ତରେ ସରକାର ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ସେହିଭଳି ଆୟକର ସୀମା ମଧ୍ୟ ପରିବର୍ତ୍ତିତ ରହିଛି। ଏପ୍ରିଲ ମାସରୁ ନୂଆ ଆୟକର ନିୟମ ଲାଗୁ ହୋଇଥିବା ବେଳେ ରିଟର୍ଣ୍ଣ ଦାଖଲ ଅବଧି ମଧ୍ୟ ବଢ଼ିଛି। ଏକ୍ଷେତ୍ରରେ କେବଳ ମିଳିବାକୁ ଥିବା ରିହାତି ହେଉଛି ବିଦେଶରେ ଶିକ୍ଷା ଓ ମେଡିକାଲ କ୍ଷେତ୍ରରେ ଟିସିଏସ ୫ ରୁ ୨ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ମୋଟର ଦୁର୍ଘଟଣା ବାବଦ ସୁଧ ଉପରେ ଲାଗୁ ହେବନି ଆୟକର।

ଚଳିତ ବଜେଟରେ ଅର୍ଥ ଆୟୋଗଙ୍କ ସୁପାରିସ, କେନ୍ଦ୍ରୀୟ ଅନୁଦାନ ଓ ସ୍ୱତନ୍ତ୍ର ଯୋଜନା ବାବଦରେ ଓଡ଼ିଶାକୁ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଅନୁମାନ କରାଯାଉଛି। ପୂର୍ବବର୍ଷ ତୁଳନା ଓଡ଼ିଶା ଅଧିକ ୧୪ ହଜାର କୋଟି ଟଙ୍କା ଏ ବାବଦରେ ପାଇବ। ସାମଗ୍ରିକ ଭାବେ ବିଚାର କଲେ, ରାଜ୍ୟଗୁଡ଼ିକୁ ଆନୁଷଙ୍ଗିକ ଓ ସୁପାରିସ କ୍ରମେ ମିଳିବାକୁ ଥିବା କେନ୍ଦ୍ରୀୟ ଅନୁଦାନ ରାଶି ହ୍ରାସ ପାଇଛି। ତେଣୁ ସାମାଜିକ କ୍ଷେତ୍ରରେ ବିନିଯୋଗ ହ୍ରାସ ପାଇବ। କେନ୍ଦ୍ରୀୟ ବଜେଟରେ ରେଳବାଇ ପାଇଁ ଏବର୍ଷ ଅଧିକ ୪୧ ହଜାର କୋଟି ଟଙ୍କା ମିଳିଛି। ବଜେଟ ବ୍ୟବସ୍ଥା ଶିଳ୍ପବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ମାଲ ପରିବହନକୁ ଅଧିକ ଦ୍ରୁତ, ଶସ୍ତା ଓ ଦକ୍ଷ କରାଯିବ। ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହ ସଂଯୋଗ କରିବା ସକାଶେ ନୂତନ ମାଲ ପରିବହନ କରିଡର ପ୍ରତିଷ୍ଠା ପ୍ରସ୍ତାବ ରହିଛି। ପ୍ରମୁଖ ସହରାଞ୍ଚଳ ଓ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ୭ଟି ହାଇସ୍ପିଡ୍ କରିଡର ବିକାଶ ପ୍ରସ୍ତାବ ରହିଛି। ଯାତ୍ରା ସମୟ ହ୍ରାସ, ନିର୍ଗମନକୁ ରୋକିବା ଓ ଆଞ୍ଚଳିକ ବିକାଶ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିବ। ଏହି ରେଳ କରିଡର ଆର୍ଥିକ କ୍ଷେତ୍ର, ପ୍ରଯୁକ୍ତି ବିଦ୍ୟା ଓ ଉତ୍ପାଦନ ମଧ୍ୟରେ ସଂଯୋଗ ସ୍ଥାପନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। କିନ୍ତୁ ଓଡ଼ିଶା ଏହି ବ୍ୟବସ୍ଥାର ଅଂଶୀଦାର ହେଉଥିବାର ସୂଚନା ମିଳିନାହିଁ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା କେତେକ ନିଷ୍ପତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦେଶରେ ତିନିଟି ନୂଆ ଏମସ ପ୍ରତିଷ୍ଠା ଓ ଡାକ୍ତରୀ ଶିକ୍ଷା ସଂପ୍ରସାରଣକୁ ଗୁରୁତ୍ୱ ଦିଆଯାଇଛି। କର୍କଟ ଚିକିତ୍ସାରେ ବ୍ୟବହୃତ ୧୭ଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରୁ ସୀମାଶୁଳ୍କ ଛାଡ଼ କରାଯାଇଛି। ଅନୁରୂପ ନିଷ୍ପତ୍ତି ହେମୋଫିଲିଆ ସିକିଲସେଲ ଓ ମସ୍କୁଲାର ଡିଷ୍ଟ୍ରଫି ଭଳି ରୋଗରେ ବ୍ୟବହୃତ ୭ଟି ଔଷଧ କ୍ଷେତ୍ରରେ ମଧ୍ୟ ଗ୍ରହଣ କରାଯାଥିବା ଅନୁରୂପ ପଦକ୍ଷେପ ଆଶ୍ୱସ୍ତି ସୃଷ୍ଟି କରିଛି। ବୈଶ୍ୱିକ ବାୟୋଫାର୍ମ ହବ ପ୍ରତିଷ୍ଠା ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହନକୁ ମଧ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି।

କୃତ୍ରିମ ବୁଦ୍ଧିମତ୍ତାରେ ଚାଷୀଙ୍କୁ ଯୋଡ଼ିବାରେ ପ୍ରୟାସ ହୋଇଛି। ଏହା ମତ୍ସ୍ୟଚାଷୀ, ନଡ଼ିଆ, କାଜୁ ଓ କୋକୋ ଚାଷୀଙ୍କ ଆୟ ବଢ଼ାଇବାରେ ସହାୟକ ହେବ। କୃଷି କ୍ଷେତ୍ର ପାଇଁ ବଜେଟରେ ୧,୬୨,୭୬୧ କୋଟି ଟଙ୍କା ବରାଦ କରାଯାଇଛି। ମନରେଗା ବଦଳରେ ସରକାର ଜିରାମଜି କାର୍ଯ୍ୟକ୍ରମ ରୂପାୟନ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ମହାତ୍ମାଗାନ୍ଧୀଙ୍କ ନାମ ଯୋଜନାରୁ ବାଦ ଦିଆଯାଇଥିବାରୁ ସୃଷ୍ଟି ଅସନ୍ତୋଷ ଦୂର କରିବା ଲକ୍ଷ୍ୟରେ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ନାମରେ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ସେହିଭଳି ନିଯୁକ୍ତି କ୍ଷେତ୍ରକୁ ସଂପ୍ରସାରଣ କରିବା ଏବଂ ରପ୍ତାନି ବାଣିଜ୍ୟକୁ ଗତି ଦେବା ପାଇଁ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବ।

ରବିବାରକୁ ଏକ କର୍ମ ଦିବସ ଭାବରେ ନୂଆ ପରମ୍ପରା ସୃଷ୍ଟି ପାଇଁ ଫେବୃଆରୀ ପହିଲାରେ ବଜେଟ ଆଗତ, ପୁଞ୍ଜିବଜାର ଖୋଲା ରହିବା ଏବଂ ଚଳଚଞ୍ଚଳ ସରକାରୀ କାର୍ଯ୍ୟକଳକୁ ଏକ ନୂଆଦିଗ ରୂପେ ଗ୍ରହଣ କରାଯାପାରେ। ସାଧାରଣତଃ ବଜେଟର ଭଲମନ୍ଦ ପ୍ରଭାବ ପୁଞ୍ଜି କାରବାରରୁ ଆକଳନ କରାଯାଇଥାଏ। ସେନସେକ୍ସ ୧୮୪୩ ପଏଣ୍ଟ ଓ ନିଫ୍ଟି ୫୯୩.୪୫ ପଏଣ୍ଟ ହ୍ରାସ ଘଟିଛି। ବଜେଟ ଆଗତର ଏହି ଦୃଶ୍ୟପଟ୍ଟ ସମସ୍ତଙ୍କୁ ଚମକାଇ ଦେଇଛି। ସରକାରଙ୍କ ରାଜସ୍ୱ ଆୟର ପ୍ରମୁଖ ଅଙ୍ଗ ମଧ୍ୟମ ବର୍ଗ ଏଥର ମଧ୍ୟ ବଜେଟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ●

# ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିବିକାଶ

ବିଦ୍ୟାଧର ମହାରଣା

ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ପ୍ରକାରର ଶକ୍ତି ବ୍ୟବହାର କରୁ। ଏହି ଶକ୍ତିଗୁଡ଼ିକ ଦୁଇ ପ୍ରକାରର। କ୍ଷୟ ଶକ୍ତି ଓ ଅକ୍ଷୟ ଶକ୍ତି। ଆମେ ରୋଷେଇ, ପରିବହନ ଓ କଳକାରଖାନା ଚଳାଇବା ପାଇଁ ଯେଉଁ ଶକ୍ତି ବ୍ୟବହାର କରୁ ତାହା ସାଧାରଣତଃ ଜୀବାଶ୍ମ ଇନ୍ଧନ(ପେଟ୍ରୋଲିୟମ୍, କୋଇଲା, ପ୍ରାକୃତିକ ଗ୍ୟାସ୍) ବା କ୍ଷୟଶକ୍ତି। ଏଗୁଡ଼ିକ ନବୀକରଣ ଅଯୋଗ୍ୟ। ଅର୍ଥାତ୍ ସରିଗଲେ ପୁନଃଭରଣ ହୋଇପାରେ ନାହିଁ। ସେଥିରୁ ବାୟୁମଣ୍ଡଳକୁ କ୍ରମାଗତ ସବୁଜ ଗୃହ ବାଷ୍ପ ନିର୍ଗତ ହେବା ଯୋଗୁଁ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ହେଉଛି। ଏହାର କୁପ୍ରଭାବ ଆମର ସ୍ୱାସ୍ଥ୍ୟ ଉପରେ ପରିଲକ୍ଷିତ ହେଉଛି। ଏତଦ୍‌ବ୍ୟତୀତ ବାହାର ଦେଶରୁ ଆମକୁ ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆମଦାନୀ କରିବାକୁ ହେଉଛି, ଯାହାଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ଅପରପକ୍ଷରେ ସୌର, ପବନ ଓ ଜଳରୁ ଉତ୍ପନ୍ନ ଶକ୍ତି ହେଉଛି ନବୀକରଣ ଯୋଗ୍ୟ ଶକ୍ତି। ଜଳବାୟୁ ପରିବର୍ତ୍ତନର ପ୍ରତିକାର ସ୍ୱରୂପ ଏହି ଶସ୍ତା ଓ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର କରାଯାଇପାରେ। ଏହାଛଡ଼ା ପରମାଣୁ ଶକ୍ତି ମଧ୍ୟ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରସ୍ତୁତ କରି ବ୍ୟବହାର କରାଯାଉଛି।

ଦେଶର ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ, ଅନୁପମ ଭୌଗୋଳିକ ସ୍ଥିତି ଓ ବିସ୍ତୀର୍ଣ୍ଣ ବେଳାଭୂମି ରାଜ୍ୟରେ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶା ସ୍ୱଚ୍ଛଶକ୍ତି ବିକାଶ ପାଇଁ ୨୦୪୭ ସୁଦ୍ଧା ୭୦% ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖିଛି। ଏପରି ଶକ୍ତିଗୁଡ଼ିକ ହେଲା ସୌର ଶକ୍ତି, ପବନ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଇତ୍ୟାଦି। ୨୦୨୨ ମସିହାରେ ପ୍ରଣୀତ ନବୀକରଣ ଯୋଗ୍ୟ ଶକ୍ତିନୀତି ଅନୁସାରେ ସୌର ଓ ପବନଶକ୍ତି ଏବଂ ସବୁଜ ହାଇଡ୍ରୋଜେନ୍ କରିଡର ନିର୍ମାଣ ପାଇଁ ରାଜ୍ୟ ଆଗଭର ହେଲାଣି। ଏଥିପାଇଁ ବହୁ କମ୍ପାନୀ ପୁଞ୍ଜିନିବେଶ କରିବାକୁ ଇଚ୍ଛା ପ୍ରକାଶ କଲେଣି। ୨୦୩୦ ସୁଦ୍ଧା ୧୧ ଗିଗାୱାଟ ସବୁଜ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି।

ରାଜ୍ୟରେ ପ୍ରାୟ ୩୦୦ ଦିନ ସୂର୍ଯ୍ୟ ଦେଖାଯାଏ। ପ୍ରଶସ୍ତ ଖୋଲା ଜାଗା ଓ ସହରାଞ୍ଚଳରେ ଛାତ ଉପରେ ସୋଲାର ପ୍ୟାନେଲ ବ୍ୟବହାର କରି ସୌରଶକ୍ତି ଉତ୍ପାଦନ କରିବାର ଅପୂର୍ବ ସୁଯୋଗ ରହିଛି, ଯାହାକୁ ଆମେ ହାତଛଡ଼ା କରିବା ଉଚିତ ନୁହେଁ। ସୌର ପ୍ୟାନେଲରୁ ମିଳୁଥିବା ଡି.ସି ସପ୍ଲାଇକୁ ୨୩୦ ଭୋଲଟ ଏସି ସପ୍ଲାଇରେ ଇନ୍‌ଭର୍ଟର ଦ୍ୱାରା ରୂପାନ୍ତରିତ କରି ଆମେ ଘରେ ବ୍ୟବହାର କରିପାରିବା। ଏପରି ପ୍ରକଳ୍ପ ପାଇଁ କିଲୋୱାଟ୍ ପ୍ରତି ୫୦୦୦୦-୬୦୦୦୦ ଟଙ୍କା ଖର୍ଚ୍ଚ ପଡ଼ିପାରେ। ଏହି ଖର୍ଚ୍ଚ ୩-୪ ବର୍ଷରେ ଉପଭୋକ୍ତା ଫେରି ପାଇପାରନ୍ତି। ଆମେ ଯଦି ଦୁଇ କିଲୋୱାଟ୍ ପାଇଁ ପ୍ୟାନେଲ ବସାଇବା ତେବେ ଖର୍ଚ୍ଚ ପ୍ରାୟ ୧ ଲକ୍ଷ ଟଙ୍କା ଏବଂ ଏଥିରେ ୯୦% ରିହାତି ବ୍ୟବସ୍ଥା ରହିଛି। ସୌରଶକ୍ତି ବିଦ୍ୟୁତ ୟୁନିଟ୍ ପ୍ରତି ୨.୫୦ ଟଙ୍କାକୁ ହ୍ରାସ ପାଇଛି। ଏବେ ସରକାରୀ ପ୍ରୋତ୍ସାହନରେ ରାଜ୍ୟରେ ସୌରଶକ୍ତି ଉତ୍ପାଦନ ଓ ସୋଲାର ପମ୍ପ ବ୍ୟବହାର ଆରମ୍ଭ ହୋଇଗଲାଣି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୋଲାର ପ୍ୟାନେଲ ଦ୍ୱାରା ସୌରଶକ୍ତି ଉତ୍ପନ୍ନ କରିବା ପାଇଁ ସହାୟତା ମିଳିପାରୁଛି।

ଓଡ଼ିଶାର ଉପକୂଳ ବେଳାଭୂମି ୪୮୦ କିଲୋମିଟରରୁ ଅଧିକ ବ୍ୟାପ୍ତ। ଅନୁକୂଳ ପବନର ଗତି ଯୋଗୁଁ ପବନଚାଳିତ କଳ ମାଧ୍ୟମରେ ପୁରୀ, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବହୁ ଅକ୍ଷୟଶକ୍ତି ଉତ୍ପାଦନ କରାଯାଇ ପାରିବ। ଭାରତରେ ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଓ ରାଜସ୍ଥାନରେ ପବନ ଶକ୍ତି ପ୍ରକଳ୍ପ ସଫଳତାର ସହିତ କାର୍ଯ୍ୟ କରୁଛି। ପବନ ଶକ୍ତିରୁ ଟରବାଇନ୍ ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ। ୨୫ ରୁ ୮୦ ମିଟର ଟାୱାର ସହିତ ଟରବାଇନ୍, ଜେନେରେଟର ଇତ୍ୟାଦି ବାବଦରେ ପ୍ରକଳ୍ପ ଖର୍ଚ୍ଚ ୪.୫ ରୁ ୬.୮୫ କୋଟି ଟଙ୍କା ହୋଇପାରେ। ଏହି ପ୍ରକଳ୍ପ ସ୍ଥାନରେ ପବନର ଗତି ସେକେଣ୍ଡ ପ୍ରତି ୧୨-୧୫ ମିଟର ହେବା ଆବଶ୍ୟକ। ରୋଟରଗୁଡ଼ିକର ବ୍ୟାସ ୩୦-୯୦ ମିଟର ହୋଇଥାଏ। ଏକ ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ପ୍ରାୟ ୫ ଏକର ଜାଗା ଆବଶ୍ୟକ। ଟାଟା ପାୱାର ଓ ରେନ୍ୟୁ ପାୱାର କମ୍ପାନୀ ଏପରି ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ଶକ୍ତି ସୁସ୍ଥାୟୀ ଓ ନବୀକରଣ ଯୋଗ୍ୟ। ଗୋଟିଏ ୟୁନିଟ୍ ଅନ୍ତତଃ ୨୨୫ କିଲୋୱାଟ୍ ରୁ ୨ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରେ।

ଓଡ଼ିଶାରେ ବିଭିନ୍ନ ଫସଲର ଅବଶେଷଗୁଡ଼ିକରୁ ବାୟୋଡିଜେଲ କିମ୍ବା ବାୟୋଇଥାନଲ ପ୍ରସ୍ତୁତ ହୋଇପାରିବ। ମକା ଓ ଆଖୁ ଛେଦାରୁ ଏପ୍ରକାରର ବାୟୋଶକ୍ତି ଉତ୍ପାଦନ କରାଯାଇ ପାରିବ। ଦୈନିକ ୩୦ କିଲୋ ଲିଟର ଉତ୍ପାଦନ ପାଇଁ ୬୦ କୋଟି ଟଙ୍କା ଏବଂ ୧୨୦-୧୫୦ କିଲୋ ଲିଟର ଉତ୍ପାଦନ ପାଇଁ ୧୨୦-୧୫୦ କୋଟି ଟଙ୍କା ବ୍ୟୟ ହୋଇପାରେ। ରାଜ୍ୟର ବରଗଡ଼ଠାରେ ଏପରି ଏକ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଏହା ସରକାରୀ ସ୍ତରରେ କରାଯିବ। ଫଳରେ ଚାଷୀମାନେ ଫସଲ ଅବଶେଷ ପୋଡ଼ିବା ପାଇଁ ମନ ବଳାଇବେ ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଛୋଟବଡ଼ ନଦୀଜଳକୁ ଶକ୍ତିରେ ପରିଣତ କରିବା ପାଇଁ ଛୋଟ ଛୋଟ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ। ୨୫ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ପ୍ରକଳ୍ପ ପାଇଁ ମେଗାୱାଟ୍ ପ୍ରତି ୧୦-୧୫ କୋଟି ଟଙ୍କା ଖର୍ଚ୍ଚ ପଡ଼ିପାରେ। ଏଗୁଡ଼ିକ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେବା ଆବଶ୍ୟକ।

ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ବା ବାୟୋ ଗ୍ୟାସ୍ ପ୍ଲାଣ୍ଟ ବହୁ ଜାଗାରେ ସଫଳତାର ସହ କାର୍ଯ୍ୟ କରୁଛି। ଏଥିପାଇଁ ଖଦୀ ବୋର୍ଡ, ଓରେଡା ଓ ମନରେଗା ଯୋଜନାରେ ସହାୟତା ମିଳୁଥିଲା। ୩-୪ ଗାଈ ଥିଲେ ତାଙ୍କର ଗୋବର ବ୍ୟବହାର କରି ଆମେ ଦୈନିକ ଦୁଇ ଘନମିଟର ବାୟୋଗ୍ୟାସ୍ ପାଇପାରିବା, ଯାହାକି ଗୋଟିଏ ପରିବାର ପାଇଁ ଯଥେଷ୍ଟ। ଏଥିରେ ଆମେ ରୋଷେଇ ସହିତ ଆଲୁଅ ଜାଳିପାରିବା। ପୋର୍ଟେବଲ ବାୟୋଗ୍ୟାସ୍ ୟୁନିଟ୍ ପ୍ରତି ୩୦୦୦୦-୫୫୦୦୦ ଟଙ୍କା ଓ କଂକ୍ରିଟ୍ ପ୍ଲାଣ୍ଟ ପାଇଁ ପ୍ରାୟ ୪୧୦୦୦ ଟଙ୍କା ବ୍ୟୟ ହେବ। ଦୁଇ ଘନ ମିଟର ବାୟୋଗ୍ୟାସ୍ ଆମର ୨୬ କିଲୋଗ୍ରାମ ଏଲ୍‌ପିଜି ଗ୍ୟାସ୍ କିମ୍ବା ୩୭ ଲିଟର କିରୋସିନି କିମ୍ବା ୮୮ କିଲୋଗ୍ରାମ କୋଇଲା ବା ୨୧୦ କିଲୋଗ୍ରାମ ଜାଳେଣି କାଠ ସଞ୍ଚୟ କରିବ। ଏହାଦ୍ୱାରା ପରିବେଶ ପ୍ରଦୂଷଣମୁକ୍ତ ରହିବ। ସାଧାରଣତଃ ବାୟୋଗ୍ୟାସ ହେଉଛି ମିଥେନ, ଯାହାକି ବାୟୁମଣ୍ଡଳକୁ ତ୍ୟାଗ କଲେ ଜଳବାୟୁ ପରିବର୍ତ୍ତନର କାରଣ ହୋଇଥାଏ। ଏହି ଗ୍ୟାସକୁ ଆମେ ସଂଗ୍ରହ କରି ଜାଳେଣି ଓ ଆଲୋକ ପାଇଁ ବ୍ୟବହାର କରିପାରିବା। ଗ୍ରାମାଞ୍ଚଳରେ ପାରିବାରିକ ସ୍ତରରେ ଶକ୍ତି ସଞ୍ଚୟ ସହିତ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର ପାଇଁ ଅପୂର୍ବ ସୁଯୋଗ ରହିଛି। ସୋଲାର କୁକର, ଶୂନ୍ୟ ଶକ୍ତି ଶୀତଳ କୋଠରି, ଧୂମ ହୀନ ଚୁଲା, ପ୍ରିୟାଗ୍ନି ଚୁଲା, ସବଜି କୁଲର ଇତ୍ୟାଦି ବ୍ୟବହାର କଲେ ଆମେ ଶକ୍ତିସଞ୍ଚୟ ସହିତ ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବା।

ଓଡ଼ିଶାର ନବୀକରଣ ଯୋଗ୍ୟ ଶକ୍ତି ବିକାଶ ପାଇଁ ସ୍ୱତନ୍ତ୍ର ଭିଜନ୍ ପ୍ରସ୍ତୁତ କରାଯାଇଛି। ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ଜୋନ ଗଠନ କରି ବୃହତ୍ ପ୍ରକଳ୍ପ ସ୍ଥାପନ କରିପାରିଲେ ଏହା କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଅର୍ଥନୈତିକ ବିକାଶ କରିବ। ବିଭିନ୍ନ କମ୍ପାନୀ ଏଥିପାଇଁ ସହାୟତାର ହାତ ବଢ଼ାଇଲେ ସେମାନଙ୍କ ପାଇଁ ରିହାତି ଓ ପ୍ରୋତ୍ସାହନ ସହିତ ଟିକସଛାଡ଼ ବ୍ୟବସ୍ଥା କରାଯାଇପାରେ। ସମ୍ମିଳିତ ଉଦ୍ୟମରେ ଏପରି ଏକ ବିକାଶ ଲକ୍ଷ୍ୟ ହାସଲ ହେବା ଆଶା କରାଯାଏ। ଏପରି କାର୍ଯ୍ୟପନ୍ଥା ସଫଳ ହେଲେ ଏହା ପରିବେଶ ସୁରକ୍ଷା ଓ ଆର୍ଥିକ ବିକାଶ ପାଇଁ ସହାୟକ ହେବ। ନବୀକରଣ ଶକ୍ତି ବିକାଶ କ୍ଷେତ୍ରରେ ରାଜ୍ୟର ଉଦ୍ୟମ ପ୍ରଶଂସନୀୟ। ସବୁଜ ଶକ୍ତିର ବିକାଶ ପାଇଁ ରାଜ୍ୟସରକାର ଆବଶ୍ୟକ ପୁଞ୍ଜିନିବେଶ କରିପାରିଲେ ଏହା ସଫଳତା ପାଇଁ ବାଟ କଢ଼ାଇବ।

ଏପରି ସମ୍ଭାବନା ଥାଇ ମଧ୍ୟ ଆମ ରାଜ୍ୟରେ କେତେକ ସମସ୍ୟା ରହିଛି। ଆବଶ୍ୟକ ଭିତ୍ତିଭୂମିର ଅଭାବ, ଭୂଅର୍ଜନ, ଆଧୁନିକ ଜ୍ଞାନକୌଶଳ ଏବଂ କୁଶଳୀ ମାନବ ସମ୍ବଳ କେତେକ ମାତ୍ରାରେ ସମସ୍ୟା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାରୀ, ବେସରକାରୀ, କମ୍ପାନୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ନିଶ୍ଚିତଭାବେ ଆବଶ୍ୟକ। ଏହା ସହିତ ଶକ୍ତି ସଞ୍ଚୟ ପାଇଁ ଜନସାଧାରଣ ଉଦ୍ୟମ କରିବା ଆବଶ୍ୟକ। ଘରେ ଏଲ୍‌ଇଡି ବ୍ୟବହାର କରିବା, ଅଳ୍ପ ରାସ୍ତା ପାଇଁ ଚାଲିବା ବା ସାଇକେଲ ବ୍ୟବହାର କରିବା ଏବଂ ଦୂର ଜାଗାକୁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ଇତ୍ୟାଦି ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ଭବ। ଆମେ ଏଥିପ୍ରତି ଯତ୍ନଶୀଳ ନହେଲେ ଆଗାମୀ ଦିନରେ ଶକ୍ତି ସଙ୍କଟ ନିଶ୍ଚିତ ଦେଖାଯିବ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ବାୟୁ ପ୍ରଦୂଷଣ ଓ ସିଗାରେଟ୍ ଧୂଆଁ

ଅଭିମନ୍ୟୁ ଧଳ

ଦେଶର ରାଜଧାନୀ ଦିଲ୍ଲୀ ଓ ରାଜ୍ୟର ରାଜଧାନୀ ଭୁବନେଶ୍ୱର ବାୟୁ ପ୍ରଦୂଷଣରେ ପ୍ରତିଯୋଗିତା କରିଚାଲିଛନ୍ତି। ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କହିଲେଣି ଦିଲ୍ଲୀର ପରିବେଶ ଦୂଷିତ ହୋଇ ରହିଲେ ବ୍ୟକ୍ତିର ହାରାହାରି ଆୟୁଷ ୧୦ ବର୍ଷ କମିଯିବ। ଭୁବନେଶ୍ୱରରେ ରହୁଥିବା ଲୋକଙ୍କ ଅବସ୍ଥା ସେଇୟା ହେବାକୁ ଲାଗିଲାଣି। ଦିଲ୍ଲୀ ସୀମାକୁ ଲାଗି ପଞ୍ଜାବ ଓ ହରିୟାଣାର ଚାଷୀ ନଡ଼ା ପୋଡ଼ିବାରୁ ଏହାର ବାୟୁ ଅଧିକ ପ୍ରଦୂଷିତ ହେବାର ମୁଖ୍ୟ କାରଣ। କିନ୍ତୁ ଭୁବନେଶ୍ୱରରେ ସେଭଳି ଅବସ୍ଥା ନାହିଁ। ଏହାର ବାୟୁ ଦୂଷିତ ହେବାର ମୁଖ୍ୟ କାରଣ ଅଧିକ ଗାଡ଼ି ଚଳାଚଳ, ଗଳିକନ୍ଦି ରାସ୍ତାରୁ ଆରମ୍ଭକରି ଜାତୀୟ ରାଜପଥ ପର୍ଯ୍ୟନ୍ତ। ଗାଡ଼ିଟିଏ ଚାଲିଗଲେ ଧୂଳି କିପରି ଧୂଆଁ ଭଳି ଆଚ୍ଛାଦିତ ହୋଇଯାଉଛି ତାହା ମନ୍ତ୍ରୀ, ଅଧିକାରୀଙ୍କଠାରୁ ଦିନ ମଜୁରିଆଟି ମଧ୍ୟ ଜାଣିପାରୁଛି। ପାଦଚଲା ଲୋକେ ଏହିଭଳି ଯନ୍ତ୍ରଣା ଅଧିକ ଭୋଗୁଛନ୍ତି।

ଏବେ ଭୁବନେଶ୍ୱରରେ ବାୟୁମଣ୍ଡଳର ଯେଉଁ ଗୁଣବତ୍ତା ରହିଛି, ତାହା ଭୟଙ୍କର ଉଦାହରଣ ଧୂମପାନ ସହିତ ତୁଳନୀୟ। ଜଣେ ଦିନକୁ ୯ଟି ସିଗାରେଟ୍ ଟାଣିଲେ ତାଙ୍କ ଶ୍ୱାସନଳୀ, ଫୁସ୍‌ଫୁସ୍ ଓ ଶରୀର ଉପରେ ଯେତେ ପ୍ରତିକୂଳ ପ୍ରଭାବ ପଡ଼େ, ଏବେକାର ପ୍ରଦୂଷିତ ବାୟୁରେ ଏକ୍ୟୁଆଇ ଖରାପ ସ୍ତରରେ ରହିବା ଫଳରେ ସମ ଅନୁପାତରେ ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଡ଼ିଥାଏ।



ବୈଜ୍ଞାନିକଙ୍କ ମତରେ, ଗୋଟିଏ ସିଗାରେଟ୍ ଟାଣିଲେ ବ୍ୟକ୍ତିର ୨୨ ମିନିଟ୍ ଆୟୁଷ କ୍ଷୟ ହୁଏ। ପ୍ରଦୂଷିତ ବାୟୁ ସେବନରେ ରାଜଧାନୀବାସୀଙ୍କର ଆୟୁଷ ପ୍ରତିଦିନ ୩ ଘଣ୍ଟାରେ ୧୮ ମିନିଟ୍ କ୍ଷୟ ହେଉଛି। ଯେଉଁ ଭାଇଭଉଣୀମାନେ ଅଭ୍ୟାସ କରି ସିଗାରେଟ୍ ଟାଣୁଛନ୍ତି, ସେମାନେ ସିଗାରେଟ୍ ପିଛା ୨୨ ମିନିଟ୍ ମିଶାଇ ଏଥିରେ ଯୋଗ କରି ଭାବନ୍ତୁ, ଏହି ଦୁର୍ଲଭ ମଣିଷ ଜୀବନକୁ ଆମେ ନିଜେ କିପରି ବିନାଶ କରିଚାଲିଛେ।

ଅନୁଗୁଳ, ଝାରସୁଗୁଡ଼ା, ରାଉରକେଲା, ତାଳଚେର ଆଦି ଅଞ୍ଚଳରେ ଏକ୍ୟୁଆଇ ହାର ମଧ୍ୟ ଭଲ ସ୍ଥିତିରେ ନାହିଁ। ବୈଜ୍ଞାନିକଙ୍କ ମତରେ ଏକ୍ୟୁଆଇ ପରିମାଣ ୧୫୦ରୁ ୩୦୦ ମଧ୍ୟରେ ରହିଲେ ଆଜ୍‌ମା ବୃଦ୍ଧି ପାଇବା ସହ ହୃଦ୍‌ରୋଗ, ଫୁସ୍‌ଫୁସ୍ ଓ ଶ୍ୱାସନଳୀ ଜନିତ ରୋଗ, ଆଲର୍ଜି ଆଦି ବଢ଼ିଥାଏ ଏବଂ ସାଧାରଣତଃ ଥଣ୍ଡାରୋଗରେ ଲୋକେ ସଂକ୍ରମିତ ହୋଇଥା'ନ୍ତି। ଏଭଳି ଏକ ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକୁଳିବା ପାଇଁ 'ଭାସିଗଲା ବେଳେ କୁଟାଖିଅକୁ ଭରସା' କରିବା ପରି ଶୀତଦିନେ ଘରେ ଅଧିକ ସମୟ ରହିବା, ବାହାରକୁ ଗଲେ ଏନ୍- ୯୫ ମାସ୍କ ପିନ୍ଧିବା, ଘରେ ଏୟାର୍ ଫିଲଟର୍ କାର୍ ଫିଲଟର୍ ଆଦି ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଉଛନ୍ତି। ସମନ୍ୱିତ ବାୟୁସେବନ କରୋନା ମହାମାରୀଠାରୁ କମ୍ ନୁହେଁ। ଏଥିରେ ଭାରତରେ ବର୍ଷକୁ ହାରାହାରି ଦେଢ଼ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକ ରୋଗ ଯନ୍ତ୍ରଣା ଭୋଗୁଛନ୍ତି। ଆବାଳବୃଦ୍ଧବନିତା ଏଥିରେ ପୀଡ଼ିତ ଓ ପୀଡ଼ିତା।

ଭୁବନେଶ୍ୱରରେ ଯେତିକି ଚାରିଚକିଆ ଗାଡ଼ି ତା'ର ହିସାବ ନାହିଁ ଏବଂ ଏଗୁଡ଼ିକ ପାର୍କିଂ ରଖିବା ପାଇଁ ସ୍ଥାନ ନାହିଁ। ରାଜଧାନୀର ପ୍ରତ୍ୟେକ ଗଳିରାସ୍ତାର ଦୁଇପଟେ ଗାଡ଼ି ଲାଇନ୍। ଓଭର୍‌ବ୍ରିଜ୍ କଡ଼ରେ ଶହଶହ ଗାଡ଼ି। କେତେକ ପରିତ୍ୟକ୍ତ। ପରିବାର ସଦସ୍ୟ ପିଛା ଦୁଇଟି ଦୁଇଚକିଆ, ଗୋଟିଏ ଚାରିଚକିଆ ଗାଡ଼ି। ସନ୍ଧ୍ୟାବେଳେ ନିଜେନିଜେ ଡ୍ରାଇଭିଙ୍ଗ୍ କରି ନାନା ସ୍ଥାନକୁ ବୁଲିଯିବା ଯୋଗୁଁ ଶବ୍ଦ, ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ସହ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଯାଉଛି। ପ୍ରତିଟି ଟ୍ରାଫିକ୍ ଛକରେ ବାୟୁର ଗୁଣବତ୍ତା ୬୦୦ ରହୁଛି। ତେଣୁ ଶୀତଦିନେ ଭୁବନେଶ୍ୱରରେ ଦିଲ୍ଲୀ ପରି ଯୁଗ୍ମ ଓ ଅଯୁଗ୍ମ ଆଇନ୍ ଲାଗୁ ହେଉ।

ରାଜଧାନୀର ଜନବହୁଳ ଅଞ୍ଚଳରେ ଗୃହନିର୍ମାଣ ଯୋଗୁଁ ରାସ୍ତାରେ ମାସ ମାସ ବାଲିଗୋଡ଼ି ପଡ଼ିରହିବା, ଧୂଳି ଉଡ଼ି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଏହି ନିର୍ମାଣାଧୀନ ଘର ଚାରିପାଖରେ ରହୁଥିବା ପଡ଼ୋଶୀ ବର୍ଷ ବର୍ଷ ଧରି ଧୂଳିର ପ୍ରାବଲ୍ୟ ଭୋଗୁଛନ୍ତି। ଯେତେ ଦ୍ରୁତ ଗାଡ଼ି ଚାଳନା, ସେତେ ଧୂଳିର ବାଦଲ। ରାଜଧାନୀର ରାସ୍ତା ଝାଡୁ ଦେବା ବେଳେ ୫ ଫୁଟ୍‌ରେ ବି କିଛି ଦିଶୁନି। ବିଏମ୍‌ସି, ନଗର ଉନ୍ନୟନ ବିଭାଗ, ପରିବହନ ଓ ପ୍ରଦୂଷଣ ବୋର୍ଡ ସମନ୍ୱୟ ରକ୍ଷା କରି ଏହାର ସମାଧାନ କରିବା ଆବଶ୍ୟକ। ଆମେ ଭୁବନେଶ୍ୱରର ପ୍ରତ୍ୟେକ ରାସ୍ତା ପାର୍ଶ୍ୱରେ ବନୀକରଣ କରି ମଧ୍ୟ ସବୁଜିମା ଦୃଶ୍ୟ ଉପଭୋଗରୁ ବଂଚିତ। ଏହି ଧୂଳି ଆଚ୍ଛାଦିତ ସବୁଜ ପତ୍ର ଚମକ ହରାଇବା ସହିତ ଖାଦ୍ୟ ସଂଗ୍ରହ ଓ ଅମ୍ଳଜାନ ଦେବାରେ ଘୋର ବାଧା ସୃଷ୍ଟି ହେଉଛି। ଏବେ ମନ୍ଦିରମାଳିନୀ ସହର ଧୂଳି ସହରର ଅପଯଶ ମୁଣ୍ଡେଇବ।

ଭୁବନେଶ୍ୱରର ଲୋକେ ଏବେ ଅଣନିଃଶ୍ୱାସୀ। ଏହାର ଖରାପ ପ୍ରଭାବ କ୍ଷତିକାରକ ସିଗାରେଟ୍ ସହିତ ତୁଳନା କରାଗଲେ ଆମ ଭଳି ଲକ୍ଷ ଲକ୍ଷ ବ୍ୟକ୍ତି ସିଗାରେଟ୍ ନଟାଣି ମଧ୍ୟ ପରୋକ୍ଷରେ ଦୈନିକ ୯ଟି ସିଗାରେଟ୍ ଟାଣିବା ଭଳି ହେଉଛି। ସହରର ପ୍ରଦୂଷଣ ପ୍ରଭାବରେ ପ୍ରାୟ ସମସ୍ତେ ଅଳ୍ପେବହୁତ ମାନସିକ ବିଷାଦଗ୍ରସ୍ତ। ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ ହେବା ବିଧେୟ। ●

ପଟ୍ଟାମୁଣ୍ଡାଇ(କେନ୍ଦ୍ରାପଡ଼ା)
ମୋ: ୯୮୬୧୦୪୮୦୫୨

# ନାରୀ ଓ ସ୍ୱନିର୍ବେଶ୍ୟ ରୋଗ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ଦେଖାଯାଉଛି ଯେ, ପୁରୁଷମାନଙ୍କ ତୁଳନାରେ ନାରୀମାନଙ୍କ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ନିଜ ବିରୁଦ୍ଧରେ କାର୍ଯ୍ୟ କରିବାର ସମ୍ଭାବନା ଅଧିକ। ଫଳରେ ସେମାନେ ବିବିଧ ସ୍ୱନିର୍ବେଶ୍ୟ(ଅଟୋଇମ୍ୟୁନି) ରୋଗରେ ପୀଡ଼ିତ ହୁଅନ୍ତି। ଏହା ହୁଏ ଯେତେବେଳେ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଭୁଲକ୍ରମେ ନିଜ ଶରୀରର ସୁସ୍ଥ ଜୀବକୋଷଗୁଡ଼ିକୁ ଆକ୍ରମଣ କରେ। ଏହି ରୋଗଗୁଡ଼ିକର ଉଦାହରଣ ହେଲା କେତେକ ସନ୍ଧି ପ୍ରଦାହ, ଟାଇପ୍ ୧ ମଧୁମେହ, ଲ୍ୟୁପସ, ମଲ୍ଟିପଲ୍ ସ୍କ୍ଲେରୋସିସ୍ ଆଦି।

ନିକଟରେ (ଫେବୃୟାରୀ, ୨୦୨୪) ଗବେଷଣା ପତ୍ରିକା 'ସେଲ'ରେ ପ୍ରକାଶିତ ଏକ ଗବେଷଣାପତ୍ରରେ ସୂଚୀତ କରାଯାଇଛି ଯେ, ସମ୍ଭବତଃ ଏଥିପାଇଁ ମହିଳାମାନଙ୍କଠାରେ ଥିବା ଅଧିକ ଏକ୍ସ-କ୍ରୋମୋଜମଟି ଦାୟୀ। ଏଥିରେ ସଂଯୁକ୍ତ ଏକ ବିଶେଷଧରଣର ଅଣୁକୁ ନେଇ ସେମାନଙ୍କ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଅନେକ ସମୟରେ ବାଉଳା ହେବାରୁ ଏପରି ଘଟେ। ବିଶେଷଜ୍ଞମାନଙ୍କ ମତରେ ଯଦି ପରବର୍ତ୍ତୀ ପରୀକ୍ଷା ନିରୀକ୍ଷାରୁ ଏହା ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହୁଏ ତେବେ ଏପ୍ରକାର ରୋଗ ଲାଗି ନୂତନ ଚିକିତ୍ସାର ବାଟ ଖୋଲିବ ଏବଂ ବର୍ତ୍ତମାନ ସମଗ୍ର ରୋଗ ପ୍ରତିରକ୍ଷିତ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ଔଷଧର ବ୍ୟବହାରରୁ ରକ୍ଷା ମିଳିଯିବ।

ଉଭୟ ନାରୀ ଓ ପୁରୁଷ ଭ୍ରୂଣରେ ଥିବା କ୍ରୋମୋଜମ୍‌ଗୁଡ଼ିକ ମଧ୍ୟରୁ ୨୨ ଯୋଡ଼ା ଏକାପ୍ରକାରର। କିନ୍ତୁ ୨୩ ତମଟି ହେଉଛି ଅଲଗା ଅଲଗା। ନାରୀଠାରେ ଦୁଇଟି ଯାକ କ୍ରୋମୋଜମ୍ 'ଏକ୍ସ' ହେଲାବେଳେ ପୁରୁଷଠାରେ ଗୋଟିଏ 'ଏକ୍ସ' ଓ ଅନ୍ୟଟି 'ୱାଇ', ଯାହାକି ତା'ଠାରେ ପୁଲିଙ୍ଗୀୟ ଅଙ୍ଗମାନ ବିକଶିତ ହେବାରେ ସାହାଯ୍ୟ କରେ। ପ୍ରତ୍ୟେକ କ୍ରୋମୋଜମ ଜିନ୍‌ମାନ ଧାରଣ କରିଥା'ନ୍ତି। ସେଗୁଡ଼ିକ ଚାଲୁ ହେଲେ ଜୀବକୋଷମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ପ୍ରୋଟିନ୍‌ମାନ ଉତ୍ପନ୍ନ କରିନ୍ତି। ଏଣୁ ଆଶା କରିବାର କଥା ଯେ ନାରୀଠାରେ ଦୁଇଟି 'ଏକ୍ସ' କ୍ରୋମୋଜମ୍ ଥିବାରୁ ଏହା ପୁରୁଷ ତୁଳନାରେ ଏଥିସହିତ ସଂପୃକ୍ତ ପ୍ରୋଟିନ ଦୁଇଗୁଣ ଉତ୍ପନ୍ନ କରିବ। କିନ୍ତୁ ପ୍ରକୃତରେ ତାହା ହୁଏନାହିଁ। ଏହା ପୁରୁଷଠାରେ ଯେତିକି ନାରୀଠାରେ ମଧ୍ୟ ସେତିକି ହୋଇଥାଏ। କାରଣ ତା'ଠାରେ ଥିବା ଦୁଇ ଏକ୍ସ-କ୍ରୋମୋଜମ୍‌ରୁ ଗୋଟିଏ ସୁପ୍ତ ବା ନୀରବ ହୋଇଥାଏ।

'ସେଲ୍‌ଫ' ପତ୍ରିକାରେ ପ୍ରକାଶିତ ଉପରୋକ୍ତ ଗବେଷଣାପତ୍ରର ମୁଖ୍ୟଲେଖକ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଡକ୍ଟର ହୋୱାର୍ଡ ଚାଙ୍ଗ କହନ୍ତି ଯେ ଏହି ଏକ୍ସ କ୍ରୋମୋଜମ୍‌ରେ 'ଏକ୍ସିଷ୍ଟ' ନାମକ ଅଣୁ ଲାଖି ହୋଇଥାଏ। ଶହ ଶହ ସଂଖ୍ୟାରେ ଏହି ଅଣୁ ତା'କୁ ଚାରିପାଖରୁ ଘୋଡ଼ାଇ ପକାଇ ବନ୍ଦ କରି ଦିଅନ୍ତି। ଏହାର ବୋଧହୁଏ ଏକ ନକାରାତ୍ମକ ଦିଗ ରହିଛି। ତାଙ୍କ ମତରେ ଶରୀରରେ ସାଧାରଣ ପ୍ରକ୍ରିୟାରେ ଜୀବ କୋଷମାନେ ମୃତ୍ୟୁବରଣ କଲା ବେଳେ ତାହା ଫାଟି ତହିଁରୁ ଅଣୁଗୁଡ଼ିକ ବିଚ୍ଛୁରିତ ହୋଇଯା'ନ୍ତି ଏବଂ ରକ୍ତସ୍ରୋତରେ ଅଜାଡ଼ି ହୋଇପଡ଼ନ୍ତି। ନାରୀମାନଙ୍କ କ୍ଷେତ୍ରରେ ଏହି ବର୍ଜ୍ୟବସ୍ତୁଗୁଡ଼ିକ ମଧ୍ୟରେ ଥାଏ 'ଏକ୍ସିଷ୍ଟା' ଅଣୁ ଏବଂ ତାହା ସହିତ ସଂପୃକ୍ତ ପ୍ରୋଟିନ୍।

ଯେତେବେଳେ ରୋଗ ପ୍ରତିରକ୍ଷିତ ଜୀବକୋଷଗୁଡ଼ିକ 'ଏକ୍ସିଷ୍ଟ' ଅଣୁର ସମ୍ମୁଖିନ ହୁଅନ୍ତି ଏହା ତହିଁରେ ଥିବା ପ୍ରୋଟିନ୍ ସଂସ୍ପର୍ଶରେ ଆସନ୍ତି। ଏହି ଅପ୍ରାକୃତିକ ଅନୁଭୂତି ତାଙ୍କୁ ବାଉଳା କରିଦିଏ। ଏଣୁ ସେଗୁଡ଼ିକ ଉତ୍ପନ୍ନ କରନ୍ତି 'ଏକ୍ସିଷ୍ଟ' ପ୍ରୋଟିନ୍‌ର ପ୍ରତିପିଣ୍ଡ। ଥରେ ରୋଗ ପ୍ରତିରକ୍ଷିତ ବ୍ୟବସ୍ଥା ଏହାକୁ ଶତ୍ରୁରୂପେ ଗଣନା କଲେ ଏହା ସେଥିସହିତ ଶରୀରର ଅନ୍ୟ ଅଂଶକୁ ମଧ୍ୟ ଆକ୍ରମଣ କରେ। କାରଣ, ପ୍ରତ୍ୟେକ ଜୀବକୋଷର ପୃଷ୍ଠଦେଶରେ ଏହାର ପ୍ରୋଟିନ ଅଣୁମାନଙ୍କ ଟୁକୁରାମାନ ଲାଗି ରହିଥା'ନ୍ତି। ତାହା ରୋଗ ପ୍ରତିରକ୍ଷିତ ଜୀବକୋଷମାନେ ଚିହ୍ନଟ କରିପାରନ୍ତି। ଅତଏବ ସେଗୁଡ଼ିକ ତାହାକୁ ଧ୍ୱଂସ କରି ଦିଅନ୍ତି। ତେବେ ଚାଙ୍ଗଙ୍କ ମତରେ କିପରି ନାରୀମାନଙ୍କ ପ୍ରତି ଏହି ପକ୍ଷପାତୀ ରୋଗ ସୃଷ୍ଟି କରିବାକୁ ଏ ସମସ୍ତ କାରକ ଏକତ୍ର କାର୍ଯ୍ୟ କରନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରିବା ହେଲା ବର୍ତ୍ତମାନର ଆହ୍ୱାନ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାହା ହେବାକୁ ରାଜି ହେଲାନି ପ୍ରେମିକା
# ଜୀବନ ହାରିଲା ପ୍ରେମିକ

ବାଲେଶ୍ୱର, ୨।୨(ସମିସ): ବାହା ହେବାକୁ ପ୍ରେମିକା ରାଜି ନହେବାରୁ ଜୀବନ ହାରିଦେଲା ପ୍ରେମିକ। ଏଭଳି ଏକ ଅଭାବନୀୟ ଘଟଣା ଚାନ୍ଦିପୁର ଥାନା ହିଡିଗାଁ ଅଞ୍ଚଳରେ ଘଟିଛି। ମୃତକ ହେଲେ, ରାଜୀବ ମାଝୀ। ରାଜୀବ ଫେସବୁକ୍‌ରେ ଭୁବନେଶ୍ୱରରେ ରହୁଥିବା ଜଣେ ଯୁବତୀଙ୍କ ସହ ବନ୍ଧୁତା କରିଥିଲେ। କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ୭ବର୍ଷ ଧରି ସମ୍ପର୍କ ରହିବା ପରେ ରାଜୀବ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ।



କିନ୍ତୁ ପ୍ରେମିକାଜଣଙ୍କ ଏଥିରେ ରାଜି ହୋଇନଥିଲେ। ଏହାକୁ ନେଇ ରାଜୀବ ଗତ କିଛି ଦିନ ହେବ ମାନସିକ ଅବସାଦରେ ରହୁଥିଲେ। ଗତକାଲି ରାତିରେ ସୋସିଆଲ ମିଡିଆରେ ଏକ ରିଲ୍ସ ପୋଷ୍ଟ କରିବା ପରେ ବେକରେ ଗାମୁଛା ଗୁଡ଼ାଇ ଫ୍ୟାନ୍‌ରେ ଝୁଲିପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଭାଇ ରୁଦ୍ର ମାଝୀଙ୍କ କହିବା ଅନୁସାରେ ରାଜୀବ ଓ ତାଙ୍କ ପ୍ରେମିକା ମଧ୍ୟରେ ବିବାଦ ପରେ ବୁଝାମଣା ହୋଇଥିଲା। ରାଜୀବ ସେ ଝିଅର ପାଠପଢ଼ାଠାରୁ ଆରମ୍ଭ କରି ସବୁ କିଛି ଖର୍ଚ୍ଚ କରୁଥିଲେ। ହେଲେ ବାହାଘର କଥା କହିବାରୁ ଯୁବତୀଜଣକ ରାଜି ହୋଇନଥିଲେ। ଏହାକୁ ନେଇ ସେ ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ। ଶେଷରେ ସେ ନିଜ ଜୀବନ ହାରିଛି। ଏଣୁ ତାଙ୍କ ଭାଇଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଉକ୍ତ ଯୁବତୀଙ୍କୁ ଦଣ୍ଡ ପ୍ରଦାନ କରିବାକୁ ରୁଦ୍ର ଦାବି କରିଛନ୍ତି। ଚାନ୍ଦିପୁର ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

# ନିଶାରେ ଖାଇଦେଲେ ଉକୁଣିମରା ଔଷଧ; ଯୁବକ ମୃତ

ତୁରୁମୁଙ୍ଗା,୨।୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଜଡ଼ିଚାତର ଗ୍ରାମରେ ଉକୁଣିମରା ଔଷଧ ଖାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କରୁଣାକର ମହାନ୍ତଙ୍କ ପୁଅ ଜିତେନ୍ଦ୍ର ମହାନ୍ତ। ଜିତେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ପାଇଁ ହାଟରୁ ଉକୁଣିମରା ଔଷଧ କିଣି ଘରକୁ ଆଣିଥିଲେ। ଶନିବାର ଅପରାହ୍ଣରେ ଉକୁଣିମରା ଔଷଧକୁ ତେଲରେ ପକାଉଥିବା ସମୟରେ ସ୍ତ୍ରୀ ତାଙ୍କୁ ବାରଣ କରିଥିଲେ। ଛୁଆମାନେ ମଧ୍ୟ ତେଲ ଲଗାଉଥିବାରୁ କାଳେ ସେମାନେ ଲଗାଇଦେଲେ ଅସୁବିଧା ହେବ ବୋଲି କହିଥିଲେ। ତେବେ ମଦ ନିଶାରେ ଥିବା ଜିତେନ୍ଦ୍ର ଉକୁଣିମରା ଔଷଧରେ ବିଷ ନାହିଁ କହି ସ୍ତ୍ରୀଙ୍କ ସହ ଥଟ୍ଟା ମଜା କରି ଉକୁଣିମରା ଔଷଧରୁ କିଛି ଖାଇ ଦେଇଥିଲେ। କିଛି ସମୟ ପରେ ତାଙ୍କର ବାନ୍ତି ହେବା ସହ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ପୁଲିସ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ତୁରୁମୁଙ୍ଗା ଏସ୍‌ଆଇ ସୁରେଶ ସାହୁ କହିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ନମ୍ବର ୨/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ହେବ...

ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ କରାଯିବ। ଏହି ନୂତନ କରିଡର ଓଡ଼ିଶା ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଦେଇ ଯିବ। ଏହା ଶିଳ୍ପ କେନ୍ଦ୍ରଗୁଡ଼ିକୁ ସିଧାସଳଖ ବନ୍ଦର ସହିତ ସଂଯୋଗ କରିବ, ଯାହାଦ୍ୱାରା ମାଲ୍ ପରିବହନ ଖର୍ଚ୍ଚ ହ୍ରାସ ହେବା ସହ ଗତି ବଢ଼ିବ। ଏଥିଯୋଗୁଁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ବିକାଶ ଘଟିବା ସହ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ। ଓଡ଼ିଶା ମଧ୍ୟ ଏହାର ଲାଭ ପାଇବ।

ରେଳମନ୍ତ୍ରୀ କହିଛନ୍ତି ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ରାଜ୍ୟରେ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର ରେଳ କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ୍ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ୨୦୧୪ରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିମିର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କଠାରୁ ମଧ୍ୟ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ୧୦୦% ଅର୍ଥାତ୍ ୧,୫୫୯ କିମି ରେଳ ଲାଇନ୍‌ର ବିଦ୍ୟୁତୀକରଣ ହୋଇଛି।

ଅମୃତ ଷ୍ଟେସନ ଯୋଜନା ଅଧୀନରେ, ୨,୪୩୯ କୋଟି ଟଙ୍କା ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନର ଉନ୍ନତିକରଣ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଲଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେସନରେ କାର୍ଯ୍ୟ ଶେଷ ହୋଇଛି। ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ବର୍ତ୍ତମାନ, ରାଜ୍ୟରେ ୬ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ନେଟୱର୍କ ସମ୍ପ୍ରସାରଣ ବର୍ତ୍ତମାନ ରେଳବାଇ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇ ରହିଛି।

ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ରୋକିବାକୁ ପଦକ୍ଷେପ ସ୍ୱରୂପ ସମ୍ବେଦନଶୀଳ ସ୍ଥାନରେ ଅପ୍ଟିକାଲ ଫାଇବର ସ୍ଥାପନ ଯୋଜନା ରହିଛି। ଆଗକୁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଭିତ୍ତିକ ଥର୍ମାଲ କ୍ୟାମେରା ଲଗାଇବାକୁ ଯୋଜନା ରହିଛି। ସାରା ଦେଶରେ ୨୦୦ ସ୍ଥାନରେ ତିଆରି ହେବ ଅଣ୍ଡର ପାସ। ୨୦୨୬ ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ରାଜ୍ୟର ୩ ଅମୃତ ଷ୍ଟେସନ ସହ ପାରଳାଖେମୁଣ୍ଡି, ତାଳଚେର, ବରପାଲି, ଷ୍ଟେସନ କାର୍ଯ୍ୟ ସରିଛି। ଅନ୍ୟ ଷ୍ଟେସନର ନବୀକରଣ କାର୍ଯ୍ୟ ୨୦୨୬ ଡିସେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ପୂର୍ବତଟ ରେଳବାଇକୁ ମିଳିଥିବା ଅର୍ଥରୁ ୮୮% ଖର୍ଚ୍ଚ ହୋଇ ସାରିଛି। ମିଳିଥିବା ଅନୁଦାନରୁ ୯୧% ଓଡିଶା ଖର୍ଚ୍ଚ କରି ସାରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି।

### ଖାତା ପୁରୁଣା...

ଦ୍ୱାରା ଅବହେଳିତ ରହିଛି। ୨୦୦୮ରୁ ୨୦୧୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ୟୁପିଏ ସରକାର ଓ ୨୦୧୪ରୁ ୨୦୨୬ ପର୍ଯ୍ୟନ୍ତ ଏନ୍‌ଡିଏ ସରକାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ନେଇ କେବଳ ଓଡ଼ିଶାବାସୀଙ୍କୁ ସ୍ୱପ୍ନର ଇନ୍ଦ୍ରଧନୁ ଦେଖାଇ ଆସିଛନ୍ତି। ଓଡ଼ିଶା ସହ କେରଳ ଓ ଅନ୍ୟ ରାଜ୍ୟରେ ଘୋଷିତ ଜାତୀୟ ଜଳପଥଗୁଡ଼ିକ କେବେଠାରୁ କାର୍ଯ୍ୟକାରୀ ହୋଇ ସାରିଲାଣି, ମାତ୍ର ଅନୁଦାନ ପ୍ରଦାନରେ କେନ୍ଦ୍ର ସରକାରଙ୍କ ଅବହେଳା ଏହି ଜଳପଥକୁ ଏକ ପ୍ରକାର ମୃତ ପ୍ରକଳ୍ପରେ ପରିଣତ କରି ସାରିଛି। ଏବେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍‌ରେ ଜାତୀୟ ଜଳପଥ -୫ ପ୍ରସଙ୍ଗ ଉଲ୍ଲେଖ କରି ପୁଣିଥରେ ଓଡ଼ିଶାବାସୀଙ୍କୁ ସ୍ୱପ୍ନର ରଙ୍ଗୀନ ଚଷମା ପିନ୍ଧାଇଛନ୍ତି। ପୁରୁଣା ଖାତାରେ ନୂଆ ମଲାଟ ମଡ଼ାଇ ନୂଆ କାହାଣୀ ଶୁଣାଇଛନ୍ତି।

ବର୍ତ୍ତମାନ ଜଳପଥ-୫ର ଭୌଗୋଳିକ ସ୍ଥିତି, ନଦୀରେ ଜଳର ପ୍ରବାହକୁ ଦେଖିଲେ ଆଗାମୀ ୫ ବର୍ଷ କାହିଁକି, ୧୦ ବର୍ଷ ମଧ୍ୟରେ ବି ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅସମ୍ଭବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଯୁକ୍ତି ଅନୁଯାୟୀ ଏହି ଜଳପଥ ଖଣି ସମୃଦ୍ଧ ଅଞ୍ଚଳ ତାଳଚେର, ଅନୁଗୋଳରୁ ଶିଳ୍ପାଞ୍ଚଳ କଳିଙ୍ଗନଗର ଏବଂ ପାରାଦୀପ ଓ ଧାମରା ବନ୍ଦରକୁ ଯୋଡ଼ିବ। ଏହି ସବୁ ଅଞ୍ଚଳରେ ଥିବା ଶିଳ୍ପ ଗୁଡ଼ିକ ନିଜର କଞ୍ଚାମାଲ ଓ ସାମଗ୍ରୀ ସହଜରେ ପରିବହନ କରିପାରିବେ। ଏହା ବେଶ୍ ଲାଭଦାୟକ ହେବା ସହ ଜାତୀୟ ରାଜପଥ, ରାଜ୍ୟ ରାଜପଥ ତଥା ରେଳପଥ ଉପରୁ ଚାପ କମାଇପାରିବ। ଏଠାରେ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ୨୦୦୮ ଶେଷାର୍ଦ୍ଧରେ ଏହି ଜାତୀୟ ଜଳପଥ ଘୋଷିତ ହେଲା ସମୟରେ ଠିକ୍ ଏହି କଥା କୁହାଯାଇଥିଲା। ଜଳପଥର ବିକାଶ ରାଜ୍ୟକୁ ବିକାଶ ପଥରେ ଆଗେଇ ନେଇଯିବ ବୋଲି ସେତେବେଳେ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ଏନ୍‌ଡ଼ିଏ ସରକାରର କେନ୍ଦ୍ରମନ୍ତ୍ରୀମାନେ ୧୦ ବର୍ଷ ହେଲା ଏହି କଥା କହି ଆସୁଛନ୍ତି।

ଏହି ଜଳପଥର ବିକାଶ ପାଇଁ ଅତୀତରେ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ, ପାରାଦୀପ ବନ୍ଦର, ଧାମରା ପୋର୍ଟ କମ୍ପାନୀ ଏବଂ ଓଡ଼ିଶା ସରକାରଙ୍କ ସହ ୨୦୧୪ ମସିହରେ ଏମଓୟୁ ହୋଇଥିଲା। କେନ୍ଦ୍ର ସରକାର ମଧ୍ୟ ଜଳପଥର ବିକାଶ ପାଇଁ ଅନେକ ଥର ପ୍ରତିଶ୍ରୁତି ଦେଇଥିବା ବେଳେ ଏହା ଶୀତଳଭଣ୍ଡାରରେ ରହିଛି। ଏପରିକି ପୂର୍ବ ବିଜେଡି ସରକାର ଏନେଇ କେନ୍ଦ୍ର ସରକାରଙ୍କ ନିକଟରେ ଏକାଧିକ ଥର ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ମାତ୍ର ଏହି ପ୍ରକଳ୍ପର ବିକାଶ କାମ କାଣିଚାଏ ଆଗେଇ ପାରିନାହିଁ। ଜାତୀୟ ଜଳପଥ-୫ କାର୍ଯ୍ୟକ୍ଷମ ହେଲେ ଏଥିରେ ବଡ଼ ବଡ଼ ଜାହାଜ ଚଳପ୍ରଚଳ କରିବ। ଏହି ଜଳପଥ ମୁଖ୍ୟତଃ ବ୍ରାହ୍ମଣୀ, ଖରସୁଆ, ମତାଇ ନଦୀ, ମହାନଦୀ ଡେଲଟାର ବିଭିନ୍ନ ଶାଖା ଓ ଧାମରା ନଦୀ ଦେଇ ଅତିକ୍ରମ କରିବ। ମାତ୍ର ଏହି ସବୁ ନଦୀଗୁଡ଼ିକର ପଙ୍କ ଏବଂ ପଟୁ ଚରିଯିବା କାରଣରୁ ଏହାର ଗଭୀରତା ହ୍ରାସ ପାଇଛି ଓ ନଦୀଗୁଡ଼ିକର ଜଳଧାରଣ କ୍ଷମତା ସଂକୋଚିତ ହୋଇଛି। ବର୍ଷାଦିନ ବ୍ୟତୀତ ଅନ୍ୟଦିନେ ବଡ଼ ଜାହାଜ ତ ଦୂରର କଥା ସାଧାରଣ ଡ଼ଙ୍ଗା ଯିବା ପାଇଁ ପାଣି ରହୁନାହିଁ। ତେଣୁ ଜାହାଜ ଚଳାଚଳ ଉପଯୋଗୀ କରିବା ନିମନ୍ତେ ପ୍ରଥମେ ଏହି ନଦୀ ତଥା କେନାଲ ଗୁଡ଼ିକର ଡ୍ରେଜିଂ ଆବଶ୍ୟକ, ଯାହାକି ଏକ ସମୟସାପେକ୍ଷ ବ୍ୟାପାର। ସେହିପରି ଏହି ନଦୀ ଗୁଡ଼ିକ ଉପରେ ଏକାଧିକ ସେତୁ ଥିବା କାରଣରୁ ବର୍ତ୍ତମାନ ସମୟରେ ଜାହାଜ ଚଳାଚଳ ସମ୍ଭବପର ନୁହେଁ। ଜାହାଜ ଚଳାଚଳ ପୂର୍ବରୁ ଏହି ସେତୁ ଗୁଡ଼ିକୁ ହଟାଇବାକୁ ପଡ଼ିବ କିମ୍ବା ଏହାର ଉଚ୍ଚତା ବୃଦ୍ଧି କରିବାକୁ ପଡ଼ିବ। ସେହିପରି ପଡ଼ୋଶୀ ଛତିଶଗଡ଼ ଏବଂ ଝାଡଖଣ୍ଡ ଉପରମୁଣ୍ଡରେ ବ୍ୟାରେଜ କରି ପାଣି ଅଟକାଇ ରଖୁଥିବାରୁ ଓଡ଼ିଶାର ନଦୀ ଏହାଦ୍ୱାରା ପ୍ରଭାବିତ ହେଉଛି। ଅଣମୌସୁମୀ ସମୟରେ ମହାନଦୀ ସହ ଅନ୍ୟ ନଦୀ ପ୍ରାୟତଃ ଶୁଷ୍କ। ଏପରିସ୍ଥଳେ ଏହି ନଦୀଗୁଡ଼ିକରେ ଜାହାଜ କିପରି ଚଳାଚଳ କରିବ ତାହା ସାଧାରଣ ଲୋକ ବୁଝି ପାରୁନାହାନ୍ତି।

ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ର ସରକାରଙ୍କ ଉପରୋକ୍ତ ଘୋଷଣାକୁ କଡ଼ା ସମାଲୋଚନା କରିଛନ୍ତି। ଗତକାଲି ବଜେଟ ଉପରେ ପ୍ରତିକ୍ରିୟା ରଖିବା ବେଳେ ସେ କହିଛନ୍ତି ଯେ ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। ମାତ୍ର ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ ହୋଇଥିବା ବେଳେ ଏଥିରେ ତୃଣମୂଳସ୍ତରରେ କୌଣସି ଅଗ୍ରଗତି ହୋଇନାହିଁ। ତେଣୁ କେନ୍ଦ୍ର ସରକାର ଯଦି ସତରେ ଓଡ଼ିଶା ସମେତ ଦେଶରେ ଜାତୀୟ ଜଳପଥ ବିକାଶ କରିବାକୁ ଚାହୁଁଛନ୍ତି, ତାହେଲେ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ଆରମ୍ଭ କରିବାର ଆବଶ୍ୟକତା ରହିଛି। ଦୀର୍ଘ ଅତୀତରେ ଦେଶରେ ୧୧୧ଟି ଜଳପଥକୁ ମାନ୍ୟତା ଦିଆଯାଇଥିବାବେଳେ ଓଡ଼ିଶାର ଜାତୀୟ ଜଳପଥ-୫, ୧୪, ୨୨, ୨୩, ୬୪ ଓ ୯୬ ଏବେ ବି କାର୍ଯ୍ୟକ୍ଷମ ହେବାର ସ୍ୱପ୍ନ ଦେଖୁଛି।

### ଦଲାଇ ଲାମାଙ୍କୁ...

ଜେଡ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି।

ଅନ୍ୟପଟେ ଭାରତର ଧର୍ମଶାଳାରେ ଅବସ୍ଥାପିତ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ଶ୍ରେଷ୍ଠ 'ଅଡିଓ ବୁକ୍' ପାଇଁ ନିଜର ପ୍ରଥମ ଗ୍ରାମୀ ପୁରସ୍କାର ହାସଲ କରିଛନ୍ତି। ଏଥର ଗ୍ରାମୀ ପୁରସ୍କାରରେ ସଙ୍ଗୀତ ସହ ଆଧ୍ୟାତ୍ମିକତାର ମଧ୍ୟ ଝଲକ ଦେଖିବାକୁ ମିଳିଥିଲା। ୯୦ ବର୍ଷ ବୟସରେ ଦଲାଇଲାମା 'ବେଷ୍ଟ ଅଡିଓ ବୁକ୍, ନ୍ୟାରେସନ ଓ ଷ୍ଟୋରୀ ଟେଲିଂ' ବିଭାଗରେ ନିଜର ପ୍ରଥମ ଗ୍ରାମୀ ଜିତିଛନ୍ତି। ସେ ତାଙ୍କର ଆଲବମ୍ 'ମେଡିଟେସନ; ଦି ରିଫ୍ଲେକସନ ହିଜ୍ ହୋଲିନେସ ଦି ଦଲାଇଲାମା' ପାଇଁ ଏହି ସମ୍ମାନ ପାଇଛନ୍ତି। ଟ୍ରେଭର ନୋଆ ଏହି ପୁରସ୍କାର ସମାରୋହର ସଞ୍ଚାଳନ କରିଥିଲେ। ସେହିପରି ଲେଡ଼ି ଗାଗା, ଜଷ୍ଟିନ ବିବର, ଫାରେଲ ୱିଲିୟମ୍ସ ଓ ସାବ୍ରିନା କାର୍ପେଣ୍ଟରଙ୍କ ଭଳି କଳାକାରମାନେ ନିଜର ଦମ୍‌ଦାର ପ୍ରଦର୍ଶନ ଦ୍ୱାରା ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ମୋଟ ୨୦ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖଥାଉ କି, ଗ୍ରାମୀ ପୁରସ୍କାର ସଙ୍ଗୀତରେ ଅସାଧାରଣ ସଫଳତା ପାଇଁ ଆମେରିକାର 'ଦି ରେକର୍ଡିଂ ଏକାଡେମୀ' ତରଫରୁ ପ୍ରଦାନ କରାଯାଇଥାଏ।

### ରାହୁଲଙ୍କ ପାଇଁ...

ହୋଇଥିଲା। ବିରୋଧୀ ଦଳ ରାହୁଲଙ୍କୁ ସମର୍ଥନ କରିଥିବା ବେଳେ ଶାସକ ଦଳ ଏହାର ଜୋରଦାର ବିରୋଧ କରିବାରୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି ରାହୁଲ କହିଥିଲେ, 'ଏହି ପ୍ରସଙ୍ଗ ଉଠାଇବାକୁ ମୋର କୌଣସି ଇଚ୍ଛା ନଥିଲା। ଯେହେତୁ ଶାସକ ଦଳର ଜଣେ ସଭ୍ୟ (ତେଜସ୍ୱୀ ସୂର୍ଯ୍ୟା) କଂଗ୍ରେସର ଦେଶଭକ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି, ତେଣୁ ତାହାର ଜବାବ ଦେବା ଜରୁରୀ।' ଏହା କହି ସେ ଲଦାଖ ସଂଘର୍ଷ ସଂପର୍କରେ ଜେନେରାଲ ନର୍ବାଣେଙ୍କ ଉକ୍ତି ଉଦ୍ଧାର କରିବାକୁ ଉଦ୍ୟମ କରିବାରୁ ଏହାକୁ ପ୍ରଥମେ ବିରୋଧ କରିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ରାଜନାଥ କହିଲେ, ଏହି ପୁସ୍ତକ ପ୍ରକାଶ ପାଇନଥିବାରୁ ଏହାର କୌଣସି ଅଂଶକୁ ଗୃହରେ ଉଦ୍ଧାର କରାଯାଇପାରିବ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ରାଜନାଥଙ୍କୁ ସମର୍ଥନ ଜଣାଇ ରାହୁଲଙ୍କୁ ବିରୋଧ କରିଥିଲେ। ରାହୁଲ କହିଥିଲେ ଯେ ଏହି ପୁସ୍ତକ ପ୍ରକାଶିତ ହୋଇନଥିଲେ ମଧ୍ୟ ଏହାର କିଛି ଅଂଶ ଏକ ଇଂରାଜୀ ପତ୍ରିକାରେ ପ୍ରକାଶ ପାଇଛି। ତେଣୁ ସେହି ପତ୍ରିକାରୁ ସେ ଉଦ୍ଧାର କରୁଛନ୍ତି ବୋଲି କହି ସେ ଏହାକୁ ପଢ଼ିବା ଆରମ୍ଭ କରିଥିଲେ। ଏହାକୁ ବିରୋଧ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମଗ୍ର ଶାସକ ଦଳ ରାହୁଲଙ୍କୁ ବିରୋଧ କରି ହଙ୍ଗାମା କରିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କୁ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ସମର୍ଥନ ଦେଇଥିଲେ। ଚୀନ୍ ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବିରୋଧୀ ଦଳର ନେତାଙ୍କୁ ଏହା ଉପରେ କହିବାକୁ ଅନୁମତି ଦିଆଯାଉ ବୋଲି ସେ ଦାବି କରିଥିଲେ। ମାତ୍ର ସରକାରୀ ଦଳର ସଦସ୍ୟ ହଙ୍ଗାମା ଜାରି ରଖିଥିଲେ। ନିୟମକୁ ଆଧାର କରି ବାଚସ୍ପତି ଓମ୍ ବିର୍ଲା ରାହୁଲଙ୍କୁ ଏପରି ଟିପ୍ପଣୀ ନ ଦେବାକୁ କହିଥିଲେ। ଏହାସତ୍ତ୍ୱେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଟକି ନ ଥିଲେ। ସେ ୪୬ ମିନିଟ ପର୍ଯ୍ୟନ୍ତ ନିଜ କଥା ରଖିବାକୁ ପ୍ରୟାସ କରିଥିଲେ। ହଙ୍ଗାମା ଜାରି ରହିବାରୁ ଲୋକସଭାକୁ ସେ ପ୍ରଥମେ ୩ଟା ପର୍ଯ୍ୟନ୍ତ ଏବଂ ପରେ ଆଜି ଦିନକ ପାଇଁ ମୁଲତବୀ ରଖିଥିଲେ ବାଚସ୍ପତି।

ସୂଚନାଯୋଗ୍ୟ ଯେ ଲଦାଖ ସଂଘର୍ଷ ସଂପର୍କରେ ଜେନେରାଲ ନର୍ବାଣେ ତାଙ୍କର ଅପ୍ରକାଶିତ ପୁସ୍ତକରେ ଏମିତି କିଛି ତଥ୍ୟ ଦେଇଛନ୍ତି, ଯାହାକି ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ଏହି ପୁସ୍ତକ ପ୍ରକାଶନ ଅପେକ୍ଷାରେ ଥିବା ବେଳେ ଏହି ଲେଖା 'କାରାଭାନ' ନାମକ ଇଂରାଜୀ ପତ୍ରିକାରେ ପ୍ରକାଶ ପାଇଛି।

### ସମ୍ବଲପୁର ଓ ପୁରୀ...

ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିପାରିବେ। ପୁରୀ ପୌର ନିଗମକୁ ପ୍ରଥମ ଥର ପାଇଁ ଗଠନ କରାଯାଇଥିବା ବେଳେ ସମ୍ବଲପୁରରେ ନିର୍ବାଚନ ପ୍ରକ୍ରିୟା ହାଇକୋର୍ଟର ରହିତାଦେଶ ଯୋଗୁଁ ହୋଇପାରିନଥିଲା। ତେବେ ଗତ ସେପ୍ଟେମ୍ବର ୩ ତାରିଖରେ ଏ ସଂକ୍ରାନ୍ତୀୟ ରିଟ୍ ପିଟିସନର ବନ୍ଦ କରିବା ପରେ ସମ୍ବଲପୁରରେ ନିର୍ବାଚନ ପାଇଁ ବାଟ ଫିଟିଛି।

ଗୃହ ଓ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏନେଇ ସମ୍ବଲପୁର ମହାନଗର ନିଗମର କମିଶନର ଏବଂ ପୁରୀ ମହାନଗର ନିଗମର ପ୍ରଶାସକଙ୍କୁ ଲେଖିଛନ୍ତି। ଫେବ୍ରୁଆରୀ ୧୧ ତାରିଖ ସୁଦ୍ଧା ଓଡ଼ିଶା ପୌର ନିଗମ ଆଇନ୍ ୨୦୦୩ର ଧାରା ୬୦, ୬ ଏବଂ ୭ ଅନୁଯାୟୀ ୱାର୍ଡ ବିଭାଜନ ଏବଂ ଆସନ ସଂରକ୍ଷଣ ସମ୍ପର୍କିତ ସୂଚନା ସମ୍ପୃକ୍ତ ନିଗମ ପକ୍ଷରୁ ନଗର ଉନ୍ନୟନ ବିଭାଗ ପାଖରେ ଦାଖଲ କରାଯିବ। ଏହାପରେ ଫେବ୍ରୁଆରୀ ୨୧ ତାରିଖ ସୁଦ୍ଧା ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନର୍ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ଉପରେ ଅଭିଯୋଗ ଓ ପରାମର୍ଶ ଆହ୍ୱାନ କରାଯାଇ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୨ ସୁଦ୍ଧା ଅଭିଯୋଗ ଓ ପରାମର୍ଶ ଦାଖଲ କରାଯାଇପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ହି ପଦକ୍ଷେପ ଦ୍ୱାରା ସମ୍ବଲପୁର ଏବଂ ପୁରୀରେ ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

### ନୂଆ ପୌରାଞ୍ଚଳରେ...

ସହରାଞ୍ଚଳ ପ୍ରଶାସନିକ ସଂସ୍ଥାଗୁଡ଼ିକରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟା ମାର୍ଚ୍ଚ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

ଗୃହ ଓ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ପ୍ରଶାସନ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଅରିନ୍ଦମ ଡାକୁଆଙ୍କ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଆଜି (ସୋମବାର) ଜାରି ଏକ ଚିଠିରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ୨୮ଟି ଏନଏସି ଏବଂ ୭ଟି ପୌରପାଳିକା ଗଠନ କରିଛନ୍ତି। ଅପରପକ୍ଷେ ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଏନଏସି ୱାର୍ଡ ସୀମା ପୁନର୍ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଏହି ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି ଯେ, ସରକାରଙ୍କୁ ଓଡ଼ିଶା ପୌରପାଳିକା ଆଇନ୍ ୧୯୫୦ର ଧାରା ୧୨ ଏବଂ ୧୧ ଅନୁଯାୟୀ ଏହି ପ୍ରକ୍ରିୟା ସମ୍ପନ୍ନ କରିବାକୁ ପଡ଼ିବ। ଓଡ଼ିଶା ପୌରପାଳିକା ଆଇନ୍ ୧୯୫୦ ଏବଂ ଏହା ଅନ୍ତର୍ଗତ ନିୟମାବଳୀ ଅନୁଯାୟୀ ଜିଲ୍ଲାପାଳମାନେ ପୌରପାଳିକା କ୍ଷେତ୍ରକୁ ୱାର୍ଡରେ ବିଭାଜନ ଏବଂ ଆସନ ସଂରକ୍ଷଣ କରିବାକୁ ଅଧିକାରୀ। ଏହି ପ୍ରକ୍ରିୟାରେ ଅଭିଯୋଗ ଓ ପରାମର୍ଶ ଆମନ୍ତ୍ରଣ କରାଯିବ। ଯଦି କୌଣସି ବ୍ୟକ୍ତି ଜିଲ୍ଲାପାଳଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେମାନେ ଅପିଲ୍ ଦାଖଲ କରିପାରିବେ। ଏହି ଅପିଲ୍‌ଗୁଡ଼ିକୁ ଜିଲ୍ଲାପାଳମାନେ ସେମାନଙ୍କ ମନ୍ତବ୍ୟ ସହିତ ଫେବ୍ରୁଆରୀ ୧୫ ତାରିଖ ସୁଦ୍ଧା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅପିଲଗୁଡ଼ିକର ଶୁଣାଣି ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ଅପିଲ୍ ଅଥରିଟି ପକ୍ଷରୁ କରାଯିବ। ନିଷ୍ପତ୍ତି ଅନୁସାରେ ଫେବ୍ରୁଆରୀ ୧୨ ତାରିଖରେ ଓଡ଼ିଶା ପୌରପାଳିକା ଆଇନର ଧାରା ୧୨ ଅନୁଯାୟୀ ୱାର୍ଡ ସୀମା ପୁନର୍ନିର୍ଦ୍ଧାରଣ ଏବଂ ଧାରା ୧୧ ଅନୁଯାୟୀ ଆସନ ସଂରକ୍ଷଣର ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାରେ ଅଭିଯୋଗ ଓ ପରାମର୍ଶ ଆମନ୍ତ୍ରଣ କରାଯିବ। ଫେବ୍ରୁଆରୀ ୨୧ ତାରିଖରେ ଅଭିଯୋଗ ଓ ପରାମର୍ଶର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫେବ୍ରୁଆରୀ ୨୬ ତାରିଖ ଜିଲ୍ଲାପାଳଙ୍କ ପକ୍ଷରୁ ପ୍ରୋଭିଜନାଲ୍ ବିଜ୍ଞପ୍ତି ପ୍ରକାଶ, ଯେଉଁଥିରେ ୱାର୍ଡ ସୀମା ପୁନର୍ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣର ବିବରଣୀ ରହିବ। ଫେବ୍ରୁଆରୀ ୨୬ରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ପ୍ରକାଶିତ ବିଜ୍ଞପ୍ତି ଉପରେ ଅଭିଯୋଗ ଦାଖଲର ସମୟ ଭାବେ ଧାର୍ଯ୍ୟ ହୋଇଛି। ମାର୍ଚ୍ଚ ୧୬ରୁ ୨୮ ପର୍ଯ୍ୟନ୍ତ ଅଭିଯୋଗଗୁଡ଼ିକର ଶୁଣାଣି ଏବଂ ମାର୍ଚ୍ଚ ୩୧ ତାରିଖରେ ଜିଲ୍ଲାପାଳଙ୍କ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଏହି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିପାରିବେ ବୋଲି ଜଣାପଡ଼ିଛି।

### ରୟାଲଟିର ୨ ଗୁଣ...

ଏହି ବିଜ୍ଞପ୍ତିର ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କଲେ, ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବିଜ୍ଞପ୍ତି ଓଡ଼ିଶା ଗେଜେଟରେ ପ୍ରକାଶ ହେବା ଦିନଠାରୁ କାର୍ଯ୍ୟକାରୀ ହେବ।


**AFFIDAVIT**

I, K GOPIKA, W/o - Kosana Dilleswar Rao Reddy, resident of At- Adarsh Nagar, PO - P.R.Peta, PS - Jeypore, Dist - Koraput-764003, Odisha declare by this Affidavit No.427, dated - 02/02/2026, that now onwards I shall be known as **KOSANA GOPIKA** for all future purpose.

**AFFIDAVIT**

I, Sagara Panda, S/O- Bijaya Kumar Panda, resident of At: Subalayapalli, PO: Dhanantar, Dist: Ganjam, Pin - 761106, Odisha declare by this affidavit No. 10, dtd.- 20/01/2026 that now onwards I shall be known as **SAGAR BIJAY PANDA** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated- 17/01/2026, I **Rangabati Mishra,** W/o- Narendra Nath Nanda, resident of At/Po.- Balitutha, PS.-Kujanga, Dist.: Jagatsinghpur, Odisha- 754141 declare that I have changed my name from **Rangabati Debi to Rangabati Mishra.** Henceforth I shall be known as **RANGABATI MISHRA** for all purposes.

**Rangabati Mishra**

**AFFIDAVIT**

I, Sailabala Panda, W/O- Bijaya Kumar Panda, resident of At: Subalayapalli, PO: Dhanantara, PS: Sheragada, Dist: Ganjam, Pin - 761106, Odisha declare by this affidavit No. 63, dtd.- 22/01/2026 that now onwards I shall be known as **SHAILABALA PANDA** for all future purposes.



## ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ଭଦ୍ରକ

ନମ୍ବର: ୬୨ / ଏସପିଏ      ତା. ୩୧.୦୧.୨୦୨୬

### ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମଲାଭ ମହାପାତ୍ର, ଗୋଲାକ ବିହାରୀ ମହାପାତ୍ର, ପିତା : ମହେନ୍ଦ୍ର ମହାପାତ୍ର ନିମ୍ନଲିଖିତ ତଫସିଲ ଜମିର ସହର ଯୋଜନା ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା Final Master Plan, Bhadrak-2017 ରେ ସ୍ଥିରିକୃତ ହୋଇଥିବା water body use ରୁ Institution (Public & Semi-Public) use zone କୁ ପରିବର୍ତ୍ତନ କରିବା ପାଇଁ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ଭଦ୍ରକଙ୍କ ନିକଟରେ ଆବେଦନ କରିଅଛନ୍ତି। ଉକ୍ତ ଦରଖାସ୍ତକୁ ବିଚାରକୁ ନେଇ ଏବଂ ଭଦ୍ରକ ଜିଲ୍ଲାପାଳଙ୍କ ଆଦେଶ ଅନୁସାରେ ଉକ୍ତ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଆପତ୍ତି, ଅଭିଯୋଗ ଥାଏ ତାହେଲେ ଉକ୍ତ ବିଜ୍ଞାପନ ପ୍ରକାଶନର ୬୦ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି କିମ୍ବା ଲିଖିତ ଆକାରରେ ଜଣାଇପାରିବେ।

| ମୌଜା | ଖାତା ନମ୍ବର | ଖସଡା ନମ୍ବର | ରକବା | କିସମ |
|---|---|---|---|---|
| କୁଆଁସ | ୩୪୬ | ୧୩୮୯ | AC 0.10 | ଜଳାଶୟ |

ଉକ୍ତ ବିଜ୍ଞାପନର ସମୟ ଅବଧି ପରିସମାପ୍ତି ପରେ ଏହାର ଏକ ସବିଶେଷ ରିପୋର୍ଟ ସହର ଯୋଜନା ନିର୍ଦ୍ଦେଶକ, ଓଡିଶାଙ୍କ ନିକଟରେ ଓଡିଶା ସହର ଯୋଜନା ଏବଂ ଉନ୍ନୟନ ସଂସ୍ଥା ଆଇନ, ୧୯୫୬ (OTP & IT Act) ଅନୁଯାଇ ଉପସ୍ଥାପିତ କରାହେବ।

ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ
ଭଦ୍ରକ



**AFFIDAVIT**

I, K DILLESWAR RAO, S/o - Kosana Surya Rao, resident of At- Adarsh Nagar, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No.426, dated - 02/02/2026, that now onwards I shall be known as KOSANA **DILLESWAR RAO REDDY** for all future purpose.

**AFFIDAVIT**

I GHANASHYAM DAS AGARWAL, S/o Late Satyanarayan Agarwal, R/o-: EM-61 Basanti Colony, Rourkela, Dist- Sundargarh, State- Odisha, Pin-769012 declare by this Affidavit No- A/16 , Dt-03.01.2026 sworn before Executive Magistrate, Rourkela, that now onwards I shall be known as GHANSHYAM DAS AGARWAL for all future purposes.

**(GHANSHYAM DAS AGARWAL)**

**AFFIDAVIT**

By virtue of an affidavit sworn before the Executive Magistrate, Puri, dated- 14/11/2025, I **Abhipsita Mohaatra,** W/o- Manas Kumar Mohapatra, resident of Gopinathpur, Atharnala, Po.- Gopinathpur alias Routrapur, PS.-Puri Sadar, Dist.- Puri, Odiaha-752002 declare that I have changed my name from **Abhismita Mohapatra to Abhipsita Mohapatra.** Henceforth I shall be known as **ABHIPSITA MOHAPATRA** for all purposes.

**Abhipsita Mohapatra**

**AFFIDAVIT**

I, Bijaya Kumar Panda, S/O- Ramahari Panda, resident of At: Subalayapalli, PO: Dhanantara, PS: Sheragada, Dist: Ganjam, Pin- 761106, Odisha declare by this affidavit No. 62, dtd.- 22/01/2026 that now onwards I shall be known as **BIJOY PANDA** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 02/02/2026. I, Ratne Chandi (new name), formerly called as **Reetu Barik** (old name), aged about 26 years, W/o- Radheshyama Barik, permanent & current resident of AT: Salemudga, PO/PS: Sindhekela, Dist: Bolangir, (Odisha) PIN: 767035 declare that I have changed my name from **Reetu Barik to Ratne Chandi.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Ratne Chandi** (new name) for all future purposes.

**Ratne Chandi**

**AFFIDAVIT**

By virtue of an affidavit (No.A/35, dtd- 20/01/2026) before the Executive Magistrate, Panposh, Rourkela. I, **Priyanka Singh,** W/o- Manish Kumar Singh, D/O Ram Niwas sharma, resident of Kalinga Vihar, Chhend, PO/PS- Chhend, Rourkela, Dist- Sundargarh, Odisha, PIN- 769015. Aadhar No- 697327823084 after marriage I have changed my name from **Priyanka** to **Priyanka Singh** for all purposes.

**ନୋଟିସ୍**

ଲିଖିତ ରସିଦ୍ ଏହି କି, ଆମ୍ଭେ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ପିତା- ସ୍ୱର୍ଗତ ଗଙ୍ଗାଧର ମହାପାତ୍ର, ସା- ମଧୁବନ, ୱାର୍ଡ ନଂ.-୯, ପୋ.- ବାରିପଦା, ଥାନା- ବାରିପଦା ଟାଉନ୍ ଜିଲ୍ଲା ମୟୁରଭଞ୍ଜ, ମୁଁ ପ୍ରିଣ୍ଟ ମିଡିଆକୁ ଜଣାଉଅଛି କି ମୋର ବାସଗୃହର ନଥି (ନିବନ୍ଧିତ ବିକ୍ରି କବଲା)ଟି ୨୦୧୩ ମସିହା ରେ ହୋଇଥିବା ଫାଇଲିନ୍ ବାତ୍ୟା ରେ ସଂପୂର୍ଣ୍ଣ ଘର ପାଣି ରେ ବୁଡି ଯାଇଥିବାରୁ ଘରର ସମସ୍ତ ନଥିପତ୍ର ସହିତ ଏହି କବଲାଟି ଯାହାର ନଂ.-୨୪୧୫/ ତା. ୦୫.୦୯.୨୦୦୭ରିଖ ନଷ୍ଟ ହୋଇଯାଇଛି। ଏଣୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ମୁଁ ପ୍ରିଣ୍ଟ ମିଡିଆକୁ ଜଣାଇଲି।

ନିବେଦକ
ପ୍ରଭାତ କୁମାର ମହାପାତ୍ର

**AFFIDAVIT FOR MINOR**

By virtue of an affidavit No- 4043, dated- 26/12/2025 sworn before Executive Magistrate, Khordha, declare that I, **Pramodini Jena,** W/o- Abhimanyu Jena, Address: At- Dalaiput, Po- Dalaiput, Ps- Sadar Khordha, Dist- Khordha, Odisha, Pin- 752056, declare that I have changed the name of my minor son's name from **Saswat Kumar Jena to Saswata Kumar Jena.** Henceforth, he shall be known as **Saswata Kumar Jena** for all purposes.

**Pramodini Jena**



**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar CF.NO- 16, dated 02-02-2026 I, **SHANKAR BALIARSINGH,** S/o Laxmi Baliarsingh Permanent resident of At/Po- Srirampur, PS- Kotagada, Dist- Kandhamal, State- Odisha, PIN- 762105, declare that I have changed my Son's name from **JYOTIBA KUMAR BALIARSINGH (Old name)** to **ABHISHEK BALIARSINGH (New name)**, Henceforth, he shall be known as **ABHISHEK BALIARSINGH** for all purposes.

**( Sd- SHANKAR BALIARSINGH)**

**AFFIDAVIT**

By virtue of an affidavit sworn before **Notary Public, Bhubaneswar, on dated 30.01.2026, I, Bhaskara Bhoi resident At-Guapur, Po-Majhihara (C.t) New, Dist-Khordha, Odisha, Pin-752103** declare that I have changed the name of my son from **Bhaskar bhoi to Bhaskara Bhoi.** Henceforth, He shall be known as **BHASKARA BHOI** for all purposes.

**(Bhaskara Bhoi)**

**AFFIDAVIT**

By virtue of an affidavit sworn before the Executive Magistrate, Kodala, Ganjam dated- 19/01/2026, I, **B. Sangini Dora,** D/o. B. Bulu Dora, resident of Chadhiapada, Po.- Mardakote, PS.- Kodala, Dist.- Ganjam, Odisha- 761032 declare that I have changed my name from **G. Sangini Dora to B. Sangini Dora.** Henceforth I shall be known as **B. Sangini Dora** for all purposes.

**B. Sangini Dora**

**ସର୍ବସାଧାରଣ ବିଜ୍ଞପ୍ତି**

ମୁଁ ଆଡଭୋକେଟ୍, ମନୋଜ କୁମାର ନାୟକ, ଜୟଦେବ ବିହାର ସ୍ଥିତ କର୍ଣ୍ଣାଟକ ବ୍ୟାଙ୍କ ଶାଖା ପକ୍ଷରୁ ସମସ୍ତ ଜନ ସାଧାରଣଙ୍କୁ ସୂଚିତ କରିବାକୁ ଚାହେଁ ଯେ, ମୋର ମହକିଲ ଶ୍ରୀମତୀ ସ୍ୱାତୀ ସାହୁ, ନିମ୍ନ ଲିଖିତ କାଗଜପତ୍ର ମାନ ହଜାଇ ଦେଇଛନ୍ତି। ସେଗୁଡ଼ିକ ନିମ୍ନ ରେ ସୂଚିତ ହେଲା। (୧) ପଞ୍ଜୀକୃତ ବିକ୍ରି ହୋଇଥିବା ଦଲିଲ ନଂ- ୧୬୯୯, ତା- ୧୦/୦୨/୨୦୦୫ରିଖ ଲାଲକୋ ସିଟି ସ୍କେପ୍ ପ୍ରା.ଲି. (୨) ଦଲିଲ ନଂ- ୧୦୯୫୮ ତା- ୨୧/୦୭/୨୦୦୮, ଲାଲକୋ ସିଟି ସ୍କେପ୍ ପ୍ରା.ଲି. (୩) ROR / ପଟ୍ଟା ଖାତା ନଂ ୧୩୮, ୨୬୮, ୩୦୩/୨୯୦, ୩୦୩/୨୯୧, ୩୦୩/୨୦୯୨, ୩୦୩/୧୫୫, ୩୦୩/୧୮୨, ୩୦୩/୨୧୫ ମୌଜା- ଭୁବନେଶ୍ୱର, ସହର Unit-10, ସତ୍ୟ ନଗର, ଥାନା- ନିଉ କ୍ୟାପିଟାଲ୍।

ଦଲିଲ ହଜିବା ସ୍ଥାନ ଏବଂ ତାରିଖ- ୨୪/୧୧/୨୦୨୫ ନୟାଗଡ଼ ରୁ ଫେରିବା ସମୟରେ ରାସ୍ତା ରେ କେଉଁଠାରେ।

ଯଦି କେହି ସହୃଦୟ ବ୍ୟକ୍ତି ଉପରୋକ୍ତ ବିବରଣୀ ଯୁକ୍ତ ଦଲିଲ ପାଇଥିବେ ବା ପାଇବେ, ତେବେ ଦୟାକରି ଲିଖିତ ଫୋନ୍ ନଂ ରେ ଯୋଗାଯୋଗ କରିବାକୁ ଅନୁରୋଧ କରୁଅଛୁ। ଏହା ମଧ୍ୟ ସୂଚାଇ ଦିଆ ଯାଉଅଛି ଯେ ମୋର ମହକିଲ ସ୍ୱାତୀ ସାହୁ ଏହି ଦଲିଲ ଅନୁଯାୟୀ ଜୟଦେବ ବିହାର ଶାଖା ସ୍ଥିତ କର୍ଣ୍ଣାଟକ ବ୍ୟାଙ୍କ ରେ ଋଣ ହେତୁ ଆବେଦନ କରିଛନ୍ତି। ଯାହା ଲାଗି ଏହି ସମ୍ପତ୍ତି କର୍ଣ୍ଣାଟକ ବ୍ୟାଙ୍କ ରେ ବନ୍ଧା ପଡିବାକୁ ଯାଉଅଛି।

ଯଦି କେହି ବ୍ୟକ୍ତି କିମ୍ବା ଅନୁଷ୍ଠାନର ଏହି ଜମି ସମ୍ବନ୍ଧିତ କୌଣସି ଦାବି ଥାଏ, ତେବେ ଖବର ପ୍ରସାରଣର ୭ଦିନ ମଧ୍ୟରେ ମୋ କାର୍ଯ୍ୟାଳୟ ରେ ସମସ୍ତ ସମ୍ପର୍କୀୟ କାଗଜପତ୍ର ସହିତ ମୋ ଯୋଗାଯୋଗ କରି ପାରିବେ। ତତ୍ ପଶ୍ଚାତ୍ ଆମେ କୌଣସି ଅଭିଯୋଗକୁ ଗ୍ରହଣ କରିବୁ ନାହିଁ ଏବଂ ବ୍ୟାଙ୍କ ମଧ୍ୟ ଏହି ଦଲିଲର ଅପବ୍ୟବହାର ପାଇଁ ଦାୟୀ ରହିବ ନାହିଁ।

ମନୋଜ କୁମାର ନାୟକ (ଆଡଭୋକେଟ୍)
କାର୍ଯ୍ୟାଳୟ- ଧର୍ମବିହାର, ଜଗନ୍ନାଥ ମନ୍ଦିର ସାମ୍ନା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, Odisha, 751030
Mobile No-9437227427, 8763833127

**Public Notice**

I **Sunil Mohapatra** aged about 35 years, S/o- Prafulla Mohapatra, residing At-Mangalpur, PO- Agrahat, PS- Choudwar, Dist- Cuttack Odisha-754028, Mob No- 8270822402.

It is noticed to public that the following reference Sale deed in respect Land situated in the Dist- Cuttack,Tahasil- Tangi Choudwar, Mouza- Kapaleswar, Under Khata No-859/2998, Plot No- 2035/5726 has been lost / misplaced somewhere despite of my best effort. I am unable to trace out/find the same despite of my best efforts. We have not created any equitable mortgage / charge with any bank and financial institutions by depositing the sale deed in original as security for any advance, or any claim and I requested to the Public found the said document if any to inform to Advocate: Chandrasekhar Srichandan, Mob:- 9937422860, 7978670824) within a period of 15 days from the date of publication of this notice / advertisement. This is to be produced before the competent authority. The lost land document is mentioned below in details:-

Regd. Sale Deed bearing Reg. Doc No. 10431200795 on dtd. 02/03/2012 & Original ROR in favour of Dusmanta Barala.

ସକାଳ
THE SAKALA



www.sakalaepaper.com

# ପଦ୍ମନପୁର ଉଚ୍ଚ ବିଦ୍ୟାଳୟ: ୩ ଶିକ୍ଷକଙ୍କ ଉପରେ ୯ଟି ଶ୍ରେଣୀର ବୋଝ

ବୌଦ୍ଧ, ୨।୨(ସମିସ)

ବୌଦ୍ଧ ବ୍ଲକ ପଦ୍ମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୪୧ ମସିହାରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ପ୍ରଥମେ ମାଟିଘରେ ଚାଲିଥିବା ବେଳେ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢୁଥିଲେ। ପରେ ୨୦୦୨ ମସିହାରେ ଉନ୍ନତୀକରଣ କରାଯାଇ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ସେ ସମୟରେ ଆବଶ୍ୟକ ଶିକ୍ଷକ ଥିଲେ। ପାଠପଢ଼ା ମଧ୍ୟ ଠିକ୍ ଚାଲିଥିଲା। ତିନି ବର୍ଷ ହେଲା ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ କାର୍ଯ୍ୟରତ ଶିକ୍ଷକ ବିନାୟକ ମିଶ୍ର ପଦୋନ୍ନତି ପାଇ ଗତ ୨୦୨୪ ଜୁଲାଇରେ ତେତେଲେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ଦୁଇ ବର୍ଷ ତଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ହୋଇଛି। ଏହାପରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ସରକାର ମାଗଣା ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ଓ ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଶିକ୍ଷାର ମୂଳଦୁଆ ପ୍ରତି ଦୃଷ୍ଟି ଦେଉ ନଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ଫଳରେ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ଘରୋଇ ବିଦ୍ୟାଳୟ ପ୍ରତି ଆକର୍ଷିତ ହେଉଛନ୍ତି। ୯ ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ କିଭଳି ଶିକ୍ଷା ଦାନ କରୁଥିବେ ତାହା ସହଜେ ଅନୁମେୟ। ତିନି ଜଣଙ୍କ ମଧ୍ୟରୁ ଏବେ ଜଣେ ଶିକ୍ଷୟିତ୍ରୀ ପ୍ରସବ କାଳୀନ ଛୁଟିରେ ଥିବାରୁ ୨ ଜଣ ଶିକ୍ଷକରେ ସ୍କୁଲରେ ଶିକ୍ଷାଦାନ ଚାଲୁଛି। ଏନେଇ ପରିଚାଳନା କମିଟି ୨୦୨୩ ମସିହା ଜୁଲାଇରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଦ୍ୟାଳୟରେ ତୁରନ୍ତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରା ନଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।



# ଗଞ୍ଜେଇ ଚାଲାଣବେଳେ ଜଙ୍ଗଲରେ ଚଢ଼ଉ

## ୨ ବାଇକ୍ ସହ ୮୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ଲମ୍ବସରୀ ପଞ୍ଚାୟତ ସାନଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ୮୬ କେଜି ଗଞ୍ଜେଇ ଜବତ କରିଛି। ଘଟଣାସ୍ଥଳରୁ ୨ଙ୍କଏ ବାଇକ ଜବତ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଗୁହିରାପାଲି ଗ୍ରାମର ଗଜେନ୍ଦ୍ର କର୍ମୀ (୩୨)କୁ ପୁଲିସ ଗିରଫ କରିଛି। ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରକାଶ ଭୋଇ, ଏଏସ୍‌ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ପ୍ରମୁଖ ଚଢ଼ଉ କରିଥିଲା। ପୁଲିସର ଚଢ଼ଉ ସମ୍ପର୍କରେ ସୂରାକ ପାଇ ସମସ୍ତେ ଚମ୍ପଟ ମାରିଥିଲେ। କେବଳ ଗଜେନ୍ଦ୍ର ଧରା ପଡ଼ିଥିଲା। କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା।



# ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ବୀରମହାରାଜପୁର, ୨।୨(ସମିସ):** ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଭଙ୍ଗାମୁଣ୍ଡାରେ ନବ ନିର୍ମିତ ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଙ୍ଗାମୁଣ୍ଡା ମଠର ମହନ୍ତ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା ତିନି ଶହରୁ ଅଧିକ ମହିଳା ମଠରୁ କଳସ ଶୋଭାଯାତ୍ରାରେ ବାହାରିଥିଲେ। ମହାନଦୀର ନୂଆଁଗଡ଼ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞ କମିଟିର ସଭାପତି ସାଫି ମେହେର ଓ ସମ୍ପାଦକ ମହାଦେବ ନାଏକ କଳସଯାତ୍ରା ପରିଚାଳନା କରିଥିଲେ। ଭାଗୀରଥି ପଣ୍ଡା, ଗୋପାଳ ପାଢ଼ୀ, ଶ୍ରୀନିବାସ ନାୟକ, ଉମେଶ ପ୍ରସାଦ ରଥ, ତ୍ରିପୁରାରି ମଲ୍ଲିକ, ଉମେଶ ପଧାନ, ପ୍ରଦ୍ୟୁମ୍ନ କର୍ମୀ, ପ୍ରଫୁଲ୍ଲ ବେହେରା, ନାରାୟଣ ସାହୁ, ଜଗଦୀଶ ମେହେର, ଚୈତନ୍ୟ ପଧାନ, ପଞ୍ଚୁ ମେଣ୍ଡିଲି, ରାମଚନ୍ଦ୍ର ପ୍ରଧାନ, ଶିବ ମେହେର, ଦାଶରଥି ଭୋଇ, ଅଯତ୍ନ କଲତା ପ୍ରମୁଖ ସହଯୋଗ କରିଥିଲେ। ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ରାଧାମାଧବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାମାୟଣ ପାରାୟଣ ସହ ୫୬ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହା ସହ କଂସ ଦରବାର ମଧ୍ୟ ହେବ।

# ମିର୍ଦ୍ଧା ସମାଜର ସମୀକ୍ଷା ବୈଠକ

**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମଧୁପୁରରେ ମିର୍ଦ୍ଧା (କୁଣହାଁ) ସମାଜର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଗୁଡି ସଭାପତି ବୃନ୍ଦାବନ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଲମ୍ବୋଦର ମିର୍ଦ୍ଧା ସଂଯୋଜନା କରିଥିଲେ। ଜିଲ୍ଲା ସମ୍ପାଦକ ସ୍ୱାଧୀନ ମିର୍ଦ୍ଧା, ଗୁଡି ସମ୍ପାଦକ ଉସ୍ତ ବାଘ, ଉପସଭାପତି ଲିଙ୍ଗରାଜ ଛତ୍ରିଆ, ସହ ସମ୍ପାଦକ ଶ୍ୟାମ ମାଝୀ, କୋଷାଧ୍ୟକ୍ଷ ବଳରାମ ପଧାନଙ୍କ ସମେତ ସମାଜର ଶତାଧିକ ସମାଜ ବନ୍ଧୁ ଯୋଗ ଦେଇଥିଲେ। ସଭାରେ ୨୦୨୫-୨୬ ବର୍ଷ ଆୟବ୍ୟୟର ଅଟକଳ, ଇଷ୍ଟଦେବ ବୁଢ଼ାରଜା ପୀଠର ଉନ୍ନତିକରଣ, ମହାସଭା ପାଳନର ସମୀକ୍ଷାକ, ଆଦିବାସୀ ଜାତି ପ୍ରମାଣପତ୍ର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

# ସ୍ୱର୍ଶ କୃଷ୍ଟ ସଚେତନତା ଅଭିଯାନ

**ଲଛିପୁର, ୨।୨(ସମିସ):** ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱର୍ଶ କୃଷ୍ଟ ସଚେତନତା ଅଭିଯାନ ଖରଝୁରା ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ଲେପ୍ରୋସି) ଡା. ତ୍ରିବିକ୍ରମ ପାଣ୍ଡିଆ, ଜିଲ୍ଲା ଲେପ୍ରୋସି ସଂଯୋଜକ ଗୌରୀଶଙ୍କର ପଣ୍ଡା, ଭରୋଜା ଲେପ୍ରୋସି ପ୍ରକଳ୍ପର ବିରଞ୍ଚି ମହତୋ, ବିନୋଦ କୁମାର ପାତ୍ର, ନଳିନୀ କୁମାର ଭଥା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର, ବିଏଲଡବ୍ଲ୍ୟୁ ଅମିତ କୁମାର ପଧାନ, ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଏଲଡବ୍ଲ୍ୟୁ ଅମିତ କୁମାର ପଧାନ ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଲେପ୍ରୋସି) ଡା. ପାଣ୍ଡିଆ ଲେପ୍ରୋସିର ଚିକିତ୍ସା, ସମାଜରେ ଏହାର ପ୍ରଭାବ ଓ ପ୍ରତିକାର ସମ୍ବନ୍ଧରେ ସୂଚନା ଦେଇଥିଲେ। ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଶ୍ରୀ ମେହେର ଏବଂ ଶ୍ରୀ ପଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖରଝୁରାର ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଜଣାଇଥିଲେ।

# ଭାଲୁ ଆକ୍ରମଣରେ ସ୍ୱାମୀ ସ୍ତ୍ରୀ ଗୁରୁତର



**କଣ୍ଟାମାଳ, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଗ୍ରାମର ଏକ ଦମ୍ପତି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏହି ଦମ୍ପତି ହେଲେ ଗାଁର ମନେଶ୍ୱର ବଣ୍ଡକି ଓ ମୁଖି ବଣ୍ଡକି। ସୋମବାର ସକାଳେ ଉଭୟ ରାସ୍ତାରେ ଯାଉଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ।

# ୨ ଦିନ ପରେ ଉଠିଗଲା ପିଚୁ

**ଶଗଡ଼ା, ୨।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଛକରୁ ଗାଁ ଭିତର ପର୍ଯ୍ୟନ୍ତ ଦୀର୍ଘ ଦେଢ଼ କିଲୋମିଟର ପିଚୁ ରାସ୍ତା ଗତ ୨ଦିନ ତଳେ ନିର୍ମାଣ କାର୍ଯ୍ୟ ଶେଷ



ହୋଇଛି; କିନ୍ତୁ ଅତି ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁଁ ରାସ୍ତା ଉପରୁ ପିଚୁ ଉଠି ଯାଉଥିବା ଦେଖିବାକୁ ମିଳିଛି। ସରକାର ଗମନାଗମନ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ କରୁଥିବା କହୁଛନ୍ତି; କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନବୃତ୍ତି ଯୋଗୁଁ ଅତି କମ୍ ପରିମାଣର ସାମଗ୍ରୀ ବ୍ୟବହାର ହେଉଥିବାରୁ ଏହିସବୁ ପିଚୁ ଛାଡ଼ି ଉଠି ଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏଭଳି ନିମ୍ନମାନର ରାସ୍ତା ନିର୍ମାଣ ହେଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନିମ୍ନମାନର ନିର୍ମାଣ କାର୍ଯ୍ୟ ନେଇ ଅଭିଯୋଗ କଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ଆହୁରି ମଧ୍ୟ ଏତେବଡ଼ ରାସ୍ତା କାମରେ କୌଣସି ସ୍ଥାନରେ ସୂଚନା ଫଳକ ମଧ୍ୟ ଦିଆଯାଇନାହିଁ। ଏହାଫଳରେ ରାସ୍ତା କାମରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ ବିଭାଗରୁ କାମ ହୋଇଛି ତାହା ଗ୍ରାମବାସୀ ଜାଣିନାହାନ୍ତି। ଜନ ସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ସରକାରୀ କାମ ଆରମ୍ଭ ହେଲେ ସୂଚନା ଫଳକ ଲଗାଇବାର ସରକାରୀ ନିର୍ଦ୍ଦେଶ ରହିଛି; କିନ୍ତୁ ଏଠାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେବେ ଏସମ୍ପର୍କରେ କଣ୍ଟାମାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କୁ ପଚାରିବାରୁ ଏହି ପିଚୁକୁ ଜବରଦସ୍ତ ଝିଙ୍କି କାଢି ଦିଆଯାଉଛି। ପିଚୁ ସେଟ୍ ହେବା ପାଇଁ ୪୫ ଦିନ ସମୟ ଲାଗିବ। ଏହା ଏକ ମରାମତି କାମ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ ବୋଲି କହିଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ତରଭା, ୨।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେକେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୯ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୮ଟି ସାମୁହିକ ରହିଥିଲା। ସେଥିରୁ ୩ଟି ଦରଖାସ୍ତର ସମାଧାନ କରାଯାଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର ସ୍ୱର୍ଣ୍ଣରେଖା ଜି, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜ୍ଜୁନ ମାଝୀ ଯୋଗଦେଇଥିଲେ।



# ମୁନିସିପାଲିଟିରେ ସାମିଲ ହେବାକୁ ଥିବା ବିଭିନ୍ନ ଗାଁ ପରିଦର୍ଶନ କଲେ ଜିଲ୍ଲାପାଳ



**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପ୍ରସ୍ତାବିତ ବୌଦ୍ଧ ମୁନିସିପାଲିଟିରେ ସାମିଲ ହେବାକୁ ଥିବା ମୁର୍ଶୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ସେ କଣ୍ଟୁଆଣୀ, ମାଉଲସିଂଘା, ଟୁଟୁସିଂଘା ପରିଦର୍ଶନ କରିଛନ୍ତି। ସେହିଭଳି ମୁନିସିପାଲିଟି ପାଇଁ ପ୍ରସ୍ତାବିତ ଗୋଶାଳା, ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର, ମେଟ୍ରିଆଲ ରିକୋଭରୀ ଫେସିଲିଟି ସେଣ୍ଟର ପାଇଁ ସ୍ଥାନ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଅଞ୍ଚଳ ବୁଲି ଦେଖିବା ସହ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ତହସିଲଦାର ଅନିତା ସାହୁ, ବୌଦ୍ଧ ସଦର ରାଜସ୍ୱ ନିରୀକ୍ଷକ ଅନୀଲ୍ ପ୍ରଧାନଙ୍କ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ହରଭଙ୍ଗା, ୨।୨ (ସମିସ):** ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରମେଶ ଚନ୍ଦ୍ର ତାରିଣିଆଁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଲଳିତ ମେହେର, ଅଧ୍ୟାପିକା ଶୁଭ୍ରମଲ୍ଲିକା ପ୍ରଧାନ, ସୁଶ୍ରୀ ପୂଜାରାଣୀ ଦେଓ, ସୁଶ୍ରୀ ଦମୟନ୍ତୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସୁଷମାରାଣୀ ବହିଦାର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। କ୍ରୀଡ଼ା ଶିକ୍ଷକ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ସାହୁ, ରୋଶନା ଗାଇଗୌରିଆ ଉପସ୍ଥିତ ଥିଲେ। ଛାତ୍ରୀ ସୁଶ୍ରୀ ମିନତୀ ସାମଲ ଶିବିରର ସଫଳତାକୁ ଦ୍ୱିଗୁଣିତ କରିଥିଲେ।

# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ବିଭାଗ ମୁଖ୍ୟ ଭାଗ୍ୟବାନ ମହାକୁଡ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ମିଶ୍ର, ଡକ୍ଟର ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଣତି ମିଶ୍ର, ଡକ୍ଟର (ଇଂ) ସଞ୍ଜୟ ପଣ୍ଡା, ଡକ୍ଟର ପ୍ରମୋଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଲକ୍ଷ୍ମଣ ମେହେର ଓ ଅଧ୍ୟାପିକା କଲ୍ୟାଣୀ ଦେବୀ ସୁନାନୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ମୃତିରାଣୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

**ବୌଦ୍ଧ, ୨।୨(ସମିସ):** ବୌଦ୍ଧ ସହରର ରାମେଶ୍ୱର ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମାଜର ରାମେଶ୍ୱର ବସତି ସଭାପତି ସୂର୍ଯ୍ୟନ୍ଦ୍ର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଜିଲ୍ଲା କାର୍ଯବାହ ଇନ୍ଦୁଭୂଷଣ ମହାକୁଳ, ସଂଘର ବିଭାଗ ବୌଦ୍ଧିକ ପ୍ରମୁଖ ଦେବଦତ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୁ ସମ୍ମିଳନୀର ନଗର ସଂଯୋଜକ ସାର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ବସତି ସହ ସଂଯୋଜକ ବୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ହୋମଯଜ୍ଞ ହୋଇଥିଲା। ସ୍ଥାନୀୟ ଜଳେଶ୍ୱର ବେଦ ବିଦ୍ୟାପୀଠ ଛାତ୍ରଙ୍କ ଦ୍ୱାରା ବେଦପାଠ କରାଯାଇଥିଲା।

# ନବାହ୍ନ ପାରାୟଣ ପାଇଁ କଳସ ଶୋଭାଯାତ୍ରା

**ବୀରମହାରାଜପୁର, ୨।୨ (ସମିସ):** ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଦନ୍ତାପାଲି ଗ୍ରାମରେ ନବାହ୍ନ ପାରାୟଣ ପାଇଁ ସୋମବାର ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ କଳସଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶହେରୁ ଅଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଗ୍ରାମରୁ ବାହାରି ଘଣ୍ଟ ଘଣ୍ଟା ଓ ଶଙ୍ଖ ଧ୍ୱନି, କୀର୍ତ୍ତନ ସହ ମହାନଦୀ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ନବାହ ମଣ୍ଡପରେ ସ୍ଥାପନ କରିଥିଲେ। ନବାହରେ କର୍ତ୍ତା ଭାବେ ଦେବେନ୍ଦ୍ର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସନ୍ତୋଷିନୀ ପଣ୍ଡା ରହିଥିବା ବେଳେ ପୂଜକ ବଳରାମ ପଣ୍ଡା ନବାହ କାର୍ଯ୍ୟ ତୁଲାଉଛନ୍ତି। ଫେବୃୟାରୀ ୩ ତାରିଖ ଅର୍ଥାତ୍ ମଙ୍ଗଳବାରଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ନାବାହ ପାରାୟଣକୁ ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ ଗାୟକ ପବିତ୍ର ପାତାଳୀ ଶ୍ରୀକ୍ଷେତ୍ର ନିକଟସ୍ଥ କୋଟସମଲାଇ ଗ୍ରାମର ବ୍ୟାସ ଶ୍ରୀରାମ ପଣ୍ଡା ପାଠ କରିବେ। ଏହି କଳସଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିଥିଲେ।



# ୧୯୯୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

**ଡୁଙ୍ଗୁରିପାଲି, ୨।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ ସାଲେଭଟାସ୍ଥିତ ଗାଈଖାଇ ଡ୍ୟାମ୍ ପରିସରରେ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଚେରୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଘିବେଲା, ଗଣିତ ଶିକ୍ଷକ ତଥା ଓସ୍ଥା ଶିକ୍ଷକ ସଂଘର ସଭାପତି ବିନୋଦ ପାଣିଗ୍ରାହୀ, ବିଜ୍ଞାନ ଶିକ୍ଷକ ପ୍ରତାପ ସାଏ ପଟେଲ, ସାହିତ୍ୟ ଶିକ୍ଷକ ସାଧୁ ପଧାନ, ସଂସ୍କୃତ ଶିକ୍ଷକ ଡାକ୍ତର ବାରିକ, ହିନ୍ଦୀ ଶିକ୍ଷକ ମନବୋଧ ସାହୁ, ଖେଳ ଶିକ୍ଷକ ଲିଙ୍ଗରାଜ ପଟେଲ, କିରାଣି ମୂରଲୀଧର ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବକବି ପ୍ରସନ୍ନ ମେହେରଙ୍କ 'ଆସଦର୍ଶନ' ଓ 'କହଇ ମନରେ ମୋ ବୋଲକର' ଉନ୍ମୋଚିତ ହୋଇଥିଲା। ପ୍ରସନ୍ନ ମେହେର ସଂଯୋଜନା କରିଥିବା ବେଳେ ଅଭିରାମ ପରାଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୟ ମିଶ୍ର, ଲମ୍ବୋଦର ମିଶ୍ର, ସୁଦର୍ଶନ ସାହୁ, ଲୋଚନ ସା, ହରିବୋଲ ସାହୁ, ମୁକେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥଲେ।

## ■ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ନୟାଗଡ଼କୁ ହରାଇ ଅନୁଗୁଳ ବିଜୟୀ

**ବୌଦ୍ଧ, ୨।୨(ସମିସ):** ହରଭଙ୍ଗା ବ୍ଲକ ସରସରା ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଖେଳ ନେତାଜୀ ଫୁଟବଲ କ୍ଲବ୍ (ଅନୁଗୁଳ) ଓ ପ୍ରକାଶ ୧୧ (ନୟାଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଅନୁଗୁଳ ବିଜୟୀ ହୋଇଛି। ମଙ୍ଗଳବାର ସମ୍ବଲପୁର ଓ ଭଞ୍ଜନଗର ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ। ତେବେ ସରପଞ୍ଚ ହରି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ବୈଦ୍ୟନାଥ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି, ଗୌତମ ପ୍ରଧାନ, ପ୍ରଭାସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



# ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ କପ୍: ବଡ଼ଖମାରକୁ ହରାଇ ଚନ୍ଦଲି ଚାମ୍ପିଅନ

ବୀରମହାରାଜପୁର, ୨।୨(ସମିସ)

ବହଳପଦର ପଞ୍ଚାୟତରର ଗୁଡୁଗୁଡା ଗ୍ରାମରେ ହେଉଥିବା ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ କପ୍‌ର ଫାଇନାଲରେ ବଡ଼ଖମାରକୁ ହରାଇ ଚନ୍ଦଲି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ ୨ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୮ ଉଇକେଟ ହରାଇ ୬୯ ରନ୍ କରିଥିଲା। ଜବାବରେ ଚନ୍ଦଲି ୭.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୭୦ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୮ ଉଇକେଟ ହରାଇ ୬୬ ରନ୍ କରିଥିଲା। ଜବାବରେ ଚନ୍ଦଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୬୭ ରନ୍ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଚନ୍ଦଲି ଚାମ୍ପିଅନ ହୋଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ପ୍ରଧାନ ଶିକ୍ଷକ ବେଲାର ସେନ ଭୋଇ, ଶିକ୍ଷକ ଗୌତମ ବାରିକ, ସୁରେନ୍ଦ୍ର ଭୋଇ, ଦେବରାଜ ଭୋଇ, ସଞ୍ଜୀବ ମିର୍ଦ୍ଧା, ପ୍ରଦୀପ ଜଗଦଲା, କ୍ରୀଡାବିତ ବେଣୁଧର ରାଏ, ବାଞ୍ଛାନିଧି ପଧାନ, ଫକିର ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତାପ ପାଣ୍ଡେଙ୍କୁ ମ୍ୟାନ ଅଫ ଫାଇନାଲ ଓ ନନ୍ଦନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ସରୋଜ ନାଏକ ଓ ସମ୍ବିତ ମାଝୀ ଅମ୍ପାୟାର ଥିଲେ। ବନମାଳୀ ଗୌନ୍ତିଆ ଓ ମଣ୍ଟୁ ପଧାନ ସ୍କୋରିଂରେ ସହଯୋଗ କରିଥିଲେ। ଗୋପୀନାଥ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ।



# ଛାତ୍ରଛାତ୍ରୀଙ୍କ ସହ ଏକାଠି ଭୋଜନ କଲେ ଜିଲ୍ଲାପାଳ



**ସିନାପାଲି, ୨।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଟମନପୁର ଆଶ୍ରମ ବିଦ୍ୟାଳୟକୁ ଜିଲ୍ଲାପାଳ ଓ ବିଡିଓ ସୋମବାର ପରଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାସ ଓ ସିନାପାଲି ବିଡିଓ କର୍ମୀ ଓରାମ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ବସି ଭୋଜନ କରିଥିବା ଦେଖିବାକୁ ମିଳିଥିଲା। ଏହାପରେ ଆୟୋଜିତ ଏକ ସଭାରେ ନିଜ ଜୀବନ ଅନୁଭୂତି ପ୍ରକାଶ କରି ଛାତ୍ରଛାତ୍ରୀମାନଙ୍କୁ ସ୍ୱପ୍ନ ଦେଖିବା ଓ ସଫଳତାର ପଥରେ ଆଗୁଆ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଯେଉଁ ଦିଗଦର୍ଶନ ଦେଇଥିଲେ ଆଶ୍ରମ ବିଦ୍ୟାଳୟର ପରିବେଶକୁ ଉତ୍ସବମୟ କରିଦେଇ ଥିଲା। ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାରପ୍ରାପ୍ତ ଜଣେ ଆଦର୍ଶ, କର୍ମଠ ଓ ଲୋକାଭିମୁଖୀ ଶାସକଙ୍କୁ ନିଜ ମଧ୍ୟରେ ପାଇ ଟିମନପୁର ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ, ବେଶ ଖୁସି ଅନୁଭୁତ କରିଥିଲେ।

# ୧୫ ଫୁଟ୍ ପୋଲ ତଳକୁ ଖସିଲା ଟ୍ରକ୍: ଡ୍ରାଇଭର, ହେଲ୍ପର ଗୁରୁତର

**ଲାଞ୍ଜିଗଡ଼, ୨।୨(ସମିସ)**

ବିଶ୍ୱନାଥପୁର ଥାନା ଅଧୀନ ଢେପଗୁଡ଼ା ପୋଲରେ ପୁଣି ଏକ କୋଇଲା ବୋଝେଇ ଟ୍ରକ୍ ପୋଲ ତଳକୁ ଖସି ପଡ଼ିଛି। ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ଏକ ଅଣଓସାରିଆ ପୋଲରେ ଭାରସାମ୍ୟ ହରାଇ ୧୫ ଫୁଟ ତଳକୁ ଖସିପଡ଼ିଛି କୋଇଲା ବୋଝେଇ ଟ୍ରକ। ଫଳରେ ଡ୍ରାଇଭର ଓ ହେଲ୍ପର ଗୁରୁତର ଆହତ ହୋଇଛନ୍ତି। କୋଇଲା ବୋଝେଇ ଟ୍ରକଟି ବିଶାଖାପାଟଣା ଠାରୁ ଭବାନୀପାଟଣା ପଟେ ଯାଉଥିବା ବେଳେ ଢେପଗୁଡ଼ା ଏକ ଅଣ ଓସାରିଆ ପୋଲରେ ଭାରସାମ୍ୟ ହରାଇଥିଲା। ସେହି ସମୟରେ ରାସ୍ତାରେ ଯାଉଥିବା ଲୋକେ ଡ୍ରାଇଭର ଓ ହେଲ୍ପରକୁ ଗୁରୁତର ଭାବେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବିଶ୍ୱନାଥପୁର ପୁଲିସ ତଦନ୍ତ କରୁଛି। ଏହି ଅଣ ଓସାରିଆ ପୋଲରେ ଦିନ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଏବେ ପ୍ରତି ସପ୍ତାହକୁ ଗୋଟିଏ ଦୁର୍ଘଟଣା ଘଟୁଛି। ଏଥିରେ କାହାରି ଜୀବନ ଯାଉଛି ତ ଆଉ କାହାରି ହାତଗୋଡ଼ ଭାଙ୍ଗୁଛି। ଆଜି ଏହି ଦୁର୍ଘଟଣାରେ ପୋଲର ସୁରକ୍ଷା ବାଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଏହି ପୋଲକୁ ବାରମ୍ବାର ନିମ୍ନମାନର ମରାମତି କରୁଛି ବିଭାଗ। ତେବେ ଏହି ପୁଲକୁ ନୂତନ ଭାବେ ନିର୍ମାଣ ପାଇଁ ଅଭିଯୋଗ ହୋଇଆସୁ ଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ କଳାହାଣ୍ଡି ପୂର୍ତ୍ତ ବିଭାଗ। ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଦୃଷ୍ଟି ଦେଇ ନୂତନ ପୋଲ ନିର୍ମାଣ କରିବା ପାଇଁ ଦାବି ହେଉଛି।



## ଉପଖଣ୍ଡୀୟ ସ୍କ୍ୱାଡ୍ ଟିମ୍ ଦ୍ୱାରା ଧାନ ବୋଝେଇ ଗାଡ଼ି ଅଟକ

**ଧର୍ମଗଡ଼, ୨।୨(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ନିକଟରେ ଏକ ଧାନ ବୋଝେଇ ପିକଅପ୍‌କୁ ଉପଖଣ୍ଡୀୟ ସ୍କ୍ୱାଡ୍ ଟିମ୍ ଅଟକ ରଖିଛି। ଏହି ଗାଡ଼ିରେ ଧାନ ଚୋରାଚାଲାଣ ହେଉଥିବା ନେଇ ଟିମ୍ ସନ୍ଦେହ ପ୍ରକାଶ କରିଛି। ତଦନ୍ତ ବେଳେ ଟିମ ଆଗରେ କୌଣସି ସନ୍ତୋଷଜନକ ଉତ୍ତର ଡ୍ରାଇଭର ଦେଇ ନ ଥିଲେ। ଅନ୍ୟପଟେ କାହାର ଧାନ କୋଉ ମଣ୍ଡି କୁ ଯାଉଛି କିମ୍ବା କାହା ଟୋକନ ନା ରେ ଧାନ ଯାଉଛି ଡ୍ରାଇଭର କୌଣସି ଉତ୍ତର ଦେଇ ନଥିବା ବେଳେ ଏହା ଚୋରାଚାଲାଣ ହେଉଥିବା ଅନୁମାନ କରାଯାଉଛି। ତେବେ ଗାଡି ଟି ଲଡୁଗାଁ ର ହୋଇଥିବାରୁ ଜଣେ ଧାନ ବେପାରୀ ର ହୋଇଥିବା ଟିମ ସନ୍ଦେହ ପ୍ରକାଶ କରିଛି। ଏହି ଟିମ ରେ ଏସିଏସଓ ରାଜାରାମ ହୋତା, ଏମ୍ଆଇ-ଗଜପତି ତାଣ୍ଡି, ଅଲେଖ ଭୋଇ, ପ୍ରଭାକର ଦୋରା ପ୍ରମୁଖ ଥିଲେ।

## ଏନ୍‌ଏଚ୍-୨୬ ବନ୍ଦକରି ବିରୋଧ ପ୍ରଦର୍ଶନ

# ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ



**କେସିଙ୍ଗା, ୨।୨(ସମିସ):** କେସିଙ୍ଗା ରିଲାଏନ୍ସ ପେଟ୍ରୋଲ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତର ବାହାଦୁରପଦର ଗ୍ରାମର ନେପାଳ ପୋଢ଼ (୨୫)ଙ୍କ ମୃତ୍ୟୁ ଘଟିଛି। ମୃତ ନେପାଳ ନିଜ ଗ୍ରାମରୁ କିଛି କାମ କିମ୍ବା ବଜାର ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଏକ ବୋଲେରୋ ଭବାନୀପାଟଣା ପଟୁ କେସିଙ୍ଗା ଆସୁଥିବା ବେଳେ ଧକ୍କା ଦେଇଛି। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଶବ ଜବତ କରି କେସିଙ୍ଗା ମେଡିକାଲକୁ ପଠାଇଥିବା ବେଳେ ଖବର ପାଇ ବାହାଦୁରପଦରରୁ ତାଙ୍କ ପରିବାର ଲୋକ ଆସି ଦୁର୍ଘଟଣା ହୋଇଥିବା ସ୍ଥାନରେ ଏନ୍ ଏଚ ୨୬ କୁ ବନ୍ଦ କରି ବିରୋଧ ପ୍ରଦର୍ଶନ କରିଥିଲେ। ପରେ କେସିଙ୍ଗା ତହସିଲଦାର ଓ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା। ଶୁଣିବାକୁ ମିଳୁଛି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ମଧ୍ୟ ପୁଲିସ ନିଜ ଅକ୍ତିଆରରେ ରଖିଛି।

# ଶୌଣ୍ଡିକ ସମାଜର ସମାବେଶ

**ଟିଟିଲାଗଡ଼, ୨।୧(ସମିସ):** କେନ୍ଦୁମୁଣ୍ଡିରେ ଟିଟିଲାଗଡ଼ ଏବଂ ମୁରିବାହାଲ ବ୍ଲକ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବଲାଙ୍ଗୀର ଜିଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ସମାଜର ବ୍ଲକ ସଭାପତି ପ୍ରଦୀପ ସାହୁ, କଳାହାଣ୍ଡି ଜିଲ୍ଲା ସଭାପତି ଥବୀର ସାହୁ, ଉପସଭାପତି ବିଦ୍ୟାଧର ସାହୁ, ବଲାଙ୍ଗୀର ଜିଲ୍ଲା ଉପସଭାପତି ଆଇନଜୀବୀ ତୁଳସୀରାମ ସାହୁ, କୁଳମଣି ସାହୁ, ହୃଦାନନ୍ଦ ସାହୁ, ରାଜାରାମ ବେହେରା, ଅନିରୁଦ୍ଧ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବିରବର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଶ୍ୱିନୀ ସାହୁ, ଅଲେଖ ବେହେରା, ସଚିକାନ୍ତ ବେହେରା, ପ୍ରଭାକର ସାହୁ, ନବୀନ ସାହୁ, ଜଗବନ୍ଧୁ ସାହୁ, ରାଜେନ୍ଦ୍ର ବେହେରା, ନେତ୍ରା ବେହେରା, ହେମନ୍ତ ସାହୁ, ଅନନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେବକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବୁଲି ପାଇଁ ପ୍ରସ୍ତୁତି




**ଦେଓଗାଁ, ୨।୨(ସମିସ):** ଜରାସିଂହା ପିଏମ୍‌ଶ୍ରୀ ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପ୍ଲାଟିନମ ଜୁବୁଲି ମହୋତ୍ସବ ଅନୁଷ୍ଠିତ ହେବ। ସୋମବାର ପୂର୍ବାହ୍ଣରେ ହାଇସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସ୍ଥାନୀୟ ଲାଲ ଜଗନ୍ନାଥ ପ୍ରସାଦ ଷ୍ଟାଡିୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ସ୍ଥାନୀୟ ବୁଢ଼ିଆଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ସଭାସ୍ଥଳରେ ପହଞ୍ଚିବ। ଏହାପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୧ଟାରୁ ଅଞ୍ଚଳର ପ୍ରାୟ ୨୦ଟି ସ୍କୁଲରୁ ଛାତ୍ରଛାତ୍ରୀ ଭାଗନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିବେ। ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ସାଧାରଣ ସଭା ଆୟୋଜିତ ହେବ। ୫ଟା୩୦ରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ୨୪ଟି ସାଂସ୍କୃତିକ ଦଳ ଲୋକକଳା ପ୍ରଦର୍ଶିତ କରିବେ। ଏ ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯିବ। ୭ ତାରିଖରେ ହାଇସ୍କୁଲର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। କମିଟିର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, କମିଟିସଭାପତି ଲକ୍ଷ୍ମଣ ମେହେର, ଚିତ୍ତରଞ୍ଜନ ଥନାପତି, ସତ୍ୟନାରାୟଣ ପାଣି, ପ୍ରମୋଦ ସିଂ ନିନା, ସମିତିସଭ୍ୟ ଅମିତ ତ୍ରିପାଠୀ, ଉଜ୍ଜଳ ଦଣ୍ଡସେନା, ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ଦଣ୍ଡସେନା, ଶିକ୍ଷୟିତ୍ରୀ ସସ୍ମିତା ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା, ୨।୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଏ. ମାଧବୀ ଲତା, ବନଖଣ୍ଡ ଅଧିକାରୀ, ବନ୍ୟପ୍ରାଣୀ ସମିର ସାହୁ, ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୭୬ଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀଗତ ଓ ୫ଟି ରେଡକ୍ରସ ଏଭଳି ମୋଟ ୯୬ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲାପାଳ କୁରେଶ୍ୱର ଗ୍ରାମର ପାର୍ବତୀ ସଗରିଆ ଓ ଖାରିଆରୋଡର ପଦ୍ମନ ବାଗଙ୍କୁ ରେଡକ୍ରସ ପାଣ୍ଠିରୁ ୧୦, ୦୦୦ ଟଙ୍କା ଲେଖାଏଁ ପ୍ରଦାନ କଲେ। ସେହିପରି ସିର୍ଭୋଲ ଗାଁର ରୁକ୍ମଣି ତାଣ୍ଡି, ଖଇରା ଗ୍ରାମର ନୀଳମଣି ହଂସ ଓ ଧରମପୁରର ବିଲେଇ ଦୀପଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫, ୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ବିଡିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ପ୍ରକାଶ ସାହୁ, ଡେପୁଟି କଲେକ୍ଟର ଶେଖ୍ ନସିମ ଓ ଚିନ୍ମୟ ସାଗର ପ୍ରମୁଖ ଶିବିର ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଓ ଏକ ରକ୍ତଦାନ ଶିବିର ଆୟୋଜନ କରା ଯାଇଥିଲା। କୋଟେନଚୁଆଁ ପଞ୍ଚାୟତର ସାପ୍ତାହିକ ବଜାର ଠାରେ ପରିବର୍ଦ୍ଧିତ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର, 'ଝିଅ ପାଇଁ ଗଛଟିଏ', 'ପ୍ରାଣୀ ପାଇଁ ଦିନଟିଏ' ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




# କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



**ଭବାନୀପାଟଣା, ୨।୨(ସମିସ):** ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୫୯ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୧୩୧ଟି ଓ ସାମୂହିକ ୨୦ଟି ରହିଥିବା ବେଳେ ୨୫ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡକ୍ରସ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ବିଦ୍ୟୁତ୍, ପୁଲିସ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ, ଶିବାଜୀ ପ୍ରଧାନ, ପିଏଆଇଟିଡିଏ, ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

# କାନୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଜ୍ଞାନ କାର୍ଯ୍ୟକ୍ରମ




**ବେଲପଡ଼ା, ୨।୨(ସମିସ):** ବେଲପଡ଼ା ବ୍ଲକ କାନୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ପ୍ରଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ନିମନ୍ତେ ବେଲପଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୪ଜଣ ଲେଖାଏଁ ହାଇଆଚିଭର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଜ୍ଞାନ -୨ ତ୍ରିବିଶୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଲପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଆରମ୍ଭ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମକୁମାର କୁଅଁର, ନୋଡାଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ବିଜ୍ଞାନ ସଂଯୋଜକ ସୁଶାନ୍ତ ନାୟକ ପମୁଖ ଏହି କାର୍ଯକ୍ରମରେ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର

# ୨୩ ଅଭିଯୋଗର ତୁରନ୍ତ ସମାଧାନ

**ଗୋଲାମୁଣ୍ଡା, ୨।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ସୋମବାର ଦଶପୁର ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୦ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୨୩ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଅମିତ ବେହେରା, ସରପଞ୍ଚ ରଞ୍ଜନ ସାହୁ, ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗର ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗରୁ ମୁରଲୀଧର ହେଶା, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟ ଜଳ ବିଭାଗରୁ ସୁବାସ ପଣ୍ଡା, ବିଇଓ ରାଜେଶ ନାଏକ, ଡ଼ ବିଜୟ ପଣ୍ଡା, ଏଡିଇଓ ଦୀନବନ୍ଧୁ ନାଗ, କୃଷି ବିଭାଗରୁ ସରସ୍ୱତୀ ମେହେର, ଭିଏଡବ୍ଲୁ ଚିନ୍ମୟୀ ପାଟଯୋଶୀ, ମହିଳା ପରିଦର୍ଶିକା ଶାନ୍ତି ମଙ୍ଗରାଜ, ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର ନାଏକ, ପିଇଓ ସହଦେବ ଭଇସାଲଙ୍କ ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ଦଶପୁର ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ଅବସରରେ ଦଶପୁର ଗ୍ରାମର ଦୁଇ ବାପା ମାଆ ଛେଉଣ୍ଡ ଝିଅଙ୍କୁ ବ୍ଲକ ଅଧ୍ୟକ୍ଷ କର୍ପସ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।



# ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ନେଇ ତହସିଲ ଘେରାଉ

**ଲାଞ୍ଜିଗଡ଼, ୨।୨(ସମିସ)**




ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ନାମରେ ଆସିଥିବା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ବିଶ୍ୱନାଥପୁରଠାରେ ସ୍ଥାପନ କରିବା ପାଇଁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକୁ ଲାଞ୍ଜିଗଡ଼ବାସୀ ବିରୋଧ କରିଛନ୍ତି। ଆଜି ହଜାର ହଜାର ସଂଖ୍ୟାରେ ଲାଞ୍ଜିଗଡ଼ ଅଞ୍ଚଳବାସୀ ଏକତ୍ରିତ ହୋଇ ତହସିଲ କାର୍ଯ୍ୟାଳୟ ଘେରଉ କରିଛନ୍ତି। ସୂଚନା ଅନୁସାରେ, ସୋମବାର ଲାଞ୍ଜିଗଡ଼ଠାରେ ସବ୍‌ରେଜିଷ୍ଟ୍ରାର ଅଫିସ ଉଦ୍‌ଘାଟନ ପାଇଁ ଗତ ୨୧ ତାରିଖ ଦିନ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଲାଞ୍ଜିଗଡ଼ରେ ବ୍ୟବସ୍ଥା ମଧ୍ୟ ସବୁ କରାଯାଇଥିଲା। କିନ୍ତୁ ଏହାକୁ ନେଇ ୩୧ ତାରିଖ ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟରେ ଭବାନୀପାଟଣା ଉପଜିଲ୍ଲାପାଳ ଓ ଲାଞ୍ଜିଗଡ଼ ତହସିଲଦାରଙ୍କ ଉପସ୍ଥିତିରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଲାଞ୍ଜିଗଡ଼ଠାରେ ଉଦ୍‌ଘାଟନ କରିବା ପରିବର୍ତ୍ତେ ବିଶ୍ୱନାଥପୁରଠାରେ ଉଦ୍‌ଘାଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକତରଫା ପ୍ରସ୍ତାବ ଦେଇଥିଲେ। ତେଣୁ ଜିଲ୍ଲା ପ୍ରଶାସନର ଉକ୍ତ ନିଷ୍ପତ୍ତାକୁ ଲାଞ୍ଜିଗଡ଼ବାସୀ ବିରୋଧ କରିଥିଲେ। ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ ଆସନ୍ତା ୨ ତାରିଖ ଦିନ ଲାଞ୍ଜିଗଡ଼ଠାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉ ନଚେତ ଲାଞ୍ଜିଗଡ଼ବାସୀଙ୍କ ଆନ୍ଦୋଳନ କରିବେ ବୋଲି ଧମକ ଦେଇଥିଲେ। ଦୀର୍ଘ ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ଆଜି ଉଦ୍‌ଘାଟନ ହୋଇ ନ ଥିଲା। କିନ୍ତୁ ଲାଞ୍ଜିଗଡ଼ ନାମରେ ଆସିଥିବା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ବଦଳାଇ ବିଶ୍ୱନାଥପୁରଠାରେ ସ୍ଥାପନ କରିବା ପାଇଁ ସରକାରଙ୍କ ପକ୍ଷରୁ ପୁଣି ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାର ଓ ଜିଲ୍ଲା ପ୍ରଶାସନର ଏହି ଟାଳଟୁଳ ନିଷ୍ପତ୍ତିକୁ ଲାଞ୍ଜିଗଡ଼ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରି ଆଗାମୀ ଦିନରେ କୋର୍ଟର ଦ୍ୱାରସ୍ଥ ହୋଇ ଲାଞ୍ଜିଗଡ଼ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ କରିବା ସହ ରାଜରାସ୍ତାକୁ ଓହ୍ଲାଇବୁ ଦରକାର ପଡ଼ିଲେ ଆଗାମୀ ୨୦୨୭ ନିର୍ବାଚନରେ ଭୋଟ୍ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଲାଞ୍ଜିଗଡ଼ ତହସିଲଦାରଙ୍କୁ ପଚାରିବାରୁ ଆଜି ଦିନ ୨ ଘଣ୍ଟା ସମୟରେ ପୁଣି ଲାଞ୍ଜିଗଡ଼ ବଦଳରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ବିଶ୍ୱନାଥପୁରଠାରେ ସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ ମୋ ପାଖକୁ ବିଜ୍ଞପ୍ତି ଆସିଛି। କିନ୍ତୁ ଉଦ୍‌ଘାଟନ ତାରିଖ ଆଜି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ପୋଷ୍ଟପଣ୍ଡ କରାଯାଇଛି। କେବେ ଉଦ୍‌ଘାଟନ ହେବ ବର୍ତ୍ତମାନ ପର୍ଯ୍ୟନ୍ତ ମୋ ପାଖକୁ ଚିଠି ଆସିନାହିଁ ବୋଲି ପ୍ରକାଶ କରିଛନ୍ତି।

ଇନ୍ଦ୍ରାବତୀ ଜଳଭଣ୍ଡାରରେ ଇକୋ ଟୁରିଜମ୍ ପ୍ରକଳ୍ପ ପାଇଁ ଯୋଜନା

# ପାରିପାର୍ଶ୍ୱିକ ବିକାଶ ପାଇଁ କ୍ଷେତ୍ର ପରିଦର୍ଶନ

ଥୁଆମୂଳରାମପୁର, ୨।୨(ସମିସ)



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସୁନ୍ଦର ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚୟ ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଅଛି ।ନୀଳ ଜଳରାଶି ଏବଂ ସବୁଜ ବଣପାହାଡର ମିଳନସ୍ଥଳ ହେଉଛି ଇନ୍ଦ୍ରାବତୀ ଜଳଭଣ୍ଡାର । ଯାହା ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । ହେଲେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ନା ହୋଇଛି ପାରିପାର୍ଶ୍ୱିକ ବିକାଶ ନା ପର୍ଯ୍ୟଟକଙ୍କ ଆବଶ୍ୟକତା ବ୍ୟବସ୍ଥା । ଗତ ବିଜେଡି ସରକାର ସମୟରେ ଏହି ଇନ୍ଦ୍ରାବତୀ ଜଳଭଣ୍ଡାରରେ ଇକୋ ଟୁରିଜମ୍ କ୍ଷେତ୍ର ପ୍ରସ୍ତୁତି ପାଇଁ ପ୍ରକଳ୍ପ ନିଶ୍ଚିତ କରିଥିଲେ । ଏହି ପ୍ରକଳ୍ପରେ ଜଳଭଣ୍ଡାରରେ ନୌକା ବିହାର କରିବାପାଇଁ ବ୍ୟବସ୍ଥା ହେବ । ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ସହିତ ତଟପାର୍ଶ୍ୱର ବିକାଶ କରାଯିବାର ଲକ୍ଷ୍ୟ ରଖାଯାଇଛି । ପ୍ରକଳ୍ପ ନିର୍ମାଣ ପାଇଁ ପ୍ରାୟ ୧କୋଟି ୩୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇସାରିଛି । ଯାହା ପ୍ରସ୍ତାବିତ ମହୁଲପାଟଣା ନିକଟସ୍ଥ କେନ୍ଦୁଗୁଡା ଇନ୍ଦ୍ରାବତୀ ଜଳଭଣ୍ଡାର ତଟରେ ପ୍ରକଳ୍ପ କାର୍ଯ୍ୟ କେତେ ଆଗେଇଛି ତାହା ସେଇ ସ୍ଥାନ ପରିଦର୍ଶନ କରିଛି ବ୍ଲକ ପ୍ରଶାସନ । ଶନିବାର ଥୁଆମୂଳରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରା, ଜିଆର୍ଏସ୍ ମନୋଜ ରାଉତ ପରିଦର୍ଶନ କରି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ହେଲେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ନୂତନ ଜୀବିକା ସୃଷ୍ଟି ହୋଇପାରିବ । ପରିଦର୍ଶନ ସମୟରେ ପ୍ରସ୍ତାବିତ ସ୍ଥଳର ପ୍ରାକୃତିକ ସମ୍ପଦ, ପରିବେଶ ସୁରକ୍ଷା, ଯୋଗାଯୋଗ ସୁବିଧା ଓ ଆବଶ୍ୟକ ଆଧାରଭୂତ ଢାଞ୍ଚା ବିଷୟରେ ଆଲୋଚନା ହୋଇଥିଲା ।ଇକୋ-ଟୁରିଜମ୍ ନିର୍ମାଣରେ ପରିବେଶ ସମତୁଳନ ରକ୍ଷା, ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ଓ ରୋଜଗାର ସୁଯୋଗ ସୃଷ୍ଟିକୁ ପ୍ରାଥମିକତା ଦେବାକୁ ବିଡିଓ ଗୁରୁତ୍ୱ ଦେଇଥିଲେ ।ପରିଦର୍ଶନ ପରେ ବିଡିଓ କହିଛନ୍ତି ଯେ, ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ ହେଲେ ସଘନ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ । ପ୍ରକଳ୍ପ ସଫଳ ହେଲେ ଅଞ୍ଚଳର ପର୍ଯ୍ୟଟନ ବୃଦ୍ଧି ସହ ସ୍ଥାନୀୟ ଅର୍ଥନୀତିକୁ ନୂଆ ଗତି ମିଳିବ ବୋଲି ବିଡିଓ ଶ୍ରୀ ମୁଦୁଲି ଆଶା ପ୍ରକଟ କରିଛନ୍ତି ।

# ଜୋନ-୨ କଂଗ୍ରେସ କର୍ମୀଙ୍କୁ ଅଣଦେଖା



ଲାଞ୍ଜିଗଡ଼, ୨।୨(ସମିସ): ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଜୋନ-୨ କଂଗ୍ରେସ କର୍ମୀଙ୍କ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା ।ପୂର୍ବତନ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୨୦୨୭ ପାଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବ୍ଲକ ଜୋନ-୨ କଂଗ୍ରେସ ପକ୍ଷରୁ ରଣ କୌଶଳ କିଭଳି ପ୍ରସ୍ତୁତ କରିବ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ ।କିନ୍ତୁ ପୂର୍ବ ମନ୍ତ୍ରୀ ତଥା ପୂର୍ବ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପାର୍ଥୀ ବଳଭଦ୍ର ମାଝୀଙ୍କ ପରିବାର ନୀତି ଓ ପାତରଅନ୍ତର ମନୋଭାବ ପାଇଁ ଲାଞ୍ଜିଗଡ଼ ଜୋନ-୨ କଂଗ୍ରେସ କର୍ମୀଙ୍କୁ ଅଣଦେଖା କରାଯାଉଛି ।ଏହା ଆଗକୁ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବା ସହ ଏହାର ପ୍ରଭାବ ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଦଳ ଉପରେ ପଡ଼ିବା ଆଶଙ୍କା ରହିଛି ବୋଲି ବରିଷ୍ଠ କର୍ମୀମାନେ ଆଜିର ବୈଠକରେ ମତ ପ୍ରକାଶ କରିଛନ୍ତି ।ଏହା ବ୍ୟତୀତ ଲାଞ୍ଜିଗଡ଼ ବ୍ଲକ ପୂର୍ବ କଂଗ୍ରେସ ସଭାପତି ବିଜୟ ନାଏକଙ୍କୁ କୌଣସି ସୂଚନା ନଦେଇ ଗତ ଜାନୁୟାରୀ ୧୮ ତାରିଖରେ ଜିଲ୍ଲା କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ପୂର୍ବ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀଙ୍କୁ କଂଗ୍ରେସ ବ୍ଲକ ନୂତନ ସଭାପତି ଦାୟିତ୍ୱ ଭାର ପ୍ରଦାନ କରିବା ଦିଗରେ ବିଧାୟକ ପାର୍ଥୀ ଶ୍ରୀ ମାଝୀଙ୍କ ସମ୍ପୂର୍ଣ୍ଣ ଭାବେ ହାତ ରହିଥିବା ଯୋଗୁଁ ଲାଞ୍ଜିଗଡ଼ ବ୍ଲକ ଜୋନ-୨ର ୧୩ଟି ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ କୌଣସି ବୈଠକରେ ସାମିଲ କରାଯାଉନାହିଁ । ଏହାକୁ ନେଇ କର୍ମୀ ମହ ମହଲରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି ବୋଲି ପ୍ରକାଶ କରିଛନ୍ତି ।ତେଣୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ ନଚେତ ଆଗାମୀ ଦିନରେ କର୍ମୀ ମହଲରେ ବିରାଟ ଫାଟ ସୃଷ୍ଟି ହେବ ବୋଲି ବୈଠକରେ ପ୍ରକାଶ କରିଛନ୍ତି ।ବୈଠକରେ ଲାଞ୍ଜିଗଡ଼ ବ୍ଲକ ଜୋନ-୨ ସଭାପତି ବୈବ ନାଏକ, ବରିଷ୍ଠ କଂଗ୍ରେସ କର୍ମୀ ପୂର୍ଣ୍ଣଚନ୍ଦ୍ର ନାଏକ, ଡାକା ମାଝୀ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଶାନ୍ତି ହରିଜନ, ବ୍ଲକ ସମ୍ପାଦିକା ମାଧୁରୀ ଦୁର୍ଗା, ବିଜେପୁର ପଞ୍ଚାୟତ ସଭାପତି ଜଗତ ନାଏକ, ପାହାଡ଼ପଦର ପଞ୍ଚାୟତ ସଭାପତି ଶିବାଜୀ ମାଝୀ, ଲାଖବାହିଲି ପଞ୍ଚାୟତ ସଭାପତି ବଳଭଦ୍ର ସାହୁ, କାନକୁଟୁରୁ ପଞ୍ଚାୟତ ସଭାପତି ସନ୍ୟାସୀ କୌଶଲ୍ୟା ସମେତ ବିଭିନ୍ନ ପଞ୍ଚାୟତର ସଭାପତି ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ବିଶ୍ୱନାଥପୁରରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନକୁ ଲାଞ୍ଜିଗଡ଼ବାସୀଙ୍କ ବିରୋଧ

- ଜିଲ୍ଲାପାଳ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଲାଞ୍ଜିଗଡ଼, ୨।୨(ସମିସ): ଗତ ୨୧ଜାନୁଆରୀରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ବିଜ୍ଞାପିତ ଲାଞ୍ଜିଗଡ଼ର ସବରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁରରେ ସ୍ଥାପନ କରିବାକୁ ବିରୋଧ କରି ହଜାର ହଜାର ଲାଞ୍ଜିଗଡ଼ ଅଞ୍ଚଳବାସୀ ଏକତ୍ରିତ ହୋଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।ସୂଚନାନୁସାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ବିଜ୍ଞାପିତ ପତ୍ର ସଂଖ୍ୟା ପିଟି -୧ ଆରଡ଼ିଏମ - ଆରଇଜି- ଆରଇଜିଏନ -୦୦୪୮- ୨୦୨୦-୩୦୩୭/ଆରଏଣ୍ଡଡିଏମ ତା ୨୧.୧.୨୦୨୬ ନିର୍ଦ୍ଦେଶନାମା ମୁତାବକ ଲାଞ୍ଜିଗଡ଼ରେ ସବ୍‌ରେଜିଷ୍ଟ୍ରାର ଅଫିସ ଫେବୃଆରୀ ୨ ତାରିଖ (ସୋମବାର) ଲାଞ୍ଜିଗଡ଼ ଠାରେ ଉଦ୍‌ଘାଟନ କରିବା ପାଇଁ ସରକାର ନିର୍ଦ୍ଦେଶ ନାମା ଜାରି ହୋଇଛି । ଉକ୍ତ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ଲାଞ୍ଜିଗଡ଼ ଠାରେ କରାଯାଇଛି । କିନ୍ତୁ ଏହାକୁ ନେଇ ୩୧.୧.୨୦୨୬ରେ ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟରେ ଭବାନୀପାଟଣା ଉପଜିଲ୍ଲାପାଳ ଓ ଲାଞ୍ଜିଗଡ଼ ତହସିଲଦାରଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଲାଞ୍ଜିଗଡ଼ ଠାରେ ଉଦ୍‌ଘାଟନ କରିବା ପରିବର୍ତ୍ତେ ବିଶ୍ୱନାଥପୁର ଠାରେ ଉଦ୍‌ଘାଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକ ତରଫା ପ୍ରସ୍ତାବ ଦେଇଥିଲେ ।ତେଣୁ ଜିଲ୍ଲା ପ୍ରଶାସନର ଉକ୍ତ ନିଷ୍ପତ୍ତିକୁ ଲାଞ୍ଜିଗଡ଼ ଅଞ୍ଚଳବଓସୀ ସମ୍ପୂର୍ଣ୍ଣ ବିରୋଧ କରିଥିଲେ ।ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ ୨ ଫେବୃଆରୀ ୨୦୨୬ ତାରିଖ ଦିନ ଲାଞ୍ଜିଗଡ଼ ଠାରେ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉ, ନଚେତ ଯେତେଦିନ ପର୍ଯ୍ୟନ୍ତ ଲାଞ୍ଜିଗଡ଼ ଠାରେ ଉଦ୍‌ଘାଟନ ନ ହୋଇଛି ସେ ପର୍ଯ୍ୟନ୍ତ ଲାଞ୍ଜିଗଡ଼ବାସୀଙ୍କ ବିଭିନ୍ନ ପ୍ରକାର ଗଣ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ପଛେଇବୁ ନାହିଁ ବୋଲି ପ୍ରକାଶ କରିବା ସହ ଏଥିରେ ଯଦି କୌଣସି ପ୍ରକାର ଅପ୍ରୀତିକର ଘଟଣା ଘଟେ ତାହେଲେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ।ସନ୍ଧ୍ୟାରେ ଲାଞ୍ଜିଗଡ଼ ଅଞ୍ଚଳବାସୀ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଲାଞ୍ଜିଗଡ଼ ସହର ପରିକ୍ରମା କରି ବିଶାଳ ପଦଯାତ୍ରା କରି ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଆଞ୍ଚଳିକ ଡମ୍ବ ସମାଜର ଗୁରୁତ୍ୱପୂର୍ଣ୍ଣ ବୈଠକ




କୋକସରା, ୨।୨(ସମିସ): କୋକସରା ବ୍ଲକ ଆଞ୍ଚଳିକ ଡମ୍ବସମାଜ ପକ୍ଷରୁ ରବିବାର ମାଝୀଗୁଡ଼ାଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି । ଆଞ୍ଚଳି ଡମ୍ବ ସମାଜର ସଭାପତି ବନମାଳୀ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଧବଳେଶ୍ୱର ନାଗ, ଉପସଭାପତି ପୁରୁଷୋତ୍ତମ ନାଏକ, କୋଷାଧକ୍ଷ ଖଗେଶ୍ୱର ପାଣିଗ୍ରାହୀ, ଅଜୟ ଦୀପ, ସହ ସମ୍ପାଦକ ରମେଶ ଚନ୍ଦ୍ର ଦୁର୍ଗା, ଉପଦେଷ୍ଟା କୁରୁକ୍ଷେତ୍ର ପାଣିଗ୍ରାହୀ, କ୍ଷେତ୍ରରାମ ପାତ୍ର, ମକରନ୍ଦ ବାଗ, ରାମଚନ୍ଦ୍ର ପାଣିଗ୍ରାହୀ, ଡମ୍ବରୁଧର ଦୁର୍ଗା, ଯୁଗେଶ୍ୱର ବେଶ୍ରା, ତ୍ରିନାଥ ବାଗ, ପରମେଶ୍ୱର ପାଣିଗ୍ରାହୀ, କୃପାସିନ୍ଧୁ ପାଣିଗ୍ରାହୀ, ଉଗ୍ରସେନ ବାଗ, ଦିଗାମ୍ବର ବେମାଲ, ଲଛମନ ନାଏକ, କୌଶିକ ଦୁର୍ଗା ପ୍ରମୁଖ ଉପସ୍ଥିତ ପ୍ରେସ ବିବୃତ୍ତି ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କୋକସରା ବ୍ଲକ ଆଞ୍ଚଳିକ ଡମ୍ବ ସମାଜ ପକ୍ଷରୁ କୁହାଯାଇଛି ଯେ' ଅଞ୍ଚଳିକ ଡମ୍ ସମାଜ କୋକସରା ତାର ନିଜସ୍ୱ ଏକ ସମାଜ ଭବନ କୋକସରା ବଜାର ରାସ୍ତା ଉପରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି । ଉକ୍ତ ଭବନ ନିର୍ମାଣ ପାଇଁ ୨ ଡିସମିନ୍ କୋକସରାର ଜୈନକ ବ୍ୟକ୍ତି ଦାନ ସୂତ୍ରରେ ପଟ୍ଟା କରି ଦେଇଛନ୍ତି । କିନ୍ତୁ ଭବନ ନିର୍ମାଣ ସମୟରେ କିଛି ଅଂଶ ବ୍ୟକ୍ତିଗତ ଜାଗାରେ ମାଡ଼ି ଯାଇଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏଣେ ଭବନ କାର୍ଯ୍ୟ ନିର୍ମାଣ ନିମନ୍ତେ ଅନୁରୋଧ କ୍ରମେ ୫ଟି ରୁ ୧୦ ଲକ୍ଷ ଏବଂ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସମୁଦାୟ ୧୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । କିନ୍ତୁ ଭବନଟି ବିବାଦୀୟ ଜାଗାରେ ଥିବାରୁ ବର୍ତ୍ତମାନ କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ । ପ୍ରଶାସନ ଏବଂ ସମାଜର ମିଳିତ ଆଲୋଚନା ଚକ୍ରରେ ଜମି ବିବାଦ ନହେବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ କାର୍ଯ୍ୟ ଆଗକୁ ବଢ଼ି ପାରିବ ନାହିଁ ବୋଲି ସାମାଜିକ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ପରିସ୍ଥିତିରେ ସମାଜରେ ବିବାଦୀୟ ସ୍ଥିତି ସତ୍ତ୍ୱେ ନିଜର ମନମୁତାବକ ପ୍ରଶାସନ ଓ ସମାଜର ସ୍ୱୀକୃତି ସତ୍ତ୍ୱେ ସେହି ଭବନରେ ନିର୍ମାଣ କାର୍ଯ୍ୟ ଜୈନକ ବ୍ୟକ୍ତି ନିର୍ମାଣ କରି ଚାଲିଛନ୍ତି । ଯାହାକୁ ଆଞ୍ଚଳିକ ଡମ୍ବ ସମାଜ ତିବ୍ର ବିରୋଧ କରିବା ସହ ନିନ୍ଦା କରିଛନ୍ତି । ଏବଂ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସମାଜ ଦାବି କରିଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ମାଲପଡ଼ାରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଗୋଲାମୁଣ୍ଡା, ୨।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁମ୍ଭାରୀ ମାଲପଡ଼ାରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ । ତେଲ ନଦୀକୂଳରେ ପୁରୋହିତଙ୍କ ମନ୍ତ୍ରପାଠ ପୂଜାର୍ଚ୍ଚନା ପରେ ପାଣି ଉଠାଇ ପୂଜାମଣ୍ଡପରେ ଜଳ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ । ତାପର ଦିନ ସକାଳେ ନାମଯଜ୍ଞ ଆରମ୍ଭ ହୋଇଥିଲା ।ନାମ ଯଜ୍ଞରେ ୮ ଟି ସଂକୀର୍ତ୍ତ ଦଳ ଭାଗ ନେଇ ପରିବେଷଣ କରିଥିଲେ । ବିରୁପାକ୍ଷ ସା ଏବଂ ତାଙ୍କଧର୍ମପତ୍ନୀ ରୀତା ସା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଉପେନ୍ଦ୍ର ପଣ୍ଡା ଏବଂ ସାଥୀ ମନୋଜ ଖମାରୀ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଆୟୋଜନ ହୋଇଥିଲା ।

## ଗୋ-ମାଂସ ଭାଗବଣ୍ଟା ଭିଡିଓ ଭାଇରାଲ

କେସିଙ୍ଗା, ୨।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଞ୍ଚଳରେ କିଛି ଲୋକ ଏକ ଗାଈକୁ ମାରି ମାଂସ ଭାଗ ବଣ୍ଟା କରାଯାଉଥିବା ଏକ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓଟି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗାଈଦର ଗ୍ରାମର ବୋଲି ଜଣାପଡ଼ିଛି । ପରେ ଘଟଣା ସମ୍ବନ୍ଧରେ କେସିଙ୍ଗା ପୁଲିସକୁ ସୂଚନା ମିଳିବା ପରେ ପୁଲିସ ପହଞ୍ଚି ଥିଲେ । ହେଲେ ସେତେବେଳକୁ ସେମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ପୁଲିସ ଏହାର ସତ୍ୟତା ଜାଣିବା ପାଇଁ ତଦନ୍ତ ଚଳାଇଥିବାବେଳେ ଘଟଣାକୁ ନେଇ ସ୍ଥାନୀୟ ହିନ୍ଦୁ ସଂଗଠନ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଲାଞ୍ଜିଗଡ଼, ୨।୨(ସମିସ): ଶିକ୍ଷା ବିଭାଗ ତରଫରୁ କର୍ମଚାରୀମାନଙ୍କୁ ଅବସରଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ବ୍ୟବସ୍ଥା ଏକ ଯଥାର୍ଥ ପଦକ୍ଷେପ । ଶିକ୍ଷା ବିଭାଗର କର୍ମଚାରୀଙ୍କ ପାଇଁ ଏହା ବେଶ୍ ଉପଯୋଗୀ ଓ ଗୁରୁତ୍ୱପୂର୍ଣ ମଧ୍ୟ । ରବିବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଭଟାଙ୍ଗପଦର କ୍ଲଷ୍ଟର ସ୍ଥିତ ରାଣିକଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି । ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସି ସୁଢଲଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ଯୋଗଦେଇ ଥିଲେ । ଏଥିରେ ୧୩ଟି କ୍ଲଷ୍ଟର ସଂଯୋଜକ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସହଯୋଗ କରିଥିଲେ ।

## ସାରାବଙ୍ଗ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ନୂଆପଡ଼ା, ୨।୨(ସମିସ): ସ୍ଥାନୀୟ ସାରାବଙ୍ଗ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭା ଚନ୍ଦ୍ରକାର ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତ ମୁଖ୍ୟଅତିଥି, ପ୍ରକାଶ ଦୀକ୍ଷିତ ମୁଖ୍ୟବକ୍ତା, ପରମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଜୁନିୟର, ସବ ଜୁନିୟର, ସିନିୟର ଏବଂ ହାୟର ସେକେଣ୍ଡାରୀ ବର୍ଗରେ ୪୮ ଟି ଇଭେଣ୍ଟରେ ଅନ୍ୟୁନ ୫ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ଉଦ୍‌ଯାପନୀ ଉତ୍ସବରେ ମଧ ଭରତଲାଲ ରାଉତ, ପରମାନନ୍ଦ ସାହୁ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଜୁନିୟର ଗ୍ରୁପର ଭୂପେନ୍ଦ୍ର ଦଣ୍ଡସେନା, ସୋନିଆ କେଉଁଟ, ସବ ଜୁନିୟର ଗ୍ରୁପର ରୋଶନ କେଉଁଟ, ଦିନା ମାଝୀ, ସିନିୟର ବିଭାଗରେ ନିରଜ ମାଝୀ, ଲକ୍ଷ୍ମୀ ମାଝୀ ଚାମ୍ପିଅନ ହୋଇଛନ୍ତି ।ଖେଳ ଶିକ୍ଷକ ଲକ୍ଷ୍ମଣ ପୁଟା ଖେଳ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରିତୁରାଜ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା



କର୍ଲାମୁଣ୍ଡା, ୨।୨(ସମିସ): କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ରୋହିତ କୁମାର ସାହୁ ଚାକିରିରୁ ଆଜି ଅବସର ଗ୍ରହଣ କରିଛନ୍ତି । ତାଙ୍କ ପାଇଁ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତି ମୟୀ ଦୋରାଙ୍କ ଅଧକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ନାଏକଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଭିଭାବକ ଶ୍ରୀ ସାହୁଙ୍କ ନିଷ୍ଠାପର ସେବା, ସମୟାନୁବର୍ତ୍ତିତା, ସେବାମନୋଭାବକୁ ଉଚ୍ଚପ୍ରଶଂସା କରିଥିଲେ ।ପରେ ଶୋଭାଯାତ୍ରାରେ ରିଷିଡାସ୍ଥିତ ତାଙ୍କ ବାସଭବନକୁ ନେଇଥିଲେ ।

## କାଣ୍ଡେତରା କପ୍ ଉଦ୍‌ଯାପିତ: ପାଟଣାଗଡ଼ ପିସିସି ଚାମ୍ପିଅନ




ନୂଆପଡ଼ା/କୋମନା, ୨।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କାଣ୍ଡେତରାରେ କାଣ୍ଡେତରା କପ୍ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ନୂଆପଡ଼ା ୱାଇଏମସି ଦଳକୁ ହରାଇ ପାଟଣାଗଡ଼ ପିସିସି ଦଳ ଚାମ୍ପିଅନ ହୋଇଛି । ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଦଳ ଗୁଡିକ ମଧ୍ୟରେ ଟିଟିଲାଗଡ଼, ଖଡ଼ିଆଳ, ପାଟଣାଗଡ଼, ସାରାବଙ୍ଗ, ନୂଆପଡ଼ା, କଣ୍ଟାବାଞ୍ଜି, ବଲାଙ୍ଗିର, କାଣ୍ଡେତରା ସମସ୍ତେ ଅଂଶ ଗ୍ରହଣ କରିଥିଲେ ।ଫାଇନାଲ ମ୍ୟାଚ ନୂଆପଡ଼ା ଏବଂ ପାଟଣାଗଡ଼ ମଧ୍ୟରେ ଖେଳାଯାଇଥିଲା ।ନୂଆପଡ଼ା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଙ୍ଗ କରି ୧୯. ୧ଓଭରରେ ୧୧୫ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ ।ଜବାବରେ ପାଟଣାଗଡ଼ ଦଳ ୧୮ ଓଭରରେ ୭ ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରିଥିଲେ । ପାଟଣାଗଡ଼ ଦଳରୁ ହର ବେଣ୍ଟକାର ମ୍ୟାନ ଅଫ ଦି ମ୍ୟାଚ୍ ଓ ନୂଆପଡ଼ା ଦଳରୁ ମାଇକଲ ସୁବିର ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର ପାଇଥିଲେ । ବେଷ୍ଟ ବ୍ୟାଟସ୍ ମ୍ୟାନ ନୂଆପଡ଼ା ଦଳରୁ ମନୋଜ ନାଏକ, ବେଷ୍ଟ ଫିଲଡର କାଣ୍ଡେତରା ଦଳରୁ ନିର୍ମଳ କୁମ୍ଭାର, ବିଜେତା ଦଳକୁ ଟ୍ରଫି ସହ ୨୫ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଛି । ଓସିଏ ପ୍ୟାନେଲ ଅମ୍ପାୟର ପ୍ରଦୀପ କୁମାର ଦାସ ଓ ଚୂଡ଼ାମଣି ପାଢ଼ୀ ତଥା ମ୍ୟାଚ୍ ରେଫରୀ ଭାବରେ ପଦ୍ମନ ବିଶି ଖେଳ ପରିଚାଳନା କରିଥିଲେ । ସ୍କୋରିଂ ପାଇଁ ଭୁଲାନନ୍ଦ ଶବର ଓ ଗଙ୍ଗାରାମ ସତନାମୀ, ଜଗନ୍ନାଥ ସତନାମୀ, କମେଣ୍ଟ୍ରି ପାଇଁ ପ୍ରକାଶ ପାତ୍ର, ଧନଞ୍ଜୟ ମଲ୍ଲିକ, ପ୍ରହ୍ଲାଦ ଭୋଇ ସମସ୍ତେ ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥୀ ଭାବେ ଗୋପମଣି ପାଣିଗ୍ରାହୀ, ସମ୍ମାନିତ ଅତିଥୀ ସିପିଏସଡବ୍ଲ୍ୟୁ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାପାତ୍ର, ସାମ୍ବାଦିକ ସଙ୍ଘ (ଜାନ) ସଭାପତି ଘନଶ୍ୟାମ ଭୋଇ, ଯୁବ ନେତା ଅଜୟ କୁମାର ଗହିର, କେଶବ ନିଆଲ ଯୋଗଦାନ କରିଥିଲେ । ଆୟୋଜକ କମିଟି ତରଫରୁ ନିଳକଣ୍ଠ ସାହୁ, ସୁରେନ୍ଦ୍ର ଦାସ, ଡିଗମ ସାହୁ, ବିଶ୍ୱମ୍ବର ଦାସ, ସିତାରାମ ସାହୁ, ଆସିମ ବେଗ, ମୁସ୍ତଫା ଖାନ, ଜଶୋବନ୍ତ ଦଣ୍ଡସେନା, ମୁକେଶ କୁମାର ସାହୁ ତଥା ଏମବିସିସିର ସମସ୍ତ ସଦସ୍ୟ ସହଯୋଗୀତା କରିଥିଲେ ।

## କାରିଗରଙ୍କୁ ଆତ୍ମନିର୍ଭର କରିବ 'ଚୌପାଳ' ଯୋଜନା




ଧର୍ମଗଡ଼, ୨।୨(ସମିସ): ଧର୍ମଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଚୌପାଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ୍ୟ ପ୍ରଯୁକ୍ତି ଓ ପରିଚାଳନା ଖଦୀ ଓ ଗ୍ରମ୍ୟୋଦ୍ୟୋଗ ସମିତି ଧର୍ମଗଡ଼ ପକ୍ଷରୁ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ସମ୍ମାନିତ ଅତିଥି ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ରାଜ୍ୟ ସରକାରଙ୍କ ହସ୍ତ ଶିଳ୍ପ ବିଭାଗ ନିର୍ଦ୍ଦେଶକ ସୁଦାମ ଦେଉରୀ, କେନ୍ଦ୍ର ହସ୍ତଶିଳ୍ପ ବିକାଶ ଆୟୋଗ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସେଲିଜା, ଏନ୍ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୋଗ ଏବଂ ବୟନ ଶିଳ୍ପ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ କାରିଗରମାନେ ଉପକୃତ ହେବେ । ତେବେ କାଠ ଖୋଦେଇ ଗ୍ରାମ୍ୟ କାରିଗରମାନେ ଯୋଜନାରେ ବିଶେଷ ଭାବରେ ଲାଭନ୍ୱିତ ହେବେ । ସେମାନେ ଆତ୍ମନିର୍ଭରଶିଳ ହେବା ସହ ତାଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ସବୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ବିକ୍ରୀ କରିବା ସୁବିଧା ମଧ ପାଇ ପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସମିତିର ନିର୍ଦ୍ଦେଶକ ଫକୀର ମୋହନ ନାଏକ ପରିଚାଳନା କରିଥିଲେ ।

# ଲର୍କିରେ ଜଳ ପ୍ରକଳ୍ପ ଅଚଳ

କୋମନା, ୨।୨(ସମିସ)



ସରକାର ପ୍ରତିଟି ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା । ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ଗଣ୍ଡାମେର୍ ପଞ୍ଚାୟତ ଲର୍କି ଗ୍ରାମରେ ଦୀର୍ଘଦିନ ହେବ 'ମେଗା ଜଳ ପ୍ରକଳ୍ପ' ଅଚଳ ହୋଇ ପଡ଼ିରହିଛି । ଫଳରେ ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁସାରେ, ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମକୁ ଆଦୌ ପାଣି ଆସୁନାହିଁ । ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ପାଇପ୍‌ଲାଇନ୍‌ଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଗଲାଣି । ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରୁଥିଲେ ମଧ କେବେ ପାଣି ଆସିବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ । ଏହି ଜଳ ସମସ୍ୟାକୁ ନେଇ ସମାଜସେବୀ ମୁଖ ସୁନା ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଯଦି ଅତିଶୀଘ୍ର ଏହି ପ୍ରକଳ୍ପର ମରାମତି କରାଯାଇ ଜଳ ଯୋଗାଣ ସ୍ୱାଭାବିକ କରା ନ ଯାଏ, ତେବେ ଲର୍କି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ । ତାଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା ଅଚଳ ଜଳ ପ୍ରକଳ୍ପର ତୁରନ୍ତ ସଂସ୍କାର କରାଯାଉ । ଭାଙ୍ଗି ଯାଇଥିବା ପାଇପ୍‌ଲାଇନ୍‌ର ପୁନରୁଦ୍ଧାର ହେଉ ଏବଂ ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଦାବି କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ। ବନ୍ଧୁ ମିଳନ ଯୋଗ ରହିଛି। ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି। ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ମାନସିକ ଶାନ୍ତି ମିଳିବ। ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ନୂତନ ଦାୟିତ୍ୱ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଦିନଟି ହସଖୁସିରେ ବିତିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ନିଜ ସାମର୍ଥ୍ୟ ମୁତାବକ ଅନ୍ୟମାନଙ୍କୁ ସାହାଯ୍ୟ କରିବେ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଖର୍ଚ୍ଚାନ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ।

**ତୁଳା:** ପରିଶ୍ରମର ଫଳ ମିଳିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି। ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୧୫- ବିଶ୍ୱର ପ୍ରଥମ ପନିର ପ୍ରସ୍ତୁତ କାରଖାନା ସ୍ୱିଜରଲ୍ୟାଣ୍ଡରେ ଖୋଲିଲା।
- ୧୯୧୬- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୫୪- ଆହ୍ଲାବାଦ କୁମ୍ଭମେଳାରେ ଦଳାଚକଟା ଯୋଗୁଁ ୫୦୦ ଲୋକଙ୍କ ପ୍ରାଣହାନି।
- ୧୯୬୬- ଆମେରିକା ମହାକାଶକୁ ଉପଗ୍ରହ ପ୍ରେରଣ କଲା।
- ୧୯୮୮- ଆଇଏନ୍ଏସ୍ ଚକ୍ର ଭାରତୀୟ ସେନାରେ ସାମିଲ ହେଲା।
- ୨୦୧୮ - ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତିଲା।



# ଫୁଡ୍ ଭ୍ୟାନ୍‌ରେ ରାଜେଶ ଖାନ୍ନାଙ୍କ କାହାଣୀ

ଦିଲ୍ଲୀ ଚାଣକ୍ୟପୁରୀରେ ଥିବା ଗୋଟିଏ ଛୋଟିଆ ଫୁଡ୍ ଭ୍ୟାନ୍ 'ଦ ଟ୍ରିଟ୍' ବଲିଉଡ୍‌ର କିମ୍ବଦନ୍ତୀ ଅଭିନେତା ରାଜେଶ ଖାନ୍ନାଙ୍କ ସ୍ମୃତିକୁ ଆଜି ବି ସାଇତି ରଖିଛି। ତେବେ ଏହା ହେଉଛି ଏକ ନିଆରା ରେସ୍ତୋରାଁ। ଏଠାରେ ରାଜେଶ ଖାନ୍ନାଙ୍କ ଫଟୋ, ଗୀତ ଏବଂ ବ୍ୟଞ୍ଜନ ସହିତ ତାଙ୍କ କାହାଣୀକୁ ମଧ୍ୟ ଗ୍ରାହକଙ୍କ ପାଖରେ ପହଞ୍ଚାଯାଏ। ଏହାର ମାଲିକ ବିପିନ କୁମାର ଓବରୟ ରାଜେଶ ଖାନ୍ନାଙ୍କ ଜଣେ ବଡ଼ ପ୍ରଶଂସକ। ସେ ପିଲାବେଳେ ତାଙ୍କ ଅଭିନୀତ 'ଆରାଧନା' ଫିଲ୍ମ ଦେଖିଥିଲେ ଏବଂ ଦିନେ ରାଜେଶଙ୍କୁ ଭେଟିବାର ଇଚ୍ଛାଶକ୍ତି ତାଙ୍କର ପୂରା ଜୀବନକୁ ବଦଳାଇ ଦେଲା। ୧୯୯୩ ମସିହାରେ ଏହି ଛୋଟିଆ ଫୁଡ୍ ଭ୍ୟାନ୍ ଜନପଥରେ ଆରମ୍ଭ ହୋଇଥିଲା। ଏହାକୁ ସେତେବେଳେ ନିଜେ ରାଜେଶ ଖାନ୍ନା ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଚାଣକ୍ୟପୁରୀକୁ ସ୍ଥାନାନ୍ତରିତ ହୋଇଥିଲା। ପୂରା ଭ୍ୟାନ୍‌ଟି ରାଜେଶ ଖାନ୍ନାଙ୍କ ଫଟୋରେ ପରିପୂର୍ଣ୍ଣ। ସେହିପରି ଏଠାରେ ତାଙ୍କ ଗୀତ ବି ସବୁବେଳେ ବାଜୁଥାଏ। ଅନ୍ୟପଟେ ରାଜେଶ ଖାନ୍ନା ଏହି ଭ୍ୟାନ୍‌ର କେବଳ ବ୍ରାଣ୍ଡ ଆଇକନ୍ ନ ଥିଲେ, ସେ ଏଥିରେ ବି ନିଜ ମନ ନିବେଶ କରିଥିଲେ। ଏଠାରେ ପରଷା ଯାଉଥିବା ୪୦ଟି ବ୍ୟଞ୍ଜନ ମଧ୍ୟରୁ ୨୫ଟି ତାଙ୍କ ଦ୍ୱାରା ମନୋନୀତ ହୋଇଥିଲା। ତାଙ୍କ ପସନ୍ଦିତ କିମା କୋପ୍ତା ଭଳି ଖାଦ୍ୟକୁ ସେ ରେସ୍ତୋରାଁର ମେନ୍ୟୁରେ ସାମିଲ କରିଥିଲେ। ରାଜେଶ ଏଠାରେ ଅନେକ ଥର ଗ୍ରାହକଙ୍କୁ ଖାଦ୍ୟ ପରଷିଛନ୍ତି ଏବଂ ନିଜ ସହ ଅନେକ ସେଲିବ୍ରିଟିଙ୍କୁ ବି ଏଠାକୁ ଆଣିଛନ୍ତି। ସେହିପରି ଏବେ ବି ଏହି ରେସ୍ତୋରାଁ ରାଜେଶ ଖାନ୍ନାଙ୍କ ଜନ୍ମଦିନ ଏବଂ ତାଙ୍କ ପୁଣ୍ୟତିଥିରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି ଦିନରେ ଏଠାରେ ମାଗଣା ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ଲୋକଙ୍କୁ ବଣ୍ଟାଯାଏ।

# 'ବାରାଣସୀ' ୨୦୨୭ରେ



ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ବାରାଣସୀ' ଏବେ ଏହାର ବଜେଟ୍ ଓ ଷ୍ଟାରକାଷ୍ଟକୁ ନେଇ ଚର୍ଚ୍ଚାରେ। ଏହାକୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। ଗତବର୍ଷ ନଭେମ୍ବରରେ ଫିଲ୍ମର ପ୍ରଯୋଜକ ଏହାର ଟାଇଟଲ୍ ଘୋଷଣା କରିବା ପାଇଁ ହାଇଦ୍ରାବାଦରେ ଏକ ଭବ୍ୟ ସମାରୋହର ଆୟୋଜନ କରିଥିଲେ। ଏବେ ଏହି ଫିଲ୍ମର ରିଲିଜ୍‌କୁ ନେଇ ଖବର ଆସିଛି। ରାଜମୌଳି ସାମାଜିକ ଗଣମାଧ୍ୟମରେ ଫିଲ୍ମର ଏକ ପୋଷ୍ଟର୍ ସେୟାର୍ କରି ରିଲିଜ୍ ବିଷୟରେ ଘୋଷଣା କରିଛନ୍ତି। ପୋଷ୍ଟର୍‌ରେ ଏକ ଉଲ୍‌କାପିଣ୍ଡ ପୃଥିବୀ ଉପରେ ପଡ଼ି ଧ୍ୱଂସ ହେଉଥିବାର ଦେଖାଯାଇଛି। ଏହା ୭ ଏପ୍ରିଲ, ୨୦୨୭ ରେ ଆସିବ ବୋଲି ଏଥିରେ ଉଲ୍ଲେଖ ଅଛି। ଫିଲ୍ମରେ ରୁଦ୍ର ଭୂମିକାରେ ମହେଶବାବୁ, ମନ୍ଦାକିନୀ ଭୂମିକାରେ ପ୍ରିୟଙ୍କା ଓ ଖଳନାୟକ କୁମ୍ଭା ଭୂମିକାରେ ସୁକୁମାରନ୍ ନଜର ଆସିବେ। ଏହି ଫିଲ୍ମକୁ ଏକାଧିକ ଭାଷାରେ ରିଲିଜ୍ କରାଯିବ। ସେହଭଳି ଆସନ୍ତା ବର୍ଷ ଏପ୍ରିଲ୍ ୭ରେ ଉଗାଦି ଓ ଗୁଡ଼ିପଡ଼ୱା ପାଳନ କରାଯାଉଥିବାରୁ ରାଜମୌଳି ରିଲିଜ୍ ପାଇଁ ଏହିଦିନ ବାଛିଥିବା ଚର୍ଚ୍ଚା ହେଉଛି। ଫିଲ୍ମର ବଜେଟ୍ ୧୨୦୦ କୋଟି ରହିଛି।

# ବାହାଘରକୁ ଆସିଲେନି ସହକର୍ମୀ
# ଚାକିରି ଛାଡ଼ିଲେ ଯୁବତୀ



ଅଫିସ୍ ବନ୍ଧୁତା ଏବଂ ବାସ୍ତବ ଜୀବନରେ ଫରକ୍ ଥିବା ଚୀନ୍‌ର ଜଣେ ଯୁବତୀଙ୍କ କାହାଣୀରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଚୀନ୍‌ର ଜଣୈକା ଯୁବତୀ ଗୋଟିଏ କମ୍ପାନିରେ ଦୀର୍ଘ ୫ ବର୍ଷ ଧରି କାମ କରୁଥିଲେ। ସେ ଭାବୁଥିଲେ ଅଫିସ୍‌ରେ ତାଙ୍କର ସହକର୍ମୀଙ୍କ ସହ ଭଲ ସମ୍ପର୍କ ଅଛି। ତେବେ ବିବାହ ଭଳି ଏକ ବିଶେଷ ଦିନରେ ସେ କେବଳ ତାଙ୍କ ଅଫିସ୍‌ର କିଛି ଘନିଷ୍ଠ ବନ୍ଧୁଙ୍କୁ ନିମନ୍ତ୍ରଣ କରିବା କଥା ଚିନ୍ତା କରିଥିଲେ। ହେଲେ ଅଳ୍ପ ଜଣକୁ ଆମନ୍ତ୍ରଣ କରି ଅନ୍ୟମାନଙ୍କୁ ନ କଲେ ଅଫିସ୍‌ରେ ଭୁଲବୁଝାମଣା ସୃଷ୍ଟି ହେବ। ତେଣୁ ସେ ତାଙ୍କ ବିଭାଗର ପ୍ରାୟ ୭୦ ଜଣଙ୍କୁ ବିବାହ ନିମନ୍ତ୍ରଣ ଦେଲେ। ତାହା ପୁଣି ଦୁଇ ମାସ ପୂର୍ବରୁ। କେବଳ ସେତିକି ନୁହେଁ, ନିଜ ବାହାଘର ପୂର୍ବରୁ କେତେଜଣଙ୍କୁ ବିବାହ ଉପହାର ବି ଦେଲେ। ହେଲେ ବାହାଘର ଦିନ ଯାହା ଘଟିଲା, ତାଙ୍କ ମନ ଭାଙ୍ଗିଗଲା। ୭୦ଜଣଙ୍କ ମଧ୍ୟରୁ ବାହାଘରକୁ କେବଳ ତାଙ୍କର ଜଣେ ହିଁ ସହକର୍ମୀ ଆସିଥିଲେ। ସେ ପୁଣି ତାଙ୍କ ଜୁନିୟର ଥିଲେ ଏବଂ କର୍ତ୍ତବ୍ୟ ଦୃଷ୍ଟିରୁ ଆସିଥିବା ଯୁବତୀ ଜଣକ ଅନୁଭବ କରିଥିଲେ। ଅଫିସ୍ ଲୋକଙ୍କ ଲାଗି ସେ ୬ଟି ବଡ଼ ଟେବୁଲ ବୁକ୍ କରିଥିଲେ ଏବଂ ସେସବୁ ଖାଲି ପଡ଼ିଲା। ସମସ୍ତ ଖାଦ୍ୟ ନଷ୍ଟ ହେବା ସହ ସେ ତାଙ୍କ ଘର ଲୋକ ଏବଂ ଶ୍ୱଶୁର ଘର ଲୋକଙ୍କ ପାଖରେ ଏଥିପାଇଁ ଲଜ୍ଜିତ ହୋଇଥିଲେ। ଘଟଣାଟି ତାଙ୍କୁ ଦୁଃଖଦେବା ସହ ସେ ଭାଙ୍ଗି ପଡ଼ିଲେ। ସେ ଭାବିଲେ, ଯେଉଁମାନଙ୍କ ସହିତ ସେ ପାଞ୍ଚ ବର୍ଷ ଧରି କାମ କଲେ, ସେମାନେ କେହି ବି ତାଙ୍କ ଭାବନାକୁ ବୁଝିଲେ ନାହିଁ। ବିବାହ ପର ଦିନ ସେ ଅଫିସ୍ ଗଲେ ଏବଂ ଚାକିରିରୁ ଇସ୍ତଫା ଦେଲେ। ସେହିପରି ସେ ତାଙ୍କର ଏହି କାହାଣୀକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଅଫିସ୍ ବନ୍ଧୁତା କ'ଣ ପ୍ରକୃତ ବନ୍ଧୁତା ବୋଲି ତାଙ୍କର ଏହି କାହାଣୀ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସ୍ମାର୍ଟ ଉପାୟରେ ଫସଲ ସୁରକ୍ଷା

**ବର୍ତ୍ତମାନ କମ୍ ତାପମାତ୍ରା ଏବଂ କୁହୁଡ଼ି ଯୋଗୁଁ ଟମାଟୋ, ଲଙ୍କା, ବାଇଗଣ, ଫୁଲକୋବି ଆଦି ଫସଲ ନଷ୍ଟ ହେଉଛି। ତେଣୁ ଚାଷୀମାନେ ଠିକ ସମୟରେ ଜଳ ଯୋଗାଣ, ପଲିହାଉସ୍ ବା ଜାଲି ବ୍ୟବହାର ଆଦି ଦିଗକୁ ଧ୍ୟାନ ଦେଇ ଫସଲକୁ ସୁରକ୍ଷା ଦେଇପାରିବେ।**



ଶୀତଋତୁରେ ଫସଲର ସୁରକ୍ଷା ପାଇଁ ସବୁଜ ଜାଲି ବା ପଲିହାଉସ୍ ବ୍ୟବହାର କରିପାରିବେ। ଏହା ଫସଲକୁ ଥଣ୍ଡା ଏବଂ କୀଟରୁ ସୁରକ୍ଷା ଦେଇଥାଏ। ରାସାୟନିକ ଉପାୟରେ ପନିପରିବା ଫସଲରୁ ଶୋଷକ କୀଟ ନିୟନ୍ତ୍ରଣ ପାଇଁ ଥିଆମିଥୋକ୍ସାମ ବ୍ୟବହାର କରାଯାଏ। ଫସଲ ଆବଶ୍ୟକତା ଅନୁସାରେ ଗୋବର ଖତ ବ୍ୟବହାର କରିପାରିବେ। ଏହାଦ୍ୱାରା ଗଛ ଏବଂ ମାଟି ସୁସ୍ଥ ରୁହେ।

ଫସଲରେ ଜଳ ଅଭାବ ନ ରହିବାକୁ ବୁନ୍ଦା ଜଳସିଞ୍ଚନ ବା ସ୍ପ୍ରିଙ୍କଲର ବ୍ୟବହାର ଜରୁରି। ଏହାଦ୍ୱାରା ଫସଲ ମୂଳକୁ ଜଳ ମିଳିଥାଏ। ତେଣୁ ସମୟେ ସମୟେ ହାଲୁକା ଜଳ ସିଞ୍ଚନ କରିପାରିବେ। ଏହା ଦ୍ୱାରା କୁହୁଡ଼ିରୁ ଫସଲ ସୁରକ୍ଷିତ ରହିଥାଏ। ସର୍ବଦା ଗଛରେ ଶୁଖିଲା ଏବଂ ରୋଗଗ୍ରସ୍ତ ପତ୍ର ହଟାଇ ଦେବା ଜରୁରି। ଏହାଦ୍ୱାରା ଗଛରେ ଫୁଲ ଓ ଫଳର ବିକାଶ ହୋଇଥାଏ।




# ଅର୍ଥନୈତିକ ବିକାଶ ପଥେ ଅଭିବୃଦ୍ଧି ଏଫ୍‌ପିଓ

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଦେଓଗଡ଼ ଜିଲ୍ଲା ଅନ୍ତର୍ଗତ ରିଆମାଳ ବ୍ଲକ୍ ସ୍ଥିତ 'ଅଭିବୃଦ୍ଧି କୃଷକ ଉତ୍ପାଦକ ସଂଗଠନ'। ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ୧୨୧୨ ଜଣ ସଦସ୍ୟଙ୍କୁ ନେଇ ସଂଗଠନଟି ୨୦୧୬ରେ ଗଠିତ ହୋଇଥିଲା। ସଂଗଠନଟି ଚିନାବାଦମ, ଧାନ, ପରିବାଚାଷ ସହିତ ସଦସ୍ୟଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ ଭଳି ସହଯୋଗ ଯୋଗାଇ ଦିଆଯାଇଛି। ଏହି ସଂଗଠନ କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ଼ ଓ ରାଜ୍ୟର କୃଷି ଓ ଉଦ୍ୟାନ ବିଭାଗ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ସହଯୋଗ ପାଇ ନିଜ କାର୍ଯ୍ୟ କ୍ଷମତାକୁ ସଫଳ ଭାବରେ ବିସ୍ତାର କରିବାରେ ସକ୍ଷମ ହୋଇ ପାରିଛି। ଚାଷୀଙ୍କୁ ଭିତ୍ତିଭୂମି ସହାୟତା ପ୍ରଦାନ କରିବା ପାଇଁ ଏହା ଦ୍ୱାରା ୧୦ଟି ଚାଷୀ କେନ୍ଦ୍ର, ଗୋଟିଏ ଉନ୍ନତମାନର ନର୍ସରୀ, ଏକ ପ୍ରଦର୍ଶନ କ୍ଷେତ୍ର ସ୍ଥାପନ କରାଯାଇଛି। ଭର୍ମିକମ୍ପୋଷ୍ଟ, ଜୈବସାର ଓ ସୀମିତ କୀଟନାଶକ ବ୍ୟବହାର ମାଧ୍ୟମରେ ପରିବେଶ ମିତ୍ର କୃଷି ପଦ୍ଧତିକୁ ଚାଷୀମାନଙ୍କ ମଧ୍ୟରେ ଲୋକପ୍ରିୟ କରାଯାଇଛି। ତରଭୁଜ, ଧାନ ଓ ବିଭିନ୍ନ ପରିବା ଚାଷ ପଦ୍ଧତି ଉପରେ ନିୟମିତ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ମଲ୍ଚିଂ ଓ ଡ୍ରିପ୍ ଜଳସେଚନ ମାଧ୍ୟମରେ ଅଣ ମୌସୁମୀ ପନିପରିବା ପାଇଁ ଉତ୍ସାହିତ କରାଯାଇ ଚାଷୀମାନଙ୍କୁ ଅତିରିକ୍ତ ଆୟ ସୁଯୋଗ ପ୍ରଦାନ କରୁଛି। ଉନ୍ନତ ପ୍ରଯୁକ୍ତି ଏବଂ ସଠିକ କୃଷି ପଦ୍ଧତି ଅନୁସରଣ ଫଳରେ ତରଭୁଜ ଉତ୍ପାଦନରେ ୩୫% ପର୍ଯ୍ୟନ୍ତ ବୃଦ୍ଧି ସହିତ ବଜାର ବିସ୍ତାର ମଧ୍ୟ ସମ୍ଭବ ହୋଇପାରିଛି। ଦୁଇ ବର୍ଷ ମଧ୍ୟରେ ପ୍ରତି ଚାଷୀର ହାରାହାରି ଆୟ ୩୦%ରୁ ୪୦% ବୃଦ୍ଧି ପାଇଛି। ଏହି ସଂଗଠନ ଡିଜିଟାଲ ସଶକ୍ତିକରଣକୁ ମୁଖ୍ୟ ଭିତ୍ତି କରି ଇ-ମାର୍କେଟିଂ ପ୍ଲାଟ୍‌ଫର୍ମର ପ୍ରୋତ୍ସାହନ, ଡିଜିଟାଲ ସାକ୍ଷରତା ତାଲିମ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ ପ୍ରକ୍ରିୟାରେ



ସମ୍ପୂର୍ଣ୍ଣ ସହଯୋଗ ଯୋଗାଉଛି। ସଂଗଠନଟି ଚାଷୀଙ୍କ ଆୟ ବୃଦ୍ଧି ଓ ସ୍ଥାୟୀ କୃଷି ଦିଗରେ ଅଗ୍ରଗତି କରିଥିଲେ ମଧ୍ୟ ବଜାର ସୂଚନାର ଅଭାବ, ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ, ସଂରକ୍ଷଣ ଭିତ୍ତିଭୂମି ଓ କୃଷି ଯନ୍ତ୍ରପାତି ଅଭାବ କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛି। ଏହାର ସମାଧାନ ସ୍ୱରୂପ ନିୟମିତ ତାଲିମ ଓ ସଚେତନତା କାର୍ଯ୍ୟକ୍ରମଦ୍ୱାରା ଚାଷୀଙ୍କୁ ସଚେତନ କରାଯାଇଛି। ଆଗାମୀ ଦିନରେ ପ୍ରକ୍ରିୟାକରଣ ୟୁନିଟ୍, କୃଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଏକ୍ସପୋଜର ଭିଜିଟ୍, ଗ୍ରୀନ ହାଉସ୍ ପ୍ରତିଷ୍ଠା ମାଧ୍ୟମରେ ଏହି ସଂଗଠନ ଚାଷୀ ସମୃଦ୍ଧି ଦିଗରେ ଦୃଢ଼ ପଦକ୍ଷେପ ନେଇ ଅଗ୍ରସର ହେଉଛି।

# କୁକୁଡ଼ାଙ୍କ ପାଇଁ ସୋୟାବିନ୍

କୁକୁଡ଼ା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସେମାନଙ୍କୁ ଖାଇବାକୁ ଦେଲେ ସେମାନେ ହୃଷ୍ଟପୁଷ୍ଟ ହୋଇଥାନ୍ତି। ତେବେ କୁକୁଡ଼ାଙ୍କ ପାଇଁ ସୋୟାବିନ୍ ଏକ ଉତ୍ତମ ପ୍ରୋଟିନଯୁକ୍ତ ଖାଦ୍ୟ। ଏଥିରେ ୪୦-୪୨% ପ୍ରୋଟିନ ରହିଥାଏ। ତେଣୁ ଏହାକୁ କୁକୁଡ଼ା ଦାନାରେ ମିଶାଯାଇଥାଏ। ସୋୟାବିନ୍‌କୁ ହାଲୁକା ଭାଜି ଏହାକୁ ଥଣ୍ଡା କରି ପୋଲଟ୍ରି ଫିଡ ମିଲରେ ଗୁଣ୍ଡ କରିଲେ ଠିକ୍ ଆକାର ଆସେ। ଏହାକୁ ଦାନା ବା କୁକୁଡ଼ାଖାଦ୍ୟରେ ୩୦-୩୫% ମିଶାଇ ଦିଆଯାଏ। କୁକୁଡ଼ାର ପ୍ରଜାତି ଏବଂ ଶାରୀରିକ ଅବସ୍ଥା ଦେଖି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୋୟାବିନ୍ ଦିଆଯାଏ। ଏହାକୁ ଦାନା ବା କୁକୁଡ଼ାଖାଦ୍ୟରେ ମିଶାଇ ଦିଆଗଲେ ଶକ୍ତି ଯୋଗାଏ। ଅଣ୍ଡା ଉତ୍ପାଦନ ଏବଂ ମାଂସପେଶୀ ବୃଦ୍ଧିରେ ସହାୟକ ହୁଏ। ପାଚନ କ୍ରିୟାରେ ସହାୟକ ହୁଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନରେ ମୂଳ ସଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ।
- ଶୁଖିଲା ପାଗ ରହୁଥିବାରୁ ଚାଷୀଭାଇମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ।
- ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ଗ୍ରାମ୍ ଆଟ୍ରାଜିନ୍ ଔଷଧ ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଘାସ ସଫା ପାଇଁ ବ୍ରଶ୍ କଟର

ଚାଷ ଜମିରେ ଅନାବନା ଘାସ ଫସଲ ପାଇଁ ଆବଶ୍ୟକୀୟ ପୋଷକତତ୍ତ୍ୱ, ପାଣି ଆଦିକୁ ଗ୍ରହଣ କରିଦିଏ। ଫଳରେ ଫସଲ ଅମଳ ବାଧାପ୍ରାପ୍ତ ହୁଏ। ସାଧାରଣତଃ ଅନାବନା ଘାସ ସଫା ପାଇଁ କୋଦାଳ, ଫାଉଡା ଆଦି ବ୍ୟବହାର କରାଯାଏ। ହେଲେ ଏଥିପାଇଁ ବ୍ରଶ୍ କଟର ପ୍ରଭାବୀ। ଏହା ଏକ ପୋର୍ଟେବଲ ମେସିନ। ଅନାବନା ଘାସ କାଟିବାକୁ ଡିଜାଇନ୍ ହୋଇଥାଏ। ଏହି ହାଲୁକା ଯନ୍ତ୍ରଟିକୁ କାନ୍ଧରେ ବେଲ୍ଟ ସାହାଯ୍ୟରେ ପିନ୍ଧି ଚଳାଯାଏ। ମେସିନ୍ ସାମ୍ନାରେ ଧାର ବ୍ଲେଡ ଓ ନାଇଲନ୍ କର୍ଡ ଘାସ ସଫା କରେ। ମେସିନ୍ ଜମିର ସବୁ କୋଣକୁ ପହଞ୍ଚି ପାରେ। ଅନାବନା ଘାସ ସଫା ଦ୍ୱାରା ଫସଲରେ ରୋଗପୋକ ଲାଗିବା ଆଶଙ୍କା କମ୍ ରୁହେ। ଫସଲର ଗୁଣବତ୍ତା ଠିକ୍ ରୁହେ। ବ୍ରଶ କଟର ଘାସ ସଫା କରିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ କରିପାରେ।



### ଭାରତ ସହ ଟି-୨୦ ବିଶ୍ୱକପ୍ ନ ଖେଳିବା ବିବାଦ

# ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ

ଦୁବାଇ/କରାଚି, ୨।୨ (ସମିସ)



ବାଂଲାଦେଶକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟ ଦଳ ଶେଷରେ ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ଶ୍ରୀଲଙ୍କାରେ ପହଞ୍ଚିଛି। ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ ଯେଉଁ ଧମକ ଦେଇଥିଲା ତାହାର ପରିସମାପ୍ତି ଘଟିଛି। ଏବେ ଆଉ ଏକ ନୂଆ କାହାଣୀ ବିଶ୍ୱକପ୍ ସହ ଯୋଡି ହୋଇଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଖେଳିବା ଲାଗି ଅନୁମତି ମିଳିଛି। କିନ୍ତୁ ଶ୍ରୀଲଙ୍କାର କଲମ୍ବୋଠାରେ ଫେବୃଆରୀ ୧୫ରେ ଭାରତ ସହ ହେବାକୁ ଥିବା ମ୍ୟାଚ୍‌ରେ ପାକିସ୍ତାନ ଖେଳିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ବୋମା ବିସ୍ଫୋରଣକୁ ନେଇ ସଦା ସର୍ବଦା ଚର୍ଚ୍ଚାରେ ରହୁଥିବା ପାକିସ୍ତାନ ବିଶ୍ୱକପ୍‌ରେ ଭାରତକୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇ ଆଉ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଏହି ନିଷ୍ପତ୍ତି ସମ୍ପର୍କରେ ପାକିସ୍ତାନ କ୍ରିକେଟ ବୋର୍ଡ ଏଯାଏ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ କିଛି ସୂଚନା ଦେଇନାହିଁ। ଏହା ମଧ୍ୟରେ ଶ୍ରୀଲଙ୍କାରେ ଆଜି ପାକିସ୍ତାନ ଦଳ ପହଞ୍ଚିଛି। ହାଇବ୍ରିଡ୍ ମଡେଲରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ପାକିସ୍ତାନ କଲମ୍ବୋରେ ଖେଳିବ। ଏହା ସତ୍ତ୍ୱେ ଭାରତ ସହ ନ ଖେଳିବାକୁ ଯେଉଁ ନିଷ୍ପତ୍ତି ନେଇଛି ସେଥିଲାଗି ଏହି ଦେଶକୁ କ୍ଷତି ସହିବାକୁ ପଡ଼ିପାରେ।

ପାକିସ୍ତାନ ସରକାରଙ୍କ 'ଏକ୍ସ'ରେ ଭାରତ ସହ ନ ଖେଳିବା ନିଷ୍ପତ୍ତି ଉପରେ ଆଇସିସି ପ୍ରତିକ୍ରିୟା ପ୍ରକାଶ କରିଛି। ପାକିସ୍ତାନର ଏଭଳି ନିଷ୍ପତ୍ତି ଯୋଗୁ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇସିସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାର ଅର୍ଥ ଭାରତ ସହ ନ ଖେଳିଲେ ପାକିସ୍ତାନକୁ ଦଣ୍ଡପ୍ରଦାନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ଦେଶର କ୍ରିକେଟ ବୋର୍ଡ ହେଉ କିମ୍ବା ସରକାରଙ୍କ ଯେତେବେଳେ ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆଇସିସି ଗ୍ରହଣ କରିପାରିବ ନାହିଁ। ଏହାକୁ ଗ୍ରହଣ କରିବା ଅର୍ଥ ଗ୍ଲୋବାଲ କ୍ରିକେଟ ଇଭେଣ୍ଟ ଉପରେ ଖରାପ ପ୍ରଭାବ ପଡ଼ିବ। ପାକିସ୍ତାନର ଏଭଳି ନିଷ୍ପତ୍ତି ବିଶ୍ୱ କ୍ରିକେଟର ସ୍ୱାର୍ଥବିରୋଧୀ ଓ ପାକିସ୍ତାନ ସମେତ ବିଶ୍ୱ କ୍ରିକେଟପ୍ରେମୀଙ୍କ କଲ୍ୟାଣ ଲାଗି ଉଦ୍ଦିଷ୍ଟ ନୁହେଁ।

### କ'ଣ ହୋଇପାରେ କାର୍ଯ୍ୟାନୁଷ୍ଠାନ

ବର୍ଷ ବର୍ଷ ଧରି ପ୍ରସ୍ତୁତି, ଯୋଜନା ଓ ବିପୁଳ ପରିମାଣର ଅର୍ଥ ବ୍ୟୟକରାଯାଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଶେଷ ମୁହୂର୍ତ୍ତରେ ଗୋଟିଏ ଦଳ ଯଦି ବୟକଟ ଭଳି ନିଷ୍ପତ୍ତି ନିଏ, ତେବେ ତାହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିଶ୍ଚିତ। ଭାରତ ସହ ମ୍ୟାଚ୍ ନ ଖେଳିବା ନିଷ୍ପତି ଯୋଗୁଁ ପାକିସ୍ତାନକୁ ଏହାର କୁପରିଣାମ ଭୋଗିବାକୁ ପଡ଼ିପାରେ। ଏହି ଘଟଣାରେ ଆଇସିସି କି ପଦକ୍ଷେପ ନେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହି ନିଷ୍ପତ୍ତି ଫଳରେ ପ୍ରଥମରେ ପାକିସ୍ତାନକୁ ଏସିଆ କପ୍‌ରୁ ବାସନ୍ଦ କରାଯାଇପାରେ। ଦ୍ୱିତୀୟରେ ପାକିସ୍ତାନ ସୁପର ଲିଗ୍ ଲାଗି ସଦସ୍ୟରାଷ୍ଟ୍ରଗୁଡିକ ସେମାନଙ୍କ ଖେଳାଳିଙ୍କୁ ଏନ୍‌ଓସି ନ ଦେବାକୁ କୁହାଯାଇପାରେ। ତୃତୀୟରେ ଆଇସିସିରୁ ପାକିସ୍ତାନକୁ ଯେଉଁ ଅନୁଦାନ ମିଳୁଛି ତାହାକୁ ପ୍ରତ୍ୟାହାର କରିନିଆଯାଇପାରେ। ଏହି ବିଶ୍ୱକପ୍‌ରେ ୫୫ଟି ମ୍ୟାଚ୍ ଖେଳାଯିବ। ଏହା ନିଃସନ୍ଦେହରେ ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ ମୁକାବିଲା ଏହା ମଧ୍ୟରେ ସର୍ବଶ୍ରେଷ୍ଠ। ମେଗା ଟୁର୍ଣ୍ଣାମେଣ୍ଟରେ ଭାରତ ଖେଳୁଥିବା ମ୍ୟାଚ୍‌ରୁ ଆଇସିସିକୁ ୧୦୦ କୋଟି ଟଙ୍କା ମିଳିଥାଏ। ପାକିସ୍ତାନ ସହ ମୁକାବିଲାରେ ଏହା ଦ୍ୱିଗୁଣିତ ହୋଇଯାଏ। ଏଣୁ ଫେବୃଆରୀ ୧୫ ମ୍ୟାଚ୍ ନ ହେଲେ ୨୦୦ କୋଟି ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଏହି ବିଶ୍ୱକପ୍‌କୁ ସଫଳ କରାଇବା ଆଇସିସି ଓ ଆୟୋଜକ ଦେଶଗୁଡିକର ଯେତିକି ଦାୟିତ୍ୱ ରହିଛି, ଠିକ୍ ପାକିସ୍ତାନ ସହ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କର ମଧ୍ୟ ଦାୟିତ୍ୱ ରହିଛି।

### ଆଇସିସି କିଛି କରିପାରିବ ନାହିଁ: ମନି

**ଲଣ୍ଡନ :** ଭାରତ ସହ ପାକିସ୍ତାନ ବିଶ୍ୱକପ୍ ମ୍ୟାଚ୍ ନ ଖେଳିଲେ ଆଇନଗତ ଭାବେ ଆଇସିସି କିଛି କରିପାରିବ ନାହିଁ ବୋଲି ଆଇସିସି ତଥା ପିସିବିର ପୂର୍ବତନ ସଭାପତି ପାକିସ୍ତାନର ଏହସାନ ମନି କହିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ ଚୁକ୍ତି ଅନୁଯାୟୀ ବିଶ୍ୱକପ୍‌ରେ ଖେଳୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପାକିସ୍ତାନ କ୍ରିକେଟ ବୋର୍ଡ କାମ କରୁଛି। ପୂର୍ବରୁ ପାକିସ୍ତାନରେ ଭାରତ ଖେଳିବ ନାହିଁ ବୋଲି ଭାରତ ସରକାରଙ୍କ ନିଷ୍ପତ୍ତିକୁ ଆଇସିସି ମାନିନେଇଥିଲା। ଏବେ ପାକିସ୍ତାନ ମଧ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭାରତ ସହ ଖେଳିବ ନାହିଁ। ଏଣୁ ଆଇସିସି ଏଥିଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ଦୋଷୀ ସାବ୍ୟସ୍ତ କରିପାରିବ ନାହିଁ ବୋଲି ମନି କହିଛନ୍ତି। ଏଣୁ ଆଇସିସି ଭାରତ ଲାଗି ଗୋଟିଏ ଓ ପାକିସ୍ତାନ ଲାଗି ଆଉ ଗୋଟିଏ ନିଷ୍ପତ୍ତି ନେବ ନାହିଁ। ସୂଚନାଯୋଗ୍ୟ, ଭାରତ ଗତ ୧୪ ବର୍ଷ ହେଲା ପାକିସ୍ତାନ ଗସ୍ତରେ ଯାଇନାହିଁ କିମ୍ବା ଏହି ଦଳ ସହ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳିନାହିଁ। ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ଚୟନ ବେଳକୁ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଖେଳସୂଚୀ ଘୋଷଣା ହେବା ପରେ ପାକିସ୍ତାନ ଭଳି ଭାରତ ଏକ ନିର୍ଦ୍ଦିଷ୍ଟ ଦେଶ ବିପକ୍ଷରେ ଖେଳିବାକୁ ମନାକରି ନାହିଁ। କିମ୍ବା ସରକାର ମନା କରିନାହାନ୍ତି।

### ୨୨୦୦ କୋଟି ଟଙ୍କାର କ୍ଷତି

ଆଇସିସି ଦ୍ୱାରା ଆୟୋଜିତ ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ୍ ଆୟୋଜିତ ନ ହେଲେ ଏହା ସହ ଜଡିତ ସଂଗଠନ ଓ ସଂସ୍ଥାଗୁଡିକର ୨୫୦ ନିୟୁତ ଡଲାର ବା ପାଖାପାଖି ୨୨୦୦ କୋଟି ଟଙ୍କା କ୍ଷତି ହେବ ବୋଲି କୁହାଯାଉଛି। ଏହି ମ୍ୟାଚ୍ ଆୟୋଜନ କରିବା ଲାଗି ଆଇସିସିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ବୋର୍ଡର ବୈଠକ ହେବ। ଭାରତ ମଧ୍ୟ ଫେବୃଆରୀ ୧୫ ତାରିଖ ମ୍ୟାଚ୍ ଲାଗି କଲମ୍ବୋ ଯିବ। ଏଣୁ ପାକିସ୍ତାନ ଭାରତ ସହ ନ ଖେଳିବାକୁ ନିଷ୍ପତ୍ତି ପରେ ବିପୁଳ ପରିମାଣରେ କ୍ଷତି ସହିବାକୁ ପଡ଼ିବ। ଆଇସିସିର ୨୦୦ କୋଟି ଟଙ୍କା ଓ ପ୍ରସାରଣକାରୀ ସଂସ୍ଥାର ୨୦୦ରୁ ୨୫୦ କୋଟି ଟଙ୍କା କ୍ଷତି ହେବ ବୋଲି ଆକଳନ କରାଯାଇଛି। ଏହି ମ୍ୟାଚ୍‌ରେ ୧୦ ସେକେଣ୍ଡର ବିଜ୍ଞାପନ ଲାଗି ୪୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଘଟଣା ପରେ ବିସିସିଆଇର ମିଡିଆ ଲାଇଭ୍ ଷ୍ଟ୍ରିମିଂ ସଂସ୍ଥା ଜିଓହଟ୍‌ଷ୍ଟାର ୩୦୦ କୋଟି ଟଙ୍କାରେ ଯେଉଁ ପ୍ରସାରଣ ଅଧିକାର ପାଇଥିଲା ତାହାକୁ ପୁନଃମୂଲ୍ୟାୟନ କରିବ ବୋଲି ନୋଟିସ୍ ଦେଇଛି। ମ୍ୟାଚ୍ ନହେଲେ ପାକିସ୍ତାନ କ୍ରିକେଟ ବୋର୍ଡକୁ ଦିଆଯିବାକୁ ଥିବା ଆର୍ଥିକ ଅନୁଦାନକୁ ବନ୍ଦ କରାଯାଇପାରେ। ଏହାର ପରିମାଣ ଜଣାଯାଇନାହିଁ। ପାକସ୍ତାନ କ୍ରିକେଟ ବୋର୍ଡର ବାର୍ଷିକ ଆୟ ପାଖାପାଖି ୩୨୫ କୋଟି ଟଙ୍କା। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ମ୍ୟାଚ୍‌ରେ ଏହାର ୫ଗୁଣ ଅର୍ଥ ବା ପାଖାପାଖି ୨୨୭୫ କୋଟି ଟଙ୍କା ହୋଇଥାଏ। ବିଶ୍ୱରେ ଏହି ମ୍ୟାଚ୍‌କୁ କୋଟି କୋଟି ଦର୍ଶକ ଦେଖିଥାନ୍ତି। ଏହି ମ୍ୟାଚ୍ ବାତିଲ ହେଲେ ଆୟୋଜକ ଆଇସିସି, ପ୍ରସାରଣକାରୀ ସଂସ୍ଥା, ପ୍ରାୟୋଜକଙ୍କର ବିପୁଳ କ୍ଷତି ହେବ। ସେହିପରି ଆଇସିସିର ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବ।

### ଡବ୍ଲ୍ୟୁପିଏଲ୍ ଏଲିମିନେଟର୍ ଆଜି

## କ୍ରମାଗତ ୪ର୍ଥ ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ

ଭଦୋଦରା, ୨।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍) ଅନ୍ତିମ ଚରଣରେ ପହଞ୍ଚିଛି। ମଙ୍ଗଳବାର ଲିଗ୍‌ର ଏକମାତ୍ର ଏଲିମିନେଟର୍ ମୁକାବିଲା ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚର ବିଜେତା ଫେବୃଆରୀ ୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହ ଫାଇନାଲ ଖେଳିବ। ପୂର୍ବରୁ ପଏଣ୍ଟ ଟେବଲ୍‌ର ଶୀର୍ଷରେ ରହି ଆର୍‌ସିବି ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା। ତେଣୁ ଏହି ଏଲିମିନେଟର୍ ମ୍ୟାଚ୍ ଉଭୟ ଗୁଜରାଟ ଓ ଦିଲ୍ଲୀ ପାଇଁ ସେମିଫାଇନାଲ ସଦୃଶ ହୋଇଛି। ଉଭୟ ଦଳ ବିଜୟ ଲକ୍ଷ୍ୟରେ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବେ। ଯଦି ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀ ବିଜୟୀ ହୁଏ ତେବେ ଲିଗ୍ ଇତିହାସର ପ୍ରଥମ ଦଳ ଭାବେ ସମସ୍ତ ୪ଟି ଯାକ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ପୂର୍ବ ୩ଟି ସଂସ୍କରଣରେ ଦିଲ୍ଲୀ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପ୍ରତ୍ୟେକଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ଦିଲ୍ଲୀକୁ ହରାଇ ଗୁଜରାଟ ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି।

ମ୍ୟାଚ୍ ଆରମ୍ଭ : ରାତି ୭ଟା ୩୦
ସ୍ଥାନ: ଭଦୋଦରା
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ଅଷ୍ଟ୍ରେଲିଆ-ଇଂଲଣ୍ଡ ସେମି ଆଜି

ବୁଲାୱାୟୋ,୨।୨(ଏଜେନ୍ସି): ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲିଠାରୁ ଖେଳାଯିବ। ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ସହ ଇଂଲଣ୍ଡର ଓ ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତ ୫ଟି ଯାକ ମ୍ୟାଚ୍ ଜିତିବା ସହ ଅପରାଜେୟ ରହି ସେମିରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରେ ବେଶ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ବିଶେଷ କରି ଓପନର ନିତେଶ ସାମୁଏଲ୍ ୭୭, ୬୦ ଓ ୫୬ ରନ୍ କରିଛନ୍ତି। ଅଧିନାୟକ ଅଲିଭର ପିକ୍ ମଧ୍ୟ ଭଲ ଫର୍ମରେ ଅଛନ୍ତି। ସେହିପରି ବୋଲିଂରେ ଚାର୍ଲସ ଲାଚମଣ୍ଡ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୨ଟି ୱିକେଟ ନେଇଥିଲାବେଳେ ୱିଲ ବାଇରମ୍ ତାଙ୍କୁ ଉପଯୁକ୍ତ ସହାୟତା ଦେଇଛନ୍ତି। ଇଂଲଣ୍ଡ ପକ୍ଷରୁ ବ୍ୟାଟିଂରେ ବେନ୍ ମାୟେସ ଓ ବୋଲିଂରେ ମ୍ୟାନି ଲୁମ୍‌ସଡେନ୍ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି। ଆଟାକିଂ ଖେଳ ଲାଗି ଖ୍ୟାତି ଅର୍ଜନ କରିଥିବା ଇଂଲଣ୍ଡ ଦଳ ଏଯାଏ ଖେଳିଥିବା ସମସ୍ତ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବିଜୟୀ ହୋଇଛି।

## ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ଭାଗନେବେ ୮ଟି ଦଳ

**ଭୁବନେଶ୍ୱର,୨।୨(ସମିସ):** ସମ୍ମାନଜନକ ରାଜ୍ୟସ୍ତରୀୟ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୮ରୁ ଅନୁଷ୍ଠିତ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ତମାଣ୍ଡୋସ୍ଥିତ ନିଜସ୍ୱ ଖେଳ ପଡ଼ିଆରେ ଏହି ପ୍ରତିଯୋଗିତା ୨୧ ତାରିଖଯାଏ ଚାଲିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ୮ଟି ଦଳକୁ ନେଇ ହେଉଥିବା ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ପ୍ରତିଷ୍ଠିତ ଖେଳାଳିମାନେ ଅଂଶଗ୍ରହଣ କରିବେ। ନିଲାମି ଭିତ୍ତିରେ ଗଠନ କରାଯାଇଥିବା ଅଂଶଗ୍ରହଣକାରୀ ଦଳଗୁଡିକ ହେଲେ, ଭୁବନେଶ୍ୱର ଓ ଆଖପାଖର ୟୁବି ରକ୍‌ଷ୍ଟାର, ମାଇଟ୍ ୟଙ୍ଗ୍‌ଷ୍ଟାର, ଆଦିତ୍ୟ ଏକାଦଶ, ବିଜେତା ୱାରିୟର, ସମ୍ବଲପୁରର ଏମ୍‌ଏମ୍‌ସିସି, ବ୍ରହ୍ମପୁରର ରୟାଲ ଚ୍ୟାଲେଞ୍ଜର, କାକଟପୁରର ମା ମଙ୍ଗଳା କ୍ରିକେଟ କ୍ଲବ୍ ଓ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍। ଚାମ୍ପିଅନ ଦଳକୁ ତମାଣ୍ଡୋ କପ୍ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହା ସହ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ୍ ଅଫ୍ ଦି ଫାଇନାଲ, ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ସଭାପତି ଆଶିଷ ପଟ୍ଟନାୟକ ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଡ୍ର: ରାଜସ୍ଥାନ-୩; ଓଡ଼ିଶା-୧

ଭୁବନେଶ୍ୱର, ୨।୨ (ସମିସ): ଜୟପୁରର କେଏଲ୍ ସାଇନି ଷ୍ଟାଡିୟମରେ ଘରୋଇ ରାଜସ୍ଥାନ ଓ ଓଡ଼ିଶା ମଧ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚରେ ରାଜସ୍ଥାନ ପ୍ରଥମ ପାଳିରେ ୩୫୫ ରନ କରିଥିବାବେଳେ ଓଡ଼ିଶା ୩୪୬ ରନରେ ସୀମିତ ରହିଥିଲା। ଏହାପରେ ୯ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ରାଜସ୍ଥାନ ଦ୍ୱିତୀୟ ପାଳି ଆରମ୍ଭ କରି ସୋମବାର ଅନ୍ତିମ ତଥା ୪ର୍ଥ ଦିବସରେ ୫ ୱିକେଟ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଆରଏସ୍ ଶର୍ମା ଅପରାଜିତ ୧୦୧ ରନ କରିଥିଲେ। ମ୍ୟାଚର ଫଳାଫଳ ନ ବାହାରିବା ସ୍ପଷ୍ଟ ହେବାପରେ ଦୁଇ ଦଳର ଅଧିନାୟକ ଡ୍ର ରଖିବାକୁ ନିଷ୍ପତ୍ତି ନେଇଥିଲେ। ପାଳି ଅଗ୍ରଣୀ ଲାଗି ରାଜସ୍ଥାନ ୩ ପଏଣ୍ଟ ଓ ଓଡ଼ିଶାକୁ ୧ ପଏଣ୍ଟରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଓଡ଼ିଶା ଏଥିସହ ୫ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ଡ୍ର ଏବଂ ଗୋଟିଏ ପରାଜୟ ସହିତ ୪୩ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ରାଜସ୍ଥାନ ୫୩ ପଏଣ୍ଟ ସହ ମୁମ୍ବଇ (୫୭) ପଛକୁ ଏଲିଟ୍ ଗ୍ରୁପ୍-ବି'ରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ବେଙ୍ଗଲକୁ ଭେଟିବ। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଗୁରୁବାରଠାରୁ ଏହି ମ୍ୟାଚ୍ ଆରମ୍ଭ ହେବ।

## ସର୍ବଭାରତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୧୯ ପଦକ




**ଭୁବନେଶ୍ୱର, ୨।୨ (ସମିସ):** ଡେରାଡୁନରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ପେଞ୍ଚକ ସିଲାଟ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିମାନେ ୧୯ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ଜାନୁଆରୀ ୨୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ଜଣ ଖେଳାଳି ଭାଗନେଇଥିଲେ। ସେହିଭଳି ପ୍ରେମ ସିଂ ଥାପ୍ପା ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି କ୍ରୀଡ଼ାବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ଡକ୍ଟର ୟେଦୁଲ୍ଲା ବିଜୟ, ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଧୀରଜ କୁମାର ପଟ୍ଟନାୟକ, ଓଡ଼ିଶା ପେଞ୍ଚାକ ସଂଘ ସଭାପତି ତାପସ କୁମାର ରାୟଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅର୍ଦ୍ଧଶତକରେ ବିରାଟଙ୍କ ରେକର୍ଡ ଭାଙ୍ଗିଲେ ବାବର

ଗଦ୍ଦାଫି, ୨।୨ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜକୁ ପାକିସ୍ତାନ ୩-୦ରେ କ୍ଲିନସୁଇପ୍ କରିନେଇଛି। ଗତକାଲି ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ରେ ପାକିସ୍ତାନ ୧୧୧ ରନରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୬ ୱିକେଟରେ ୨୦୭ ରନ କରିଥିଲା। ସଇମ ଆୟୁବ ୫୬ ଓ ବାବର ଆଜାମ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଅଷ୍ଟ୍ରେଲିଆ ମାତ୍ର ୯୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ମ୍ୟାଚରେ ଅର୍ଦ୍ଧଶତକ ସହ ୩୧ ବର୍ଷୀୟ ବାବର ବିଶ୍ୱକପ୍ ପୂର୍ବରୁ ଫର୍ମକୁ ଫେରିଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ବାବରଙ୍କ ଏହା ୧୩୯ତମ ମ୍ୟାଚରୁ ୩୯ତମ ଅର୍ଦ୍ଧଶତକ ଥିଲା। ଏହି ଅବସରରେ ସେ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ୩୮ଟି ଅର୍ଦ୍ଧଶତକ ମାରି ବିରାଟ ଏହି ରେକର୍ଡର ଅଧିକାରୀ ରହିଥିଲେ। ରୋହିତ ଶର୍ମା (୩୨ଟି), ମହମ୍ମଦ ରିଜୱାନ (୩୧) ଓ ଡେଭିଡ୍ ୱାର୍ଣ୍ଣର (୨୯) ଏହି ତାଲିକାରେ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

### ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍

## ମାତୃତ୍ୱ ଲାଭ ପରେ ବେନସିକ୍, ସ୍ୱିତୋଲିନାଙ୍କୁ ଐତିହାସିକ ଟପ୍-୧୦ ମାନ୍ୟତା



ଫ୍ଲୋରିଡା, ୨।୨ (ଏଜେନ୍ସି): ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଲିଣ୍ଡା ବେନସିକ୍ ଓ ଏଲିନା ସ୍ୱିତୋଲିନାଙ୍କ ବିଶ୍ୱ ମାନ୍ୟତାରେ ବୃଦ୍ଧି ଘଟିଛି। ସେମିଫାଇନାଲରୁ ବିଦାୟ ନେଇଥିବା ଏଲିନା ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ୨ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ସେହିଭଳି ୨୮ ବର୍ଷୀୟା ବେନସିକ ୯ମ ସ୍ଥାନରେ ପହଞ୍ଚିଛନ୍ତି। ଫଳରେ ମହିଳା ଟେନିସ ଇତିହାସରେ ଏଲିନା ଓ ବେନସିକ୍ ପ୍ରଥମ ଖେଳାଳି ହୋଇଛନ୍ତି ଯିଏକି ମାତୃତ୍ୱ ଲାଭ ପରେର ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗର ଟପ୍-୧୦ରେ ପ୍ରବେଶ କରିଛନ୍ତି। ୩୧ ବର୍ଷୀୟା ଏଲିନା ୨୦୨୨ରେ ଝିଅ ସ୍କାଇକୁ ଜନ୍ମ ଦେଇଥିଲେ। ସେହିଭଳି ବେନସିକ ମଧ୍ୟ ୨୦୨୪ ଏପ୍ରିଲରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଏହାପରେ ସେ ୧୧ ମାସର ମାତୃତ୍ୱ ବିରତି ପରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ସର୍ବଭାରତୀୟ ଆନ୍ତଃଜୋନାଲ ମହିଳା ହକି

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ; କିଟ୍‌କୁ ରୌପ୍ୟ



ଭୁବନେଶ୍ୱର, ୨।୨ (ସମିସ)

କିଟ୍‌ସ୍ଥିତ ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃଜୋନାଲ ବିଶ୍ୱବିଦ୍ୟାଳୟ ମହିଳା ହକି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳକୁ ସୁଟ୍‌ଆଉଟ୍‌ରେ ୨-୩ ଗୋଲରେ ପରାସ୍ତ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ଏହି ଅଲ୍‌ଓଡ଼ିଶା ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶେଷରେ ଫଳାଫଳ ପାଇଁ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ବାଜିମାତ୍ କରି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲା। ସେହିଭଳି ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଆଇଟିଏମ୍ (ଗ୍ୱାଲିଅର)କୁ ହରାଇ କାଂସ୍ୟ ପଦକ ବିଜୟୀ ହୋଇଛି। ହକି ଆସୋସିଏସନର ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମମତାରାଣୀ ଅଗରୱାଲ, ଡି. ଗଗନେନ୍ଦୁ ଦାସ, ରେଜିଷ୍ଟ୍ରର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

### ବିଶ୍ୱକପ୍ ୱାର୍ମ ଅପ୍ ମୁକାବିଲା

## ଭାରତ-ଏ'ର ସହଜ ବିଜୟ

ବେଙ୍ଗାଲୁରୁ,୨।୨(ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆଜିଠାରୁ ବିଭିନ୍ନ ଅଂଶଗ୍ରହଣକାରୀ ଦଳ ମଧ୍ୟରେ ୱାର୍ମ ଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଆଜିର ପ୍ରଥମ ମୁକାବିଲାରେ ଆଫଗାନିସ୍ତାନ ୬୧ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଡାରୱିସ ରସୁଲିଙ୍କ ୮୪ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୮୪ ରନ୍ କରିଥିଲା। ଜବାବରେ ସ୍କଟଲାଣ୍ଡ ୧୯.୩ ଓଭରରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତାକାଲି ଏଠାରେ ଏକତ୍ରିତ ହେବେ। ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଆସନ୍ତା ଗୁରୁବାର ଦକ୍ଷିଣ ଆଫ୍ରିକା ସହ ଭାରତ ଏକମାତ୍ର ୱାର୍ମ ଅପ୍ ମ୍ୟାଚ୍ ଖେଳିବ।

### ଜଗଦୀଶନଙ୍କ ଶତକ, ଖେଳିଲେ ତିଲକ ବର୍ମା

ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆମେରିକା ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଭାରତ-ଏ'ର ଏନ୍ ଜଗଦୀଶନ ଶତକ ହାସଲ କରିଛନ୍ତି। ସେ ୫୨ ବଲ୍‌ରେ ଶତକ ପୂରଣ କରିବା ପରେ ୫୪ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ସହ ୧୦୪ ରନ୍‌ରେ ଆଉଟ ହୋଇଥିଲେ। ଅଧିନାୟକ ଆୟୁଷ ବଦୋନି ୨୬ ବଲ୍‌ରେ ଅପରାଜିତ ୬୦ ଓ ମାସକ ପରେ ମ୍ୟାଚ୍ ଖେଳିଥିବା ତିଲକ ବର୍ମା ୨୪ ବଲ୍‌ରେ ୩୮ ରନ୍ କରିଥିଲେ। ଏମାନଙ୍କ ସଫଳତା ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୩୮ ରନ୍ କରିଥିଲା। ଜବାବରେ ଆମେରିକା ୧୯.୪ ଓଭରରେ ୨୦୦ ରନ୍ କରି ୩୮ ରନ୍‌ରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆଣ୍ଡ୍ରିଆସ ଗୋସ୍ ସର୍ବାଧିକ ୪୪, ସଞ୍ଜୟ କୃଷ୍ଣମୂର୍ତ୍ତି ୪୧, ଶୁଭମ ରଞ୍ଜନେ ୨୮, ହରମିତ ସିଂହ ୯ ବଲ୍‌ରେ ୨୫ ରନ୍ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ନମନ ଧୀର ୨ଟି ଲେଖାଏଁ ୱିକେଟ ପାଇଥିଲେ।



**ଅବଶିଷ୍ଟ ୱାର୍ମଅପ୍ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୩।୨ | ଶ୍ରୀଲଙ୍କା-ଓମାନ | କଲମ୍ବୋ | ଦିନ ୧ଟା |
| ୩।୨ | ନେଦରଲାଣ୍ଡସ-ଜିମ୍ବାୱେ | କଲମ୍ବୋ | ଦିନ ୩ଟା |
| ୩।୨ | ନେପାଳ-ୟୁଏଇ | ଚେନ୍ନଇ | ସନ୍ଧ୍ୟା ୫ଟା |
| ୪।୨ | ନାମିବ୍ୟା-ସ୍କଟଲାଣ୍ଡ | ବେଙ୍ଗାଲୁରୁ | ଦିନ ୧ଟା |
| ୪।୨ | ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ୍ | ବେଙ୍ଗାଲୁରୁ | ଦିନ ୩ଟା |
| ୪।୨ | ପାକିସ୍ତାନ-ଆୟର୍ଲାଣ୍ଡ | କଲମ୍ବୋ | ସନ୍ଧ୍ୟା ୫ଟା |
| ୪।୨ | ଭାରତ-ଦକ୍ଷିଣ ଆଫ୍ରିକା | ମୁମ୍ବଇ | ରାତି ୭ଟା |
| ୫।୨ | ଓମାନ-ଜିମ୍ବାୱେ | କଲମ୍ବୋ | ପୂର୍ବାହ୍ଣ ୧୧ଟା |
| ୫।୨ | କାନାଡା-ନେପାଳ | ଚେନ୍ନଇ | ଦିନ ୧ଟା |
| ୫।୨ | ଅଷ୍ଟ୍ରେଲିଆ-ନେଦରଲାଣ୍ଡସ | କଲମ୍ବୋ | ସନ୍ଧ୍ୟା ୫ଟା |
| ୫।୨ | ନ୍ୟୁଜିଲାଣ୍ଡ-ଆମେରିକା | ମୁମ୍ବଇ | ରାତି ୭ଟା |
| ୬।୨ | ଇଟାଲୀ-ୟୁଏଇ | ଚେନ୍ନଇ | ଦିନ ୩ଟା |
| ୬।୨ | ଭାରତ-ଏ'-ନାମିବ୍ୟା | ବେଙ୍ଗାଲୁରୁ | ରାତି ୭ଟା |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS